ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ’ ୧/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Monday, May 1/2023 | Page 16 | ₹ 7.00

୪୯ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 156 | ମୂଲ୍ୟ ₹୭/-








# ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ

***ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କଠିନ ପରିଶ୍ରମ କରି ଡିଗ୍ରୀ ହାସଲ କରିଥିବା ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା କିମ୍ବା ଚାକିରିଟିଏ ପାଇବାରୁ ବଞ୍ଚିତ ହେଉଛନ୍ତି। ହେଲେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଏନ୍‌ଇଇଟିରେ କେତେଜଣ ପିଲା ଡାକ୍ତରୀ ପାଠ ପଢୁଛନ୍ତି। ଏପରି କି ଜଣେ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରିଥିବାବେଳେ ଆଉ ୨ଜଣ ଏବେ ବର୍ଷିକିଆ ହାଉସ୍ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଆୟୁର୍ବେଦ ଡାକ୍ତରୀପାଠ ପଢ଼ିବା ପାଇଁ ଏନ୍‌ଇଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ତାଲିକାଭୁକ୍ତ ହେବା ଜରୁରୀ ଥିବାବେଳେ ଏଠାରେ ବିନା ଏନ୍‌ଇଇଟି ପରୀକ୍ଷାରେ କିପରି ପିଲାମାନେ ପ୍ରମାଣପତ୍ର ପାଇପାରୁଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପଛରେ ଏକ ବଡ଼ ର୍‌ୟାକେଟ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି।***

### ଚର୍ଚ୍ଚାରେ ଗୋପବନ୍ଧୁ ଆୟୁର୍ବେଦ କଲେଜ



**ଖୋର୍ଦ୍ଧା ଅଫିସ,୩୦।୪**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୨୦–୨୧ ବ୍ୟାଚ୍‌ରେ ବିନା ଏନ୍‌ଇଇଟିରେ ୨ଜଣ ଛାତ୍ରୀଛାତ୍ର ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ନେଇ ଏକ ଖବର ଗତ ଜାନୁୟାରୀ ୧୦ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଉକ୍ତ ଘଟଣାକୁ ୩ମାସ ବିତିଥିବାବେଳେ ଆୟୁଷ ନିର୍ଦ୍ଦେଶକ ନିକଟରେ ଏହାର ଯାଞ୍ଚ ଆରମ୍ଭ କରିଛନ୍ତି। ତଦନ୍ତରେ ଶିଥିଳତା କାରଣରୁ ଏହାର ଅଗ୍ରଗତି ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ବିନା ଏନ୍‌ଇଇଟିରେ ୨୦୧୬ରେ ଜଣେ ଛାତ୍ରୀ ନାମ ଲେଖାଇ ପାସ୍ କରିଥିବାବେଳେ ୨୦୧୭ରେ ଦୁଇଜଣ ଛାତ୍ରୀଛାତ୍ର ପାଠପଢା ପରେ ଏକବର୍ଷିଆ ହାଉସ ସର୍ଜନ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ର୍‌ୟାକେଟ ପଛରେ କଲେଜଠାରୁ ଆରମ୍ଭ କରି ଆୟୁଷ ବିଭାଗର କେତେଜଣ ଅଧିକାରୀଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ଏହି କଲେଜର ନାମଲେଖା କେଳେଙ୍କାରୀ ନେଇ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ପୁରୀ ସଚେତନ ନାଗରିକ ମଞ୍ଚ ଆବାହକ ପ୍ରସନ୍ନ କୁମାର ଦାସ ଗତ ୫ତାରିଖରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬ରେ ଜଣେ ଛାତ୍ରୀ ଏବଂ ୨୦୧୭ରେ ୨ଜଣ ଛାତ୍ରୀଛାତ୍ର ବିନା ଓଜେଇ ଏବଂ ଏନ୍‌ଇଇଟି ର୍‌ୟାଙ୍କରେ ଏଠାରେ ପାଠ ପଢ଼ିଥିବା ଜଣାପଡିଛି। ୨୦୧୬ ଓ ୨୦୧୭ ବର୍ଷରେ ଓଜେଇ ପକ୍ଷରୁ ପ୍ରକାଶିତ ଫଳାଫଳ ତାଲିକାରେ ଉକ୍ତ ୩ଜଣଙ୍କ ନାମ ଉଲ୍ଲେଖ ନାହିଁ। କଲେଜ କର୍ତ୍ତୃପକ୍ଷ ୩୧।୮।୨୦୨୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଚିଠି କ୍ରମାଙ୍କ ଇସି–୧/୧୧୦୭୮/୧୫।୭।୨୨ ଅନୁସାରେ ବିଏଏମ୍‌ଏସ୍(ଆୟୁର୍ବେଦାଚାର୍ଯ୍ୟ)–୨୦୨୦ରେ ୨୯ଜଣ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାଇଥିଲେ। ☞ପୃଷ୍ଠା–୪

# ବିଷାକ୍ତ ଗ୍ୟାସ୍ ଲିକ୍: ୧୧ ମୃତ

- ମୃତକଙ୍କ ମଧ୍ୟରେ ୨ ନାବାଳକ
- ଗ୍ୟାସ୍ ଲିକ୍‌ର କାରଣ ଖୋଜୁଛି ଏନ୍‌ଡିଆର୍‌ଏଫ୍

**ଲୁଧିଆନା,୩୦।୪**

ପଞ୍ଜାବର ଲୁଧିଆନା ଜିଲା ଗେସ୍‌ପୁରା ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରିରେ ରବିବାର ସକାଳେ ବିଷାକ୍ତ ଗ୍ୟାସ୍ ଲିକ୍ ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ମହିଳା ୪ ପୁରୁଷ ଏବଂ ୨ ଜଣ ନାବାଳକ ଅଛନ୍ତି। ଦୁଇ ପିଲାଙ୍କ ବୟସ ୧୦ ଓ ୧୩ ବର୍ଷ ହେବ। ଏହାର ପ୍ରଭାବରେ ଅସୁସ୍ଥ ହୋଇପଡ଼ିଥିବା ଅନ୍ୟ କେତେଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାରକାରୀ ଦଳ, ଡାକ୍ତରୀ ଟିମ୍, ଆମ୍ବୁଲାନ୍ସ ଓ ଅଗ୍ନିଶମ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇଛି। ସେହିପରି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଏକ ୫୦ ଜଣିଆ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍‌ର କାରଣ ଖୋଜୁଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ଅଭିହିତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ☞ପୃଷ୍ଠା–୪






### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ’ ୧ ତାରିଖ ସୋମବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ’ ୩ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

**ଅନ୍ୟାୟ ସଙ୍ଗେ କୁସ୍ତି**

## ଅଜିତ କୁମାର ମହାନ୍ତି ଆଟମିକ୍ ଏନର୍ଜି କମିଶନ ଅଧକ୍ଷ

### ଓଡ଼ିଆ ବୈଜ୍ଞାନିକଙ୍କୁ ଦେଶର ବଡ଼ ଦାୟିତ୍ୱ



**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ଆଉଜଣେ ଓଡ଼ିଆ ବୈଜ୍ଞାନିକଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର୍‌ର ନିର୍ଦ୍ଦେଶକ ଥିବା ଡ. ଅଜିତ କୁମାର ମହାନ୍ତିଙ୍କୁ ଆଟମିକ୍ ଏନର୍ଜି କମିଶନ ଅଧ୍ୟକ୍ଷ ସହ ଆଣବିକ ଶକ୍ତି ବିଭାଗର ସଚିବ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଏନେଇ ଅନୁମୋଦନ ଦେଇଛି। ୨୦୨୫ ଅକ୍ଟୋବର ୧୦ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ରବିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

ଡ. ମହାନ୍ତି ୨୦୧୯ରୁ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ୧୩ତମ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ୧୯୫୯ ଜନ୍ମିତ ଡ. ମହାନ୍ତି ୧୯୭୯ରେ ବାରିପଦାସ୍ଥିତ ଏମ୍. ପି. ସି. କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଏବଂ ୧୯୮୧ରେ କଟକସ୍ଥିତ ରେଭେନ୍‌ଶା କଲେଜରୁ ସ୍ନାତକୋତ୍ତର କରିଥିଲେ। ଏହାପରେ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ଟ୍ରେନିଙ୍ଗ୍ ସ୍କୁଲରୁ ୨୬ତମ ବ୍ୟାଚ୍‌ରେ ସ୍ନାତକ ହାସଲ କରି ୧୯୮୩ରେ ଉକ୍ତ ସେଣ୍ଟରର ‘ନ୍ୟୁକ୍ଲିୟର୍ ଫିଜିକ୍ସ ଡିଭିଜନ’ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାଛଡ଼ା ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ସେ ଡକ୍ଟରେଟ ପାଇଥିଲେ।







# ‘ଦି କେରଳା ଷ୍ଟୋରି’ : ରିଲିଜ୍ ପୂର୍ବରୁ ଝଡ଼

### ସଂଘ ପରିବାରର ପ୍ରୋପାଗଣ୍ଡା: ମୁଖ୍ୟମନ୍ତ୍ରୀ ପି. ବିଜୟନ୍






- ନିଷେଧାଦେଶ ଦାବିକଲେ କେରଳର ଶାସକ-ବିରୋଧୀ
- ରାଜ୍ୟ ଓ ମୁସଲମାନ ସମ୍ପ୍ରଦାୟକୁ ବଦ୍‌ନାମ କରିବାକୁ ଉଦ୍ଦିଷ୍ଟ
- ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୩୦।୪

‘ଦି କଶ୍ମୀର ଫାଇଲ୍ସ’ ପରେ ଆଉ ଏକ ଭାରତୀୟ ସିନେମା ‘ଦି କେରଳା ଷ୍ଟୋରି’କୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ମେ’ ୫ରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମର ଟିଜର ଏପ୍ରିଲ ୨୬ରେ ସାମାଜିକ ଗଣମାଧ୍ୟମରେ ରିଲିଜ୍ ହୋଇସାରିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହା ଉପରେ ଦେଶବ୍ୟାପୀ ନିଷେଧାଦେଶ ଜାରି ପାଇଁ ଦାବି କରିଛନ୍ତି। ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ତଥା ବିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ଏହି ହିନ୍ଦୀଭାଷୀ ଫିଲ୍ମରେ ମୁସଲମାନ ସମ୍ପ୍ରଦାୟକୁ ନ୍ୟୁନ ଦେଖାଇବାକୁ ଯାଇ ମିଥ୍ୟା କାହାଣୀକୁ ନେଇ ସିନେମା ନିର୍ମାଣ କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତା ତଥା କେରଳ ବିଧାନସଭାର ବିରୋଧୀ ଦଳ ନେତା ଭି.ଡି ସତିଶାନ୍ କହିଛନ୍ତି, ‘ଦି କେରଳା ଷ୍ଟୋରି’ରେ କେବଳ ମିଛ ଭରି ରହିଛି। ୩୨,୦୦୦ ହିନ୍ଦୁ ଓ ଖ୍ରିଷ୍ଟିଆନ୍ ମହିଳାଙ୍କୁ ଧର୍ମାନ୍ତରିତ କରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଦଖଲରେ ଥିବା ଅଞ୍ଚଳକୁ ପଠାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟରୁ ନିଖୋଜ ହୋଇଯାଇଥିବା ଏହି ମହିଳାମାନଙ୍କୁ ଇରାକ୍ ଏବଂ ସିରିଆରେ ଆତଙ୍କବାଦୀ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଏଥିରେ ଦର୍ଶାଯାଇଛି। ଏହାର ଟ୍ରେଲର ଫିଲ୍ମ ସମ୍ପର୍କରେ ଅନେକ ସଙ୍କେତ ଦେଉଛି। କେରଳ ଓ ମୁସଲମାନ ସମ୍ପ୍ରଦାୟକୁ ନିନ୍ଦିତ କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏଥିରେ ଉଦ୍ୟମ କରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଟ୍ରେଲର ରିଲିଜ୍ ପରେ ଫିଲ୍ମକୁ ବ୍ୟାନ୍ ଦାବିରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିବେକ ଅଗ୍ନିହୋତ୍ରୀଙ୍କ ‘ଦି କଶ୍ମୀର ଫାଇଲ୍ସ’ ସହ ଏହାକୁ ତୁଳନା କରାଯାଉଛି। କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍ ମଧ୍ୟ ରବିବାର ‘ଦି କେରଳା ଷ୍ଟୋରି’କୁ ସଂଘ ପରିବାରର ପ୍ରୋପାଗଣ୍ଡା (ଜନମତକୁ ପ୍ରଭାବିତ କରିବା ପାଇଁ ପ୍ରଚାର) ଭାବେ ଅଭିହିତ କରିଛନ୍ତି। ଫିଲ୍ମରେ କେରଳକୁ ଧର୍ମୀୟ କଟ୍ଟରବାଦର କେନ୍ଦ୍ର ଭାବେ ଉପସ୍ଥାପନ କରି ‘ଲଭ୍ ଜିହାଦ୍’ ପ୍ରସଙ୍ଗ ଉଠାଯାଇଛି। ‘ଲଭ୍ ଜିହାଦ୍’ ଧାରଣାକୁ କୋର୍ଟ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଥିବାବେଳେ ଏହି ହିନ୍ଦୀ ଫିଲ୍ମରେ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟକୁ ବଦନାମ ଉଦ୍ୟମ କରାଯାଇଛି ବୋଲି ବିଜୟନ୍ କହିଛନ୍ତି। ସେ ଏହାକୁ ସାମ୍ପ୍ରଦାୟିକ ଧ୍ରୁବୀକରଣ ଓ ମୁସଲମାନ ବିରୋଧୀ ଆଖ୍ୟା ଦେଇଛନ୍ତି। ଶାସକ ସିପିଆଇଏମ୍ ଏବଂ ବିରୋଧୀ କଂଗ୍ରେସ ଏକସ୍ୱରରେ କହିଛନ୍ତି, ଅଭିବ୍ୟକ୍ତି ସ୍ୱାଧୀନତା ସମାଜରେ ବିଷ ଓକାଳିବା ପାଇଁ ଲୋକଙ୍କୁ ନୀରବ କରାଇବା ଲାଗି ଉଦ୍ଦିଷ୍ଟ ନୁହେଁ। ଏହି ଫିଲ୍ମ କେରଳରେ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ କରିବ ବୋଲି ଦୁଇ ଦଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର କହିଛନ୍ତି, ‘ଦି କେରଳା ଷ୍ଟୋରି’ ତୁମ ଷ୍ଟୋରି ହୋଇଥିବ। ଏହା ଆମ କେରଳର କାହାଣୀ ନୁହେଁ।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମଧ୍ୟ ଫିଲ୍ମରେ ମୁସଲମାନ ସମ୍ପ୍ରଦାୟକୁ ଅନୁଚିତ ଢଙ୍ଗରେ ଉପସ୍ଥାପନ କରାଯାଇଥିବା ଅଭିଯୋଗ ଆଣି ଘୃଣା ବିସ୍ତାର କରିବା ଏହାର ଅଭିସନ୍ଧି ବୋଲି କହିଛି। ଅନ୍ୟପକ୍ଷେ ଅଦା ଶର୍ମାଙ୍କ ଅଭିନୀତ ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକ ଏହାକୁ ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଇଛନ୍ତି।

## ନୂଆ ସଚିବାଳୟ ଲୋକାର୍ପଣ କଲେ କେସିଆର୍



### ଆମ୍ବେଡ୍‌କରଙ୍କ ଆଦର୍ଶରେ ସରକାର ଚାଲିବା ଉଚିତ

ହାଇଦ୍ରାବାଦ,୩୦।୪

ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଡ୍‌କରଙ୍କ ନାମାନୁସାରେ ତେଲଙ୍ଗାନାର ନୂଆ ସଚିବାଳୟର ନାମକରଣ କରାଯାଇଛି। ଜନ ପ୍ରତିନିଧିମାନେ ଓ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ଭାରତୀୟ ସମ୍ବିଧାନର ସ୍ଥପତି ଅମ୍ବେଡକରଙ୍କ ଆଦର୍ଶକୁ ହୃଦୟଙ୍ଗମ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ରବିବାର ନବନିର୍ମିତ ସଚିବାଳୟକୁ ଲୋକାର୍ପଣକରିବାଅବସରରେମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କହିଛନ୍ତି।

୨୮ ଏକର ବିସ୍ତୃତ ଭୂମିରେ ନିର୍ମିତ ଏହି ସଚିବାଳୟ କମ୍ପ୍ଲେକ୍ସର ଉଚ୍ଚତା ହେଉଛି ୨୬୫ ମିଟର। ମୋଟ ୧୦,୫୧,୬୭୬ ବର୍ଗ ଫୁଟ୍ ଜାଗାରେ ନିର୍ମାଣ କାର୍ଯ୍ୟ ହୋଇଛି। ଏହାର ଉଦ୍‌ଘାଟନୀ ସଭାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ କେସିଆର୍ କହିଛନ୍ତି, ସେ ଏହି ଭବ୍ୟ ସଚିବାଳୟ କମ୍ପ୍ଲେକ୍ସକୁ ଲୋକାର୍ପିତ କରି ନିଜକୁ ଧନ୍ୟ ମଣୁଛନ୍ତି। ଆମ୍ବେଡ୍‌କରଙ୍କ ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ସଚିବାଳୟକୁ ନିୟମିତ ଆସୁଥିବା ସମସ୍ତ ମନ୍ତ୍ରୀ ଓ କର୍ମଚାରୀ ତାଙ୍କ ନାମ ଏବଂ ସନ୍ଦେଶକୁ ହୃଦୟଙ୍ଗମ କରି ଜନସେବାରେ ନିଜକୁ ନିୟୋଜିତ କରିବା ଉଚିତ। ତେଲଙ୍ଗାନା ନାମରେ ସ୍ୱତନ୍ତ୍ର ରାଜ୍ୟ ଗଠନ ସକାଶେ ସେ ଗାନ୍ଧିଜୀଙ୍କ ଆଦର୍ଶକୁ ଅନୁସରଣ କରିଥିଲେ। ଆମ୍ବେଡ୍‌କରଙ୍କ ଦୂରଦୃଷ୍ଟି ଯୋଗୁ ସମ୍ବିଧାନର ଅନୁଚ୍ଛେଦ ୩ ଅନୁସାରେ ନୂଆ ରାଜ୍ୟ ଗଠନ ସମ୍ଭବ ହୋଇପାରିଥିଲା। ଏହି ଅବସରରେ କେସିଆର୍ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ନୂଆ ସଚିବାଳୟ ପ୍ରତିଷ୍ଠା ହେବାର ତାତ୍ପର୍ଯ୍ୟ ନୁହେଁ ଯେ, ପୁରୁଣା କୋଠାକୁ ଭାଙ୍ଗିଦେବା। ରାଜ୍ୟକୁ କମ୍ ସମୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ଅନେକ ଲକ୍ଷ କୋଟି ଟଙ୍କାର ନିବେଶ ଆସିପାରିଛି। ଏହା ଏକ ବଡ଼ ସଫଳତା ବୋଲି କେସିଆର୍ କହିଛନ୍ତି। ଏହି ଅବସରରେ ରାଜ୍ୟର ସମସ୍ତ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପଞ୍ଜାବର ଲୁଧିଆନା ଜିଲା ଗେସ୍‌ପୁରା ଅଞ୍ଚଳରେ ଗ୍ୟାସ୍ ଲିକ୍ ଯୋଗୁ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟସ୍ୱଜନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ଅଗଷ୍ଟ ୧ରୁ ୧୫ ଦେଶବ୍ୟାପୀ ବିକ୍ଷୋଭ: ଏସ୍‌କେଏମ୍

**ନୂଆଦିଲ୍ଲୀ,୩୦।୪:** ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି), ପେନ୍‌ସନ ଏବଂ ବିସ୍ତୃତ ଫସଲ ବୀମା ଯୋଜନା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। କୃଷକ ସଙ୍ଗଠନ ପକ୍ଷରୁ ରବିବାର ଦିଲ୍ଲୀ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ନେତା ସାମିଲ ହୋଇଥିଲେ।

### ଚାଇନାକୁ ଆମେରିକାର ତାଗିଦ୍

## ଏସ୍‌ସିଏସ୍‌ରେ ଔଦ୍ଧତ୍ୟ ଦେଖାଅନି

ୱାଶିଂଟନ୍,୩୦।୪

ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ର ବିବାଦୀୟ ଜଳରାଶିରେ ଔଦ୍ଧତ୍ୟ ନ ଦେଖାଇବାକୁ ଆମେରିକା ପକ୍ଷରୁ ଚାଇନାକୁ ତାଗିଦ୍ କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ହ୍ୱାଇଟ୍ ହାଉସ୍‌ରେ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟରଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରଛନ୍ତି। ଏହା ପୂର୍ବରୁ ଚାଇନା ନୌସେନାର ଯୁଦ୍ଧଜାହାଜଗୁଡ଼ିକ ଏସ୍‌ସିଏସ୍‌ରେ ଫିଲିପାଇନ୍ସ ଜାହାଜ ସହ ମୁହାଁମୁହିଁ ହୋଇଛି। ଗତ ସପ୍ତାହରେ ଆମେରିକା ଓ ଫିଲିପାଇନ୍ସ ସର୍ବବୃହତ୍ ସମରାଭ୍ୟାସ ଶେଷ କରିଥିବାବେଳେ ସୋମବାର ୧୯୯୦ ପରେ ଦୁଇଦେଶର ପ୍ରଥମ ମିଳିତ ଫାଇଟର ଜେଟ୍ ତାଲିମ ଆରମ୍ଭ ହେବ। ଚଳିତ ବର୍ଷ ଫିଲିପାଇନ୍ସ ଆମେରିକାକୁ ନିଜର ୪ଟି ଦ୍ୱୀପରେ ଥିବା ସେନାଘାଟିରେ ସାମରିକ ଉପସ୍ଥିତି ପାଇଁ ଅନୁମତି ଦେଇଥିବାରୁ ଏହା ଚାଇନା ପାଇଁ ଅସହ୍ୟ ହୋଇଛି। ବେଜିଂ ଉକ୍ତ ଦ୍ୱୀପଗୁଡ଼ିକୁ ନିଜର ବୋଲି ଦାବି କରି ଫିଲିପାଇନ୍ସକୁ ହଇରାଣ କରୁଛି। ୱାଶିଂଟନ୍ ଯାତ୍ରା ପୂର୍ବରୁ ମାର୍କୋସ୍ କହିଛନ୍ତି, ଆମେରିକା ସହ ସମ୍ପର୍କ ସୁଦୃଢ଼ କରିବା ପାଇଁ ସେ ନିଶ୍ଚିତ।

# କର୍ନାଟକରେ କାଦୁଅଫିଙ୍ଗା

## ଯେଉଁଠି କଂଗ୍ରେସ ସରକାର...


ନରେନ୍ଦ୍ର ମୋଦି

ବେଲୁର,୩୦।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କର୍ନାଟକରେ ନିର୍ବାଚନ ପ୍ରଚାର ବେଳେ କଂଗ୍ରେସରେ ଚାଲିଥିବା ଗୋଷ୍ଠୀକନ୍ଦଳକୁ ନେଇ ଉପହାସ କରିଛନ୍ତି। ବେଲୁରରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ରାଜସ୍ଥାନ ହେଉ କି ଛତିଶଗଡ଼, ଯେଉଁଠି କଂଗ୍ରେସ ସରକାର ଗଢ଼ିଛି ସେଇଠି କ୍ଷମତାକୁ ନେଇ ଦଳ ଭିତରେ ଅନ୍ତର୍କଳହ ଦେଖିବାକୁ ମିଳିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟର ପ୍ରମୁଖ ପ୍ଲେୟାର ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)କୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଏବଂ ଜେଡିଏସ୍ ଉଭୟ ଅସ୍ଥିରତାର ପ୍ରତୀକ। ଯେଉଁ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଅସିଛି ଦଳୀୟ ନେତା ନିଜ ନିଜ ମଧ୍ୟରେ ଲଢ଼େଇ କରୁଛନ୍ତି। ରାଜସ୍ଥାନ ଓ ଛତିଶଗଡ଼ରେ ନିର୍ବାଚନ ବେଳେ ଦେଇଥିବା ମିଛ ପ୍ରତିଶ୍ରୁତିକୁ ନେଇ ଏବେ ସେମାନଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଛି। କଂଗ୍ରେସ ନେତାମାନେ ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବାବେଳେ ଏହାର ବି’ ଟିମ୍ ଜେଡିଏସ୍ କ୍ଷମତା ପାଇଁ ସ୍ୱପ୍ନ ଦେଖୁଛି। ଏହି ଦଳ ଯେନତେନ ପ୍ରକାରେ ୧୫ରୁ ୨୦ ଆସନ ଦଖଲ କରି ଲୁଟ୍‌ରେ ସାମିଲ ହେବାକୁ ଉଦ୍ୟମ ଚଳାଇଛି।

## ମୋ ଭାଇଙ୍କଠୁ ଶିଖ

**ଜାମଖଣ୍ଡି,୩୦।୪:** କର୍ନାଟକ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ଉଭୟ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ପରସ୍ପରକୁ ଟାର୍ଗେଟ କରିବାରେ ଲାଗିଛନ୍ତି। କଂଗ୍ରେସ ନେତାମାନେ ଅଦ୍ୟାବଧି ତାଙ୍କୁ ୯୧ ଥର ଗାଳି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଥିଲେ।


ପ୍ରିୟଙ୍କା ଗାନ୍ଧୀ

ଏହାର ଜବାବରେ ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବଗଲକୋଟର ଏକ ସଭାରେ କହିଛନ୍ତି, ସାଧାରଣ ଜୀବନରେ ଏଭଳି ଟାର୍ଗେଟକୁ ନିଜ ସପକ୍ଷକୁ ନେବା ଉଚିତ। ମୋ ଭାଇ ରାହୁଲ ଗାନ୍ଧୀଙ୍କଠାରୁ ଶିକ୍ଷାଲାଭ କରନ୍ତୁ। ସେ ଦେଶର ସ୍ୱାର୍ଥ ପାଇଁ ଗୁଳିମାଡ଼ ଖାଇବାକୁ ମଧ୍ୟ ପ୍ରସ୍ତୁତ। ଭାଜପା ନେତାମାନେ ଆମ ପରିବାର ବିରୋଧରେ ବ୍ୟବହାର କରିଥିବା ଅପମାନଜନକ ଭାଷାର ତାଲିକା ପ୍ରସ୍ତୁତ କଲେ ଅନେକ ବହି ପ୍ରକାଶ କରାଯାଇପାରିବ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଆପଣମାନଙ୍କ ସାମ୍ନାକୁ ଆସି ଦୁର୍ବ୍ୟବହାରର ଶିକାର ହୋଇଥିବା କହି କାନ୍ଦୁଛନ୍ତି। ମୋଦିଙ୍କ ଅଫିସ (ପିଏମ୍‌ଓ)ର କେହି ଜଣେ ତାଙ୍କ ପାଇଁ ଅପଶବ୍ଦର ତାଲିକା ପ୍ରସ୍ତୁତ କରିଥିବେ। ସମ୍ପୃକ୍ତ ଅଧିକାରୀ ଜଣକ ଲୋକଙ୍କ ସମସ୍ୟାକୁ ନେଇ ତାଲିକା କରିଥିଲେ ଭଲ ହୋଇଥାଆନ୍ତା ବୋଲି ପ୍ରିୟଙ୍କା ତାଚ୍ଛଲ୍ୟ କରିଛନ୍ତି।





ବ୍ରହ୍ମପୁର ମା’ ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପରେ ରବିବାର ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଶୀର୍ବାଦ ନେଉଛନ୍ତି ।

## କାରରୁ ୨୨ ଲକ୍ଷ ଟଙ୍କାର ୧୦ ଟଙ୍କିଆ ନୋଟ୍ ଜବତ

**ବିରିଡ଼ି, ୩୦।୪ (ଡି.ଏନ୍.ଏ)**

ଜଗତ୍‌ସିଂହପୁରରୁ କଟକ ଅଭିମୁଖେ ଏକ କାର୍ ଶନିବାର ବିଳମ୍ବିତ ରାତିରେ ଯାଉଥିବାବେଳେ ବିରିଡି ପୋଲିସର ପାଟ୍ରୋଲିଂ ଟିମ୍ ଅଟକାଇଥିଲା । ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ୨୨ ଲକ୍ଷ ଟଙ୍କାର ୧୦ ଟଙ୍କିଆ ନୋଟ୍ ମିଳିଛି। ଏହାପରେ କାର୍ ଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଉଛି। ଏତେ ଟଙ୍କାର ୧୦ ଟଙ୍କିଆ ନୋଟ୍ କେଉଁଠୁ ଆସିଲା ସେନେଇ ତଦନ୍ତ ଚାଲିଛି। ଏସବୁ ଟଙ୍କା ସମ୍ପୃକ୍ତ ବ୍ୟକ୍ତି ବ୍ୟାଙ୍କରୁ ଆଣିଥିବା କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ନିରଞ୍ଜନ ମଲ୍ଲିକ କହିଛନ୍ତି, ରବିବାର ବ୍ୟାଙ୍କ ବନ୍ଦ ଥିବାରୁ ତଦନ୍ତ ଆଗେଇ ପାରିନାହିଁ। ସୋମବାର ଖୋଲିବା ପରେ ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଲ୍ଲିକ କହିଛନ୍ତି।

# ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ରବିବାର ଭୁବନେଶ୍ୱରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯.୬ ରେକର୍ଡ଼ କରାଯାଇଥିଲା। ଏହାପଛକୁ ୩୯ ଡିଗ୍ରୀ ସହ ଜଗତ୍‌ସିଂହପୁର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିଲା। ୧୦ ସହରରେ ପାରଦ ୩୭ ଡିଗ୍ରୀ ଉପରେ ରହିଥିଲାବେଳେ ଦେବଗଡ଼ରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩୧ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ବାଲେଶ୍ୱରରେ ୨୨ମିମି, ଅନୁଗୋଳ ୦.୬ମିମି, ବାରିପଦା ୬.୨ମିମି, ଦାରିଙ୍ଗିବାଡି ୨.୦ ମିମି ଓ ଦେବଗଡ଼ରେ ୨୯.୪ ମିମି ବର୍ଷା ହୋଇଛି। ତେବେ ସୋମବାରଠାରୁ

### ଗ୍ରୀଷ୍ମ ପ୍ରବାହ ଜାରି, ଆଜିଠୁ ବର୍ଷା ବଢ଼ିବା ସମ୍ଭାବନା

ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସମ୍ଭାବନା ଥିବାରୁ ୧୬ ଜିଲାକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ରାୟଗଡା, ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ପବନ ହେବାର ଆକଳନ କରାଯାଇଛି। ସେହିପରି ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, କଟକ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ଗଜପତି , ମାଲକାନଗିରି , କୋରାପୁଟ, ରାୟଗଡା, କଳାହାଣ୍ଡି , କନ୍ଧମାଳ , ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଓ ସମ୍ବଲପୁର ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଆସନ୍ତା ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ଦର୍ଶନ କଲେ ୫-ଟି ସଚିବ

**ବ୍ରହ୍ମପୁର ଅଫିସ,୩୦।୪**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ରବିବାର ୨୭ ଦିନରେ ପହଞ୍ଚିଛି। ଅସ୍ଥାୟୀ ମଣ୍ଡପରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ମା’ଙ୍କୁ ଦର୍ଶନ କରିଥିଲେ। ମାନସିକ ଓ ବହୁ ସଂଖ୍ୟାରେ ବାଘ ବେଶଧାରୀ ମଧ୍ୟ ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ଦର୍ଶନ କରିଥିଲେ। ମା’ଙ୍କ ଘଟ ପରିକ୍ରମା ବନ୍ଦ ରହିଥିଲା । ରାତି ୮ଟା ପରେ ମୁଖ୍ୟ ଘଟ ସମେତ ୮ ପାର୍ଶ୍ୱ ଘଟ ଅସ୍ଥାୟୀ ମଣ୍ଡପରୁ ମହୁରୀ ରାଜବାଟୀକୁ ଯାଇଥିଲା। ସେଠାରେ ରାଜା ପୂଜାର୍ଚ୍ଚନା ପରେ ମା’ ପୁଣି ଥରେ ଦେଶୀ ବେହେରା ସାହିରେ ହୋଇଥିବା ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ବିଜିପୁର ଅଞ୍ଚଳର ବୁଦ୍ଧବେଶ ବାହାରିଥିଲା। ଏହି

### ୨୭ ଦିନରେ ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା

ବେଶ ବିଜିପୁର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା, ପୁରୁଣା ବସ୍‌ଷ୍ଟାଣ୍ଡ ଓ ଗିରିଜା ଛକ ହୋଇ ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ଦର୍ଶନ କରିଥିଲେ। ସୋମବାର ମା’ଙ୍କ ଯାତ୍ରା ଉଦ୍‌ଯାପନୀ ହେବ। ମଙ୍ଗଳବାର ସକାଳ ସୁଦ୍ଧା ମା’ମୁଖ୍ୟ ମନ୍ଦିରରେ ପହଞ୍ଚିବେ। ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଅସ୍ଥାୟୀ ମଣ୍ଡପରେ ମା’ଙ୍କୁ ଦର୍ଶନ କଲା ପରେ ମୁଖ୍ୟ ମନ୍ଦିରକୁ ଯାଇ ଏହାର ଉନ୍ନତୀକରଣ ନେଇ ସମୀକ୍ଷା କରିଥିଲେ। ମନ୍ଦିରର ଉତ୍ତର ପ୍ରବେଶ ପଥ, ପୂର୍ବ ପ୍ରବେଶ ପଥ, ସେବାୟତ ଗୃହ, ପୂଜା ସାମଗ୍ରୀ ଦୋକାନ, ମଲ୍ଟିପର୍ପୋଜ ହଲ୍ ଆଦି ଦେଖି ସେବାୟତଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବା ନେଇ ସେବାୟତଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତ ପରିଡା, ବିଡିଏ ସଚିବ ସମ୍ବିତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଡିସେମ୍ବର ସୁଦ୍ଧା ପ୍ରକଳ୍ପ ନିର୍ମାଣ ଶେଷ କର

- କଟକ ଗସ୍ତରେ ମୁଖ୍ୟ ଶାସନ ସଚିବ
- ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

**କଟକ ଅଫିସ,୩୦।୪**

କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ରବିବାର କଟକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲାର ବରିଷ୍ଠ ଅଧିକାରୀଙ୍କୁ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବାଠାରୁ ଆରମ୍ଭ କରି ପ୍ରାଚୀନ କଟକ ସହରକୁ ନୂଆ ରୂପ ଦେବା ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ମହାନଦୀର ଯୋବ୍ରା ବ୍ୟାରେଜ୍‌ରୁ ବାହାରିଥିବା ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ଉନ୍ନୟନର ଏକ ପ୍ରମୁଖ ଅଂଶ। ଫଳରେ ମୁଖ୍ୟ ଶାସନ ସଚିବ ତାଳଦଣ୍ଡା କେନାଲର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପରିଦର୍ଶନ କରିବାବେଳେ ପ୍ରକଳ୍ପ ଅନ୍ତର୍ଭୁକ୍ତ ନୌବିହାର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଓପିଟିସିଏଲ ନିମନ୍ତେ ଟିପିସିଓଡିଏଲ ଦ୍ୱାରା ସଂସ୍ଥାପିତ ହେବାକୁ ଥିବା ଇଲେକ୍ଟ୍ରିକାଲ ଗ୍ରୀଡ୍‌ଷ୍ଟେଶନ, ଏଠାରେ ଥିବା ଖାଲି ଜମିରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ଓ ଭୂତଳ ଯାନ ରହଣିସ୍ଥଳ ନିର୍ମାଣ, ଯୋବ୍ରା ମାଛ ମାର୍କେଟର ଉନ୍ନତୀକରଣ, ଏସ୍‌ସିବି ମେଡିକାଲ କଲେଜର ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନାଲର ଅପରପାର୍ଶ୍ୱରେ ନିର୍ମିତ ହୋଇଥିବା ଛତ୍ରବଜାର ପରିବା ମାର୍କେଟର ନୂତନ ରୂପରେଖ ଓ ଟ୍ରକ ଟର୍ମିନାଲ ଆଦି ସେ ବୁଲି ଦେଖିଥିଲେ। ପରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ଜେନା ଯୋଗଦେଇ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ସହିତ ଉନ୍ନୟନ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ତାରାକାନ୍ତ ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ପୋଲିସ ଅତିରିକ୍ତ ଉପଆୟୁକ୍ତ ଅନିଲ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ମାଝୀଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଚୟନୀ ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜେନା କହିଥିଲେ, ପୁରାତନ ସହର କଟକର କଳେବରକୁ ପ୍ରସାରିତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ମାଧ୍ୟମରେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଆସୁଛନ୍ତି।



ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ତାଳଦଣ୍ଡା କେନାଲ ପାର୍ଶ୍ୱ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।



**ଆଜିର ମନ୍ତବ୍ୟ**

କର୍ନାଟକ ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଭାଜପା ଭୋଟ ମାଗୁଥିବାବେଳେ କଂଗ୍ରେସ ‘ଭୋକାଲ୍ ଫର୍ ଲୋକାଲ୍’କୁ ଗୁରୁତ୍ୱ ଦେଉଛି। ଏହି ରାଜ୍ୟକୁ ଭିଟାମିନ୍-ପି (କଂଗ୍ରେସର ପ୍ରଦର୍ଶନ) ଆବଶ୍ୟକ, ଭାଜପାର ‘ପି’ (ଧ୍ରୁବୀକରଣ) ଏଠାରେ ଅଲୋଡ଼ା। **-ଜୟରାମ ରମେଶ, ଏଆଇସିସି ସାଧାରଣ ସମ୍ପାଦକ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଟ ବଚନ, ପିତା ତିଅଣ;**
**ପାସୋରି ନ ଯାଏ ମନୁ**
**ଦିନ ଦିନକର କଥା ମନେ ପଡ଼ିଲେ**
**ଘାରି ହୋଇଯାଏ ତନୁ।**

କପଟ ବଚନ ମନକୁ ଭାରାକ୍ରାନ୍ତ କରିଥାଏ। କପଟ ବଚନ ଦ୍ୱାରା ଆଘାତପ୍ରାପ୍ତ ତନୁମନ ବହୁକାଳ ଧରି ଅବିସ୍ମୃତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କାହାର ପାଲିଙ୍କି ଉପରେ ପାଟଛତା**
**କାହାର ବେଡ଼ି ଉପରେ କୋରଡ଼ା।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିରସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଗୁଗଲ ଡକ୍ୟୁମେଣ୍ଟରେ ନୂଆ ଫିଚର

**ନୂଆଦିଲ୍ଲୀ, ୩୦।୪**

ସର୍ବବୃହତ୍ ସର୍ଚ୍ଚ ଇଞ୍ଜିନ୍ ଗୁଗଲ ନିୟମିତ ବ୍ୟବଧାନରେ ଛୋଟ ଛୋଟ ପରିବର୍ତ୍ତନ ମାଧ୍ୟମରେ ନିଜ ଗ୍ରାହକଙ୍କୁ ବାନ୍ଧି ରଖିବାକୁ ପ୍ରୟାସ ଜାରି ରଖିଛି। ନିକଟରେ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ବ୍ୟବହାରକାରୀଙ୍କ ପାଇଁ ନୂଆ ଫିଚର ଆଣିଛି। ଏଣିକି ୟୁଜର୍ସ ଏଥିରେ ନିଜ ପସନ୍ଦ ମୁତାବକ ଇମୋଜି ଯୋଡ଼ିପାରିବେ, ଯାହା ସେମାନଙ୍କୁ ନୂଆ ଅନୁଭୂତି ପ୍ରଦାନ କରିବ ବୋଲି ଗୁଗଲ ପକ୍ଷରୁ କୁହାଯାଇଛି।

ବିଶ୍ୱବ୍ୟାପୀ ବିଭିନ୍ନ ବିଷୟରେ ସୂଚନା ଜାଣିବା ପାଇଁ ଗୁଗଲ ସର୍ଚ୍ଚ ଇଞ୍ଜିନ୍ ଭରସାଯୋଗ୍ୟ ମାଧ୍ୟମ ପାଲଟିଛି। ୟୁଜର୍ସଙ୍କ ଦାବି ଅନୁଯାୟୀ ଆପ୍ଲିକେଶନଗୁଡ଼ିକୁ ନିୟମିତ ବ୍ୟବଧାନରେ ଅପଡେଟ୍ କରିବା ଦିଗରେ ଗୁଗଲ୍ ବେଶ୍ ଆଗୁଆ। ଏହି ପରିପ୍ରେକ୍ଷୀରେ ଗୁଗଲ ନିଜ ଡକ୍ୟୁମେଣ୍ଟ ଆପ୍ଲିକେଶନକୁ ଅପ୍‌ଡେଟ୍ କରିବା ସହ ଏଥିରେ ନୂଆ ଫିଚର ଯୋଡ଼ିଛି। ଏବେ ଗୁଗଲ ୟୁଜର୍ସ ଡକ୍ୟୁମେଣ୍ଟ ଲେଖିବା ସମୟରେ ଇମୋଜି ବ୍ୟବହାର କରିପାରିବେ। ଏଥିଲାଗି ଅନ୍ୟ ସ୍ଥାନରୁ ଇମୋଜି ଆଣିବା ଆବଶ୍ୟକ ପଡ଼ିବ ନାହିଁ। କାରଣ ଗୁଗଲ ଡକ୍ୟୁମେଣ୍ଟରେ ଇମୋଜି ଯୋଡ଼ି ଦିଆଯାଇଛି। ଫଳରେ ନିଜ ପସନ୍ଦର ଇମୋଜି ବ୍ୟବହାର କରି ଜଣେ ବ୍ୟବହାରକାରୀ ମନର ଭାବନା ବ୍ୟକ୍ତ କରିପାରିବେ।






**ଏଣିକି ଯୋଡ଼ିହେବ ଇମୋଜି**

୨୦୦୬ ମାର୍ଚ୍ଚ ୯ରେ ପ୍ରଥମ ଥର ପାଇଁ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ଆରମ୍ଭ ହୋଇଥିଲା। ସାଧାରଣତଃ କୌଣସି କଣ୍ଟେଣ୍ଟ ଲେଖିବା ପାଇଁ ଗୁଗଲ ଡକ୍ୟୁମେଣ୍ଟ ଆପ୍ଲିକେଶନ ବ୍ୟବହାର କରାଯାଏ। ଏହା ଦେୟମୁକ୍ତ। ଗୁଗଲ ଡକ୍ୟୁମେଣ୍ଟରେ ଉଲ୍ଲେଖିତ ତଥ୍ୟକୁ ଗୋଟିଏ ସମୟରେ ଏକାଧିକ ବ୍ୟକ୍ତି ଦେଖିପାରିବେ। ଏଥିରେ ଆବଶ୍ୟକ ସଂଶୋଧନ କିମ୍ବା ତଥ୍ୟ ଯୋଡ଼ିପାରିବା ସୁବିଧା ରହିଛି। ଏହାକୁ ୧୦୦ ଭାଷାରେ ବ୍ୟବହାର କରାଯାଇପାରୁଛି।

# ମେଡିକାଲରେ ମୃତ ଘୋଷିତ ଶିଶୁ ଘରେ ଜିଇଉଠିଲା

**ଢେଙ୍କାନାଳ ଅଫିସ, ୩୦।୪**

- **ଡାକ୍ତରଙ୍କ ଉପରେ ପ୍ରଶ୍ନ ଉଠାଇଲା ପରିବାର**
- **ଅଭିଯୋଗକୁ ଖଣ୍ଡନ କଲେ ଚିକିତ୍ସା କରିଥିବା ଡାକ୍ତର**

ଡାକ୍ତରଖାନାରେ ମୃତ ଘୋଷିତ ନବଜାତକ ଘରେ ଜିଇଉଠିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ପୌରାଞ୍ଚଳରେ। ବଞ୍ଚିଥିବା ଶିଶୁକୁ ମୃତ ଘୋଷଣା କରିବା ଡାକ୍ତରଙ୍କ ଚରମ ଅବହେଳା ବୋଲି ପରିବାର ଲୋକେ କହୁଥିବା ବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଚିକିତ୍ସା କରୁଥିବା ଡାକ୍ତର। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ପୌରାଞ୍ଚଳ ଖମାରସାହି ଅଞ୍ଚଳର ଟୁନା ପ୍ରଧାନଙ୍କ ସ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ସମୟ ପୂର୍ବରୁ ଶିଶୁଟି ଜନ୍ମ ନେଇଥିଲା। ଡାକ୍ତର ଶିଶୁକୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ତାକୁ ଘରକୁ ନେଇଯାଇଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ୫ ଘଣ୍ଟା ପରେ ନବଜାତକ କାନ୍ଦିଉଠିବା ସହ ଗୋଡ଼ହାତ ହଲାଇଥିଲା। ଶିଶୁ ବଞ୍ଚିଥିବା ଜାଣି ପରିବାର ଲୋକେ ତାକୁ ପୁନର୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାକୁ ସ୍ପେଶାଲ ନ୍ୟୁବର୍ନ କେୟାର ୟୁନିଟ୍ (ଏସ୍ଏନ୍‌ସିୟୁ)ରେ ଭର୍ତ୍ତି କରାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ଜୀବିତ ଶିଶୁକୁ ଡାକ୍ତର ମୃତ ଘୋଷଣା କଲେ, ତାହାକୁ ନେଇ ପରିବାର ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅପରପକ୍ଷେ ଅଭିଯୋଗକୁ ଡାକ୍ତର ଭାନୁ ଆଚାର୍ଯ୍ୟ, କଳ୍ପନା ଆଚାର୍ଯ୍ୟ ଖଣ୍ଡନ କରିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ଶିଶୁକୁ ଏସ୍ଏନ୍‌ସିୟୁରେ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ପରିବାର ଲୋକେ ତାକୁ ଘରକୁ ନେଇଯାଇଥିବା ଉଭୟ ଡାକ୍ତର ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଦନ୍ତା ଆକ୍ରମଣରେ ଚାଷୀ ମୃତ

**ଢେଙ୍କାନାଳ ଅଫିସ, ୩୦।୪**

କିଛିଦିନ ପରେ ଢେଙ୍କାନାଳକୁ ପୁଣି ଫେରିଛି ହାତୀ ଭୟ। ସଦର ଥାନା ବଳଦିଆବନ୍ଧ ପଞ୍ଚାୟତ ଅଧୀନ କୁରୁମଟାଙ୍ଗର ଗ୍ରାମର ଚାଷୀ ଶ୍ରୀକାନ୍ତ ପରିଡ଼ାଙ୍କ ରବିବାର ଦନ୍ତା ଆକ୍ରମଣରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଶ୍ରୀକାନ୍ତ ନିଜ ଜମିରେ ଡାଲୁଅ ଧାନ ଚାଷ କରିଥିଲେ। ଫସଲ ଜଗିବା ପାଇଁ ସେ କ୍ଷେତ ନିକଟ ପୋଖରୀ କୂଳ ମଣ୍ଡପରେ ଶନିବାର ରାତିରେ ଶୋଇଥିଲେ। ଭୋର ସମୟରେ ପୋଖରୀକୁ ପାଣି ପିଇବାକୁ ଆସିଥିବା ଉକ୍ତ ଦନ୍ତା ଶ୍ରୀକାନ୍ତଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସୂଚନା ପାଇ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ବନ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୋବିନ୍ଦପୁର ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଅଞ୍ଚଳରେ ଏକ ପଲରେ ୧୩ ହାତୀ ଉପଦ୍ରବ କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ନକଲି ପୋଲିସ ଭାବି ଘେରିଲେ ଲୋକେ

**କେନ୍ଦୁଝର/ତେଲକୋଇ, ୩୦।୪(ସ୍ୱ.ପ୍ର./ଡି.ଏନ୍.ଏ.)**

**ଗଞ୍ଜେଇ ଜବତ ବେଳେ ଏନ୍‌ସିବି ଟିମ୍ ହଟହଟା**

- **ସୁଯୋଗ ଦେଖି ଜଣେ ଅଭିଯୁକ୍ତ ଫେରାର**
- **ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ, ଘଟଣା ସ୍ଥଳରେ ଉତ୍ତେଜନା**

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ଏନ୍ଏଚ୍ ୪୯ ନିକଟରେ ଗଞ୍ଜେଇ ଗାଡ଼ି ଜବତ ସମୟରେ ଏନ୍‌ସିବି (ନାର୍‌କୋଟିକ କଣ୍ଟ୍ରୋଲ ବ୍ୟୁରୋ) ଟିମ୍‌କୁ ହଟହଟା ହେବାକୁ ପଡ଼ିଛି। ଧରପଗଡ଼ ବେଳେ ସ୍ଥାନୀୟ ଲୋକେ ଟିମ୍‌କୁ ନକଲି ପୋଲିସ ଭାବି ଅଟକାଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିଚୟପତ୍ର ଦେଖାଇ ନାର୍‌କୋଟିକ ଟିମ ଲୋକଙ୍କଠାରୁ ମୁକୁଳିଥିବା ଜଣାପଡ଼ିଛି। ଏହି ସମୟରେ ଜଣେ ଅଭିଯୁକ୍ତ ପାଖ ଜଙ୍ଗଲ ଦେଇ ଖସି ପଳାଇବାକୁ ସକ୍ଷମ ହୋଇଥିଲା। ଜବତ ଗଞ୍ଜେଇ ବୋଝେଇ ଗାଡ଼ି ସହିତ ଅନ୍ୟ ଜଣଙ୍କୁ ତେଲକୋଇ ଥାନାକୁ ନିଆଯାଇଥିଲା। ସୂଚନା ଅନୁଯାୟୀ, ଏକ କୁଣ୍ଡା ବୋଝେଇ ପିକ୍‌ଅପ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ଗୋଇନ୍ଦା ସୂତ୍ରରୁ ଖବରପାଇ ନାର୍‌କୋଟିକ କଣ୍ଟ୍ରୋଲ ବ୍ୟୁରୋ ଭୁବନେଶ୍ୱର ଶାଖାର ଏକ ଟିମ୍ ଅନୁଗୋଳ ଜିଲା କିଶନନଗରରୁ ପିଛା କରି ତେଲକୋଇ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥ ଜଗମୋହନପୁର ଛକରେ ଅଟକାଇଥିଲା। ଟିମ୍ ଗଞ୍ଜେଇ ଥିବା ଗାଡ଼ି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି ସମୟରେ ଏନ୍‌ସିବିକୁ ନକଲି ପୋଲିସ ଭାବି ସ୍ଥାନୀୟ ଲୋକେ ଘେରିଥିଲେ। ଘଟଣା ସ୍ଥଳରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ତେଲକୋଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ନାର୍‌କୋଟିକ ଟିମ ସଦସ୍ୟ ପରିଚୟ ପତ୍ର ଦେଖାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଜବତ ଗାଡ଼ି ତେଲକୋଇ ଥାନାରେ ରଖାଯାଇଥିବା ବେଳେ ଜଣେ ଅଭିଯୁକ୍ତ ଅଟକ ରହିଛନ୍ତି। ତେଲକୋଇ ଥାନା ଅଧିକାରୀ ସାଇପ୍ରଭା ରାଉତ କହିଛନ୍ତି, ନାର୍‌କୋଟିକ ଟିମ୍ ଘଟଣାର ଯାଞ୍ଚ କରୁଛି। ଯାଞ୍ଚ ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡ଼ିବ।

# ଜନ୍ମମାଟିରେ ବିଶ୍ୱସ୍ତରୀୟ ସ୍କୁଲ୍ କରିଛନ୍ତି ଡାକ୍ତର



ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି।



ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟ।

**କେନ୍ଦୁଝର,୩୦।୪(ସ୍ୱ.ପ୍ର.)**

- **ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ**
- **ଦିନେ ଶ୍ରମିକ ଭାବେ ମୂଲ ଲାଗୁଥିଲେ**
- **ଜୁବିନ୍, ସୋନୁ ନିଗମ ଶିଖାଇବେ ସଙ୍ଗୀତ**

କେନ୍ଦୁଝର ଜିଲାର ଜଣେ ଡାକ୍ତର ନିଜ ଗାଁରେ ଗରିବ ପିଲାଙ୍କ ପାଠ ପଢ଼ିବା ପାଇଁ ଏକ ବିଶ୍ୱସ୍ତରୀୟ ସ୍କୁଲ ଖୋଲିଛନ୍ତି। ସେ ପିଲା ଦିନେ ପଢ଼ିବା ପାଇଁ କରିଥିବା କଷ୍ଟକୁ ହୃଦବୋଧ କରି ଶିକ୍ଷାରୁ ବଞ୍ଚିତ ପିଲାଙ୍କୁ ଏହା ଉପହାର ସ୍ୱରୂପ ଦେଇଛନ୍ତି। ଯେଉଁଠାରେ ଗରିବ ପିଲା ମାଗଣାରେ ପାଠ୍ୟ ପୁସ୍ତକ ସହ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିବାର ସୁବିଧା ଉପଲବ୍ଧ ରହିଛି। ଏଭଳି ମାଗଣାରେ ପାଠ ପଢ଼ାଇବା ବ୍ୟବସ୍ଥା କରି ଦେଶରେ ନୂତନ ଉଦାହରଣ ପାଲଟିଛନ୍ତି ହାଟଡ଼ିହି ବ୍ଲକ୍ ବେରୁଣପଦି ଗ୍ରାମର ଡାକ୍ତର ପ୍ରଦୀପ ସେଠୀ। ସେ କେଶ ପ୍ରତ୍ୟାରୋପଣ ବିଶେଷଜ୍ଞ ଭାବେ ମଧ୍ୟ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ହରିୟାଣାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ପ୍ରଦୀପ ପିଲାଟି ଦିନରୁ ପାଠ ପଢ଼ିବା ପାଇଁ ବହୁ ସଂଘର୍ଷ କରିଆସିଛନ୍ତି। ମୂଲ ମଜୁରି ଲାଗି ସ୍କୁଲ ଓ କଲେଜ ପାଠ ପଢ଼ିଥିଲେ। ନୂଆଦିଲ୍ଲୀ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଡାକ୍ତରୀ ପାଠ ସାରିଥିଲେ। ଚିକିତ୍ସା କ୍ଷେତ୍ରରେ ୧୫ ବର୍ଷ ପରେ ସେ ନିଜ ଗାଁକୁ ଫେରି ସ୍ଥାନୀୟ ଗରିବ ପିଲାଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦେବା ପାଇଁ ଚିନ୍ତା କରିଥିଲେ। ଏ ନେଇ ୨୦୨୩ ମାର୍ଚ୍ଚ ୪ରେ ହାଟଡ଼ିହି ବ୍ଲକ୍ ବେରୁଣପଦି ନିଜସ୍ୱ ଜନ୍ମ ମାଟିରେ ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟ ନାମରେ ବିଶ୍ୱସ୍ତରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ଏଥିରେ ଗ୍ରାମବାସୀ ତାଙ୍କୁ ସହଯୋଗ କରି ଶ୍ରମ ଦାନ ସହ ଜମି ଦାନ କରିଥିବା ମଧ୍ୟ ଜଣାପଡ଼ିଛି। ବିଦ୍ୟାଳୟ ଏବେ ଗରିବ ପିଲାମାନଙ୍କ ପାଇଁ ଦଶ ଏକର ପରିମିତ ଜମିରେ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ପରିସୀମା ୨୦ ଏକରକୁ ବୃଦ୍ଧି କରାଯାଇ ୨୫୦୦ ପିଲାଙ୍କୁ ଆବାସିକ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଡା. ପ୍ରଦୀପ କହିଛନ୍ତି। ସ୍କୁଲ୍‌ରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟତୀତ ଧନ୍ଦାମୂଳକ ଶିକ୍ଷା, ନିଯୁକ୍ତି ଆଦି ବ୍ୟବସ୍ଥା କରାଯିବ। ସେହିପରି ଏଠାରେ ପିଲାମାନେ କୃଷି, ବ୍ୟବସାୟ, କ୍ରୀଡ଼ା, ମନୋରଞ୍ଜନ ଓ ଶିଳ୍ପ ଆଦି କ୍ଷେତ୍ରରେ ମଧ୍ୟ ଅଧ୍ୟୟନ କରିବେ। ଏଥି ପାଇଁ ବିଶେଷ ପ୍ରତିଭାବାନ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ପାଠ ସହିତ ଆଧ୍ୟାତ୍ମିକ ବିଦ୍ୟା ପ୍ରଦାନ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ା ପାଇଁ ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର କ୍ୟାପଟେନ ରବି ଶାସ୍ତ୍ରୀ, ସଙ୍ଗୀତ ଓ କଳା ପାଇଁ ସୋନୁ ନିଗମ, ଯୁବିନ ନଉଟିୟାଲ ଓ ବ୍ୟବସାୟ ପାଇଁ ରାଜୀବ ବଜାଜଙ୍କ ଭଳି ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଛି।



ଡା. ପ୍ରଦୀପ ସେଠୀ

ଡା. ପ୍ରଦୀପ ଧରିତ୍ରୀକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଗୁରୁ ଶ୍ରୀ ପରମେଶ୍ୱର ଯୋଗାନନ୍ଦଙ୍କ ଭକ୍ତ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏଭଳି ସ୍କୁଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ନିଜର ଜୀବନ ସାର୍ଥକ ହେବ ଯେତେବେଳେ ନିଜ ସମ୍ବଳର ସଦୁପଯୋଗ କରି ଅବହେଳିତ ଲୋକଙ୍କ ପାଇଁ କିଛି କରିବେ। ଏହା ହିଁ ଗୁରୁଙ୍କ ନୀତିବାଣୀ ଅଛି। ଯାହାକୁ ସେ ପାଳନ କରୁଛନ୍ତି ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବିନା ଯୋଗ୍ୟତାରେ ...

ପ୍ରଥମ ପୃଷ୍ଠାରୁ...

ଏପରି କି ୧୨ମାସିଆ ବାଧ୍ୟତାମୂଳକ ଇଣ୍ଟର୍ନଶିପ୍ ତାଲିମ(୨୨।୭।୨୧ ଠାରୁ ୨୧।୭।୨୨) ସମାପ୍ତ କରିଥିବା ମଧ୍ୟ ଜଣାଇଥିଲେ। ସେଥିରେ ୨୦୧୬ରେ ନାମ ଲେଖାଇଥିବା ସମ୍ପୃକ୍ତା ଛାତ୍ରୀଙ୍କ ନାମ ଉଲ୍ଲେଖ କରାଯାଇଛି। ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟ ନୋଟିସ ନମ୍ବର ଇସିଆଇ/୧୧୨୮୪/୯।୬।୨୨ ଉପରେ କଲେଜ କର୍ତ୍ତୃପକ୍ଷ ଚିଠି ନଂ ୩୦୩୬/ଜିଏମପୁରୀ/୧୬।୬।୨୨ରେ ଉତ୍ତର ଦେଇଥିଲେ। ସେଥିରେ ଡିସେମ୍ବର-୨୧ ସୁଦ୍ଧା ବିଏଏମ୍ଏସ୍‌ରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଏକବର୍ଷିଆ ହାଉସ ସର୍ଜନ ଭାବେ କାର୍ଯ୍ୟ କରିବା ଲାଗି ୨୮ଜଣିଆ ତାଲିକା ପ୍ରଦାନ କରିଥିଲେ। ଯେଉଁଥିରେ ୨୦୧୭ରେ ବିନା ଏନ୍ଇଇଟିରେ ନାମ ଲେଖାଇଥିବା ଜଣେ ଛାତ୍ରୀଙ୍କ (ଗ୍ରୁପ୍-ସି- ପ୍ରସୂତି ବିଭାଗ) ଏବଂ ଜଣେ ଛାତ୍ରଙ୍କ(ଗ୍ରୁପ୍-ଇ- ଇଏନ୍‌ଟି ବିଭାଗ)ରେ ନାମ ଉଲ୍ଲେଖ ରହିଛି। ତେଣୁ ଏହି ଘଟଣାରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖାରେ ବଡ଼ ର୍‍ୟାକେଟ ଚାଲୁଥିବା ଜଣାପଡ଼ିଛି। ଓଜେଇ ଏବଂ ଏନ୍ଇଇଟିରେ ଯୋଗ୍ୟତା ହାସଲ କରି ନ ଥିବା ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନାମଲେଖା ସୁଯୋଗ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିରେ କଲେଜର ଏକାଧିକ ବ୍ୟକ୍ତିଙ୍କ ସମେତ ରାଜ୍ୟ ଆୟୁଷ ବିଭାଗର ଅସାଧୁ କର୍ମଚାରୀଙ୍କ ସଂପୃକ୍ତି ରହିଥିବା ଜଣାପଡିଛି। ପିଲାମାନଙ୍କୁ ଠକି ଏଭଳି କିଛି ବ୍ୟକ୍ତି କରୁଥିବା ଅଭିଯୋଗ ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ୨୦୨୧-୨୨ରେ ଜଣେ ଛାତ୍ର କଲେଜରେ ବିନା ନାମଲେଖାରେ ଏଠାରେ ଚାଲିଥିବା ଇଣ୍ଟରନାଲ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ନିରୀକ୍ଷକଙ୍କ ହାତରେ ଧରାପଡିଥିଲେ। ପରେ ଏହି ଘଟଣା ସାମ୍ନାକୁ ଆସିବା ପରେ କଲେଜ କର୍ତ୍ତୃପକ୍ଷ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏପରି କି ସେହି ଖାତା ମୂଲ୍ୟାଙ୍କନ ପାଇଁ ଆଭ୍ୟନ୍ତରୀଣ ପରୀକ୍ଷକଙ୍କ ପାଖକୁ ଯାଇଥିଲା। ହେଲେ ଖାତା ମୂଲ୍ୟାଙ୍କନ କରାନଯାଇ ତାଙ୍କ ନିକଟରେ ରହିଛି। ଏହି ଘଟଣା ସମ୍ପର୍କରେ ସମସ୍ତ ପରୀକ୍ଷାର୍ଥୀ, ପରୀକ୍ଷା ନିରୀକ୍ଷକ ଏବଂ ପ୍ରଥମ ବର୍ଷର ବିଭାଗୀୟ ମୁଖ୍ୟମାନେ ଜାଣିଥିଲେ ମଧ୍ୟ ଏହାକୁ ନୀରବ ସମର୍ଥନ ଦେଉଛନ୍ତି। କେତେକ ବିଭାଗୀୟ ମୁଖ୍ୟ ଆଭ୍ୟନ୍ତରୀଣ କମିଟି ସଭ୍ୟ ରହିଥିଲେ, ସେମାନେ ମଧ୍ୟ ଅଧକ୍ଷଙ୍କୁ ନୀରବ ସମର୍ଥନ ଦେଉଥିବା କୁହାଯାଇଛି। ଅନ୍ୟପଟେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଆୟୁର୍ବେଦ କଲେଜର କେତେଜଣ ଛାତ୍ରୀଛାତ୍ର ଧାରାବାହିକ ଭାବେ ଏଠାରେ ବିନା କୌଣସି ପ୍ରମାଣପତ୍ରରେ କଲେଜରେ ଅଧ୍ୟୟନ କରୁଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଧରିତ୍ରୀରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧକ୍ଷ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ରିପୋର୍ଟ ସମ୍ପର୍କରେ କମିଟି ସଦସ୍ୟ ଅଥବା କଲେଜ ଅଧକ୍ଷ କେହି ମୁହଁ ଖୋଲୁ ନାହାନ୍ତି। ଏନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଓଜେଇ, ଏନ୍ଇଇଟି ଏବଂ ନକଲି ସାର୍ଟିଫିକେଟ ଦେଇ ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଘଟଣାର ସବିଶେଷ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବିଷାକ୍ତ ଗ୍ୟାସ୍ ଲିକ୍...

ଜନବହୁଳ ଶିଳ୍ପାଞ୍ଚଳ ଗେସ୍‌ପୁରାରେ ଗ୍ୟାସ୍ ଲିକ୍‌ର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ସେଠାରେ ଥିବା ଫ୍ୟାକ୍ଟ୍ରିରୁ ନାଳକୁ କେତେକ ରାସାୟନିକ ପଦାର୍ଥ ଛଡ଼ାଯାଇଥିବାରୁ ମିଥେନ୍ ସହ ମିଶ୍ରଣ ହୋଇ ସେଥିରୁ ବିଷାକ୍ତ ବାଷ୍ପ ନିର୍ଗମନ ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇଛି। ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ପୀଡ଼ିତମାନେ ଉତ୍ତର ପ୍ରଦେଶ ଓ ବିହାର ବାସିନ୍ଦା ହୋଇଥିବାବେଳେ ଏଠାକୁ ଆସି ବସବାସ କରୁଥିଲେ। ରବିବାର ସକାଳେ କେତେଜଣ ଲୋକ ଏକ ସ୍ଥାନୀୟ ଗ୍ରୋସେରି ଦୋକାନକୁ କ୍ଷୀର କିଣିବା ପାଇଁ ଆସିଥିବାବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେଠାରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ଅସୁସ୍ଥଙ୍କ ମଧ୍ୟରୁ ୭ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ମୃତକଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ଗ୍ରୋସେରି ଦୋକାନ ମାଲିକଙ୍କ ପରିବାର ସଦସ୍ୟ। ଲୁଧିଆନା ଜିଲା ପ୍ରଶାସନ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଅସୁସ୍ଥ ବ୍ୟକ୍ତିମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛି। ସମ୍ପୃକ୍ତ ଅଞ୍ଚଳରେ ଏକ ଭଙ୍ଗା ମ୍ୟାନ୍‌ହୋଲ ଠାବ ହୋଇଥିବା ଅତିରିକ୍ତ ଡେପୁଟି କମିଶନର ଅମରଜିତ୍ ସିଂ ବାଇନ୍ସ କହିଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ରାସାୟନିକ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରୁଛି। ସିସିଟିଭି କ୍ୟାମେରାଗୁଡ଼ିକର ଭିଡିଓ ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରାଯାଉଛି। ମୃତକମାନେ ହେଲେ ଅଭୟ(୧୩), ଆର୍ୟନ(୧୦), କମଲେଶ(୬୦), ବର୍ଷା(୩୫), ସୌରଭ(୩୫), ପ୍ରୀତି(୩୧), କବିଳାଶ(୪୦), ନବନୀତ(୩୯), ନୀତୁ ଦେବୀ(୩୯) ଏବଂ ଅନ୍ୟ ଜଣେ ଅଚିହ୍ନା ବ୍ୟକ୍ତି। ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଏକ ବିରାଡ଼ି ମଧ୍ୟ ଆଖିବୁଜି ଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ମନ ଯେମିତି କାମ ସେମିତି ହେବ। ବୁଧଙ୍କ ପ୍ରଭାବରୁ ଏମିତି କଥାରେ କଥାରେ ମରମ କଥା କହିଦେବେ ଯେ-ବୁଝିଲା ଲୋକ ଠିକ୍ ଭାବରେ ବୁଝିଯିବ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନ ବୁଲିଯିବା ସୁଯୋଗ ମିଳିବାର ସମ୍ଭାବନା ରହିଛି। କିନ୍ତୁ ଆର୍ଥିକସ୍ଥିତି ସେତେଟା ଭଲ ରହିବ ନାହିଁ ଫଳରେ ପାରିବାରିକଦ୍ୱନ୍ଦ୍ୱ

**ବୃଷ**
ମୃଗଶିରା ନକ୍ଷତ୍ରର ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି ହେବାର ସୂଚନା ରହିଛି। କିନ୍ତୁ ବ୍ୟସ୍ତ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ଦେଖିବେ ସବୁ ଅପସରି ଯିବ। ହାତକୁ ନେଇଥିବା କାମଗୁଡ଼ିକ ମାତ୍ର ଠିକ୍ ଭାବରେ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବ୍ୟବସାୟ,ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ଆରଦ୍ରା ନକ୍ଷତ୍ରର ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ବଦଳିବେ ନାହିଁ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାରିବାରିକ କ୍ଷେତ୍ରରେ କିଛି ପ୍ରତିବନ୍ଧକର ସାମନା କରିବାକୁ ପଡିପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ**
ଆଜି ଆପଣ ପ୍ରଥମେ କେତେକ କାମ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଅଶ୍ଳେଷା ନକ୍ଷତ୍ରର ସନ୍ତାନମାନଙ୍କ ସକାଶେ ଦୁଶ୍ଚିନ୍ତା ବଢିପାରେ। ତଥାପି ମନବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ସିଂହ**
ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ମଘା ନକ୍ଷତ୍ରର ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଜଣେ ବନ୍ଧୁଙ୍କ ଆର୍ଥିକ ସହାୟତାରୁ ଉପକୃତ ହେବେ।

**କନ୍ୟା**
ଯେଉଁ କାମରେ ହାତ ଦେବେ ସେଥିରୁ ଓହରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ହସ୍ତା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସଙ୍ଗୀତ,ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ସ୍ୱାତୀ ନକ୍ଷତ୍ର ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯାଇପାରନ୍ତି। ସତ୍ୟତା ନ ଥାଇ କୌଣସି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପ୍ରଶାସନ, ଗବେଷଣା, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା**
ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲାଭଳି କିଛି କାମ କରିବା ଠିକ୍ ହେବ ନାହିଁ। ଅନୁରାଧା ନକ୍ଷତ୍ରର ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ। ପୂର୍ବ ଘଟଣାକୁ କେନ୍ଦ୍ର କରିବା ସାଙ୍ଗକୁ କିମ୍ବା ଅତୀତକୁ ସ୍ମରଣ କରି ଅନୁତାପ କରିବେ।

**ଧନୁ**
ପାରିବାରିକ ପରିସ୍ଥିତି ବିଭିନ୍ନ ଘଟଣାକୁ ନେଇ ଅସ୍ୱାଭାବିକ ଭାବେ ଆପଣଙ୍କୁ ଚିନ୍ତା କରିବାକୁ ବାଧ କରିବ। ପୂର୍ବାଷାଢ଼ା ନକ୍ଷତ୍ର ଶତ୍ରୁଙ୍କର ପ୍ରାଦୁର୍ଭାବ ଓ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବ୍ୟବସାୟ, ପରିବହନ ଏବଂ ରିୟଲ୍ ଇଷ୍ଟେଟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରାଜନୈତିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

**ମକର**
ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଉନ୍ନତମାନର ହେବ। କାର୍ଯ୍ୟବ୍ୟସ୍ତତା ହେତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିପାରନ୍ତି। ସଂଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**କୁମ୍ଭ**
ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଭଲ ରହିବ। ଅର୍ଥ, ନୂତନ ଯୋଜନା, କଲ୍ୟାଣମୂଳକ କାର୍ଯ୍ୟ ଦିଗରେ ଜଣେ ଦୂରାଗତ ବନ୍ଧୁ ସାହାଯ୍ୟ କରିବେ। ସହକର୍ମୀଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି ଆଶଙ୍କା ଦେଖାଦେଇପାରେ। ସାଧାରଣ କଥାକୁ ଅତିରଞ୍ଜିତ କରି ବିରୋଧୀମାନେ କଳହ କରିପାରନ୍ତି।

**ମୀନ**
ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ବାଧ ହୋଇପାରନ୍ତି। ସମୟ ସ୍ରୋତରେ ଭୁଲ୍ ବୁଝାମଣା କ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ରେବତୀ ନକ୍ଷତ୍ର ସକାଳୁ ସକାଳୁ ଶୁଭ ଖବର ପାଇ ଖୁସୀ ହୋଇଯିବେ। ଆଜିର ଆଲୋଚନା ସାରଗର୍ଭକ ହେତୁ ବନ୍ଧୁଗହଣରୁ ପ୍ରଶଂସାର ସୁଅ ଛୁଟିବ।

ଆଜି ବୈଶାଖ ମାସ ସର୍ବସମ୍ମତ ମୋହିନୀ ଏକାଦଶୀ ସୋମବାର, ମେ ୧ ତାରିଖ, ଶ୍ରମିକ ଦିବସ, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୨୧ଗତେ ଘ.୦୬।୫୭ ମଧ୍ୟେ, ଘ.୧୦।୨୭ ଗତେ ଘ.୦୧।୦୦ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୫୭ ଗତେ ଘ.୦୮।୩୨ ମଧ୍ୟେ ରାହୁକାଳ ।

## ଶିମିଳିପାଳରେ ଦନ୍ତାହାତୀ ଶିକାର

**ବାରିପଦା ଅଫିସ,୩୦।୪:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ ଦନ୍ତାହାତୀକୁ ଶିକାର କରି ଶିକାରୀମାନେ ତା'ର ଦୁଇଟି ଦାନ୍ତ କାଟି ନେଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନପ୍ରାଣୀ ବନଖଣ୍ଡର ନଅଣା ଦକ୍ଷିଣ ଧୁଡରୁଚମ୍ପା ରେଞ୍ଜର ନେଙ୍ଗଡାନଚା ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କୁ ପଚାରିବାରୁ କର୍ମଚାରୀମାନେ ଅନୁଧ୍ୟାନ କରିବା ପରେ ଠିକ୍ ସୂଚନା ମିଳିବ ବୋଲି କହିଛନ୍ତି।

### ସଂକ୍ଷେପରେ

## ବୁଢ଼ୀ ଠାକୁରାଣୀ ଯାତ୍ରା ଅଶ୍ଳୀଳ ଫଟୋ ଧରି ନାଚ, ୫ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୩୦।୪:** ବ୍ରହ୍ମପୁର ଠାକୁରାଣୀ ଯାତ୍ରାରେ ଅଭିନେତ୍ରୀଙ୍କ ଅଶ୍ଳୀଳ ଫଟୋ ଧରି ନୃତ୍ୟ ପ୍ରଦର୍ଶନ କରିବା ଭିଡିଓ ଶନିବାର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବଡ଼ ବଜାର ପୋଲିସ ୫ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ହରିଡ଼ାଖଣ୍ଡି ଅଞ୍ଚଳର ଶିବ ମହାରଣା, ଅନୁପମ ରାଉତ, ଶଙ୍କର ଜେନା, ଭଗବାନ ନାୟକ ଓ ବାବୁ ନାୟକ। ନମ୍ବର ୧୩୫/୨୩ରେ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଧାରା ୪୧ରେ ଥାନାରୁ ଜାମିନରେ ଛାଡ଼ି ଦେଇଛି। ପୋଲିସ ସେମାନଙ୍କଠାରୁ ଘଟଣା ବେଳେ ବ୍ୟବହାର ହୋଇଥିବା ଉକ୍ତ ଅଶ୍ଳୀଳ ହୋର୍ଡିଂରେ ଲାଗିଥିବା ଫଟୋ ଜବତ କରିଛି। ପ୍ରକାଶ ଯେ, ମା'ବୁଢ଼ୀ ଠାକୁରାଣୀ ଯାତ୍ରାରେ ଅଭିନେତ୍ରୀଙ୍କ ଅଶ୍ଳୀଳ ଫୋଟୋ ମା'ଙ୍କ ପ୍ରତିମୂର୍ତ୍ତିରେ ଲଗାଇ ୫ଜଣ ଯୁବକ ନୃତ୍ୟ ପରିବେଷଣ ଘଟଣା ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରିଛି। ଏହି ଘଟଣାକୁ ନେଇ କେତେକ ସଂଗଠନ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ଶ୍ରବଣା ବିବେକ ଏମ୍‌ଙ୍କୁ ଶନିବାର ଭେଟି ସେମାନଙ୍କୁ ଗିରଫ କରିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏଭଳି ଅପସଂସ୍କୃତି ଉପରେ ରୋକ ଲଗାଇବା ପାଇଁ ସେମାନେ ଅନୁରୋଧ କରିଥିଲେ।

## ସୀମାନ୍ତରେ ଆତ୍ମସମର୍ପଣ କଲେ ୨ ମାଓବାଦୀ

**ମାଲକାନଗିରି, ୩୦।୪(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ପୋଲିସ ନିକଟରେ ରବିବାର ୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଅନ୍ୟ ଜଣେ ଦୀର୍ଘବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଏହି ୨ମାଓବାଦୀ ବହୁ ହିଂସାରେ ଜଡିତ ଥିଲେ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଜଣାପଡିଛି। ତେବେ ମାଓବାଦୀ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହୋଇ ନିଜ ନୀତି ଆଦର୍ଶ ହରାଉଥିବାରୁ ଉଭୟେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆଗାମୀ ଦିନରେ ସେମାନେ ସାଧାରଣ ଜୀବନ ଅତିବାହିତ କରିବେ ବୋଲି ପଚରାଉଚରା ବେଳେ ପ୍ରକାଶ କରିଛନ୍ତି। ଏହି ୨ ମାଓବାଦୀଙ୍କୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସୁକ୍‌ମା ପୋଲିସ ପକ୍ଷରୁ କୁହାଯାଇଛି।

## ବସ୍-ବାଇକ୍ ମୁହାଁମୁହିଁ,୨ ମୃତ

**ଗୁଣପୁର,୩୦।୪(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ବିକ୍ରମପୁରସ୍ଥିତ ବାଇପାସ ରୋଡ୍‌ରେ ରବିବାର ସନ୍ଧ୍ୟାରେ ବସ୍-ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଜପତି ଜିଲା ନୂଆଗଡ ଅଞ୍ଚଳର ସନ୍ତୋଷ ପ୍ରଧାନ (୨୨) ଓ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଶରଧାପୁର ଅଞ୍ଚଳର ବିଷ୍ଣୁ ଗୌଡ (୮)। ଉଭୟେ ଗୁଣପୁରର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରୁଥିଲେ। କୌଣସି ଏକ କାମରେ ସେମାନେ ବାଇକ୍‌ରେ ଆଚପା ଗ୍ରାମକୁ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା 'ସ୍ୱାମୀ ଆୟାପା' ନାମକ ଘରୋଇ ବସ(ଓଡି ୧୮ ଏ-୪୬୮୯) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

# 'ସମାଜକୁ ସଦ୍‌ବୁଦ୍ଧି ଦେଉଥିବା ବ୍ୟକ୍ତି ପ୍ରକୃତ ବ୍ରାହ୍ମଣ'

### ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁମିଳନ ସମାରୋହ

**ଭୁବନେଶ୍ୱର, ୩୦।୪ (ବ୍ୟୁରୋ)**

ସମୟ ଥିଲା ବ୍ରାହ୍ମଣମାନଙ୍କୁ ଦେଖିଲେ ଲୋକମାନେ ପ୍ରଣାମ କରୁଥିଲେ। ମାତ୍ର ଏବେ ତାହା ନାହିଁ। ଇତିହାସକୁ ପଢ଼ିଲେ ଜଣାଯାଏ, ବ୍ରାହ୍ମଣମାନେ କେବେ ରାଜା ନ ଥିଲେ, ବରଂ ସେମାନେ ରାଜାଙ୍କୁ ବୁଦ୍ଧି ବା ସଦ୍‌ବୁଦ୍ଧି ଦେଉଥିଲେ। ଏମାନେ ପଇସାରେ ଗରିବ ହୋଇପାରନ୍ତି, ମାତ୍ର ମାନସିକତାରେ ଗରିବ ନୁହନ୍ତି। ଭଲକଥା ହେଉଛି ଓଡ଼ିଶା ରାଜନୀତିରେ ଜାତି ଅନୁସାରେ ଭୋଟ୍ ହୁଏନାହିଁ। ଓଡ଼ିଆ ଲୋକମାନେ ନେତା ବାଛିବା ସମୟରେ ଜାତି ନୁହେଁ ଦକ୍ଷତା ଦେଖିଥାନ୍ତି, ଯାହାକି ଅନ୍ୟ ରାଜ୍ୟରେ ହୁଏନାହିଁ। ଏହା ହିଁ ଓଡ଼ିଆମାନଙ୍କ ବିଶେଷତା ବୋଲି ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ରବିବାର ତେରାପନ୍ଥ ଭବନଠାରେ ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁ ମିଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଥାଗତ କହିଲେ, ସମାଜକୁ ଯିଏ ବୁଦ୍ଧି ଦିଏ, ସତ୍ ବାଟରେ ଯିବାକୁ ପ୍ରେରଣା ଦିଏ, ଭଲମନ୍ଦର ବିଚାର କରାଏ, ସେ ହେଉଛି ପ୍ରକୃତ ବ୍ରାହ୍ମଣ। ବିଚାରରେ, ଚରିତ୍ରରେ ଉଚ୍ଚ ହେଲେ ବା ଅନ୍ୟର ମଙ୍ଗଳକାମନା କଲେ ଜଣେ ସତ୍ ବ୍ରାହ୍ମଣ ହୋଇପାରିବ। ବ୍ରହ୍ମାଣ୍ଡରୁ ବ୍ରାହ୍ମଣ ଶବ୍ଦ ଆସିଛି। ବ୍ରହ୍ମାଣ୍ଡର ପ୍ରତୀକ ହେଉଛନ୍ତି ବ୍ରାହ୍ମଣ। ସମସ୍ତଙ୍କୁ ନିଜର ଭାବି କୋଳେଇ ନେଇ ପାରିଲେ ପୃଥିବୀରେ ଶାନ୍ତି ଆସିବ। ଶାନ୍ତି ଏକ ଗୋଲ୍‌ପୋଷ୍ଟ ନୁହେଁ, ଏହା ଏକ ଚାଲୁଥିବା ପ୍ରକ୍ରିୟା। ଆଉ ଏ ସବୁ ପାଇଁ ଆମର ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଦରକାର ବୋଲି ତଥାଗତ କହିଥିଲେ। ଏହି ଅବସରରେ ତଥାଗତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମଣ୍ଡଳର ଅଧ୍ୟକ୍ଷ ଆନନ୍ଦ ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ମହିଳା ଏବଂ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଣ୍ଡଳର ସଚିବ କିଶନ ଖଣ୍ଡେଲୱାଲ ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ମୁରାରୀଲାଲ୍ ଖଣ୍ଡେଲୱାଲ, ମାରୱାଡି ସମାଜର ଅଧ୍ୟକ୍ଷ ସଞ୍ଜୟ ଲାଠ୍, ଜଗଦୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀ ପର୍ଶୁରାମ ମିତ୍ର ମଣ୍ଡଳର ବନ୍ଧୁମିଳନ ସମାରୋହରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।



ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆକ୍ସ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ୧୦ଜଣଙ୍କୁ 'ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଶାନ୍ତି ସମ୍ମାନ'

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଭୂମିପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆକ୍ସ ସୋସାଇଟି ଦିଲ୍ଲୀ ପକ୍ଷରୁ ୧୦ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ 'ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଶାନ୍ତି ସମ୍ମାନ ୨୦୨୩' ଦିଆଯାଇଛି। ଏହି ଅବସରରେ ପ୍ରଶାସକ ତଥା ଲେଖକ ରଞ୍ଜନ କୁମାର ଦାସ, ସାମାଜିକ କର୍ମୀ ନମ୍ରତା ଚଢ଼ା, ଆର୍ମି ଅଫିସର ମେଜର ଜେନେରାଲ ପି. କେ. ସାଇଗଲ, ଭାରତୀୟ ଲେଖକ ଚିତ୍ରା ମୁଦ୍‌ଗାଲ, କଙ୍ଗୋରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଏଚ୍.ଇ. ମୋସି ନ୍ୟାମାଲେ ରୋସିଟି, ସାହିତ୍ୟିକ ଡ. ଡରମାୟଣ, ବିଶିଷ୍ଟ ସମାଜ ସଂସ୍କାରକ ଇନ୍ଦରଜିତ୍ ଶର୍ମା, ଲେଖକ ବି.ଲ.ଗୌର, ଆଙ୍କର ଆନନ୍ଦ ପ୍ରକାଶ ସିଂ, ବିଶିଷ୍ଟ ସାମାଜିକ ଉଦ୍ୟୋଗୀ ଗୌରବ ଗୁପ୍ତା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଜାତୀୟ ସଙ୍ଗୀତ ଗାନ ସହିତ ଉତ୍ସବ ଆରମ୍ଭ ହୋଇଥିବାବେଳେ ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆର୍ମେନିଆର ଆନ୍ନା ଦ୍ୱାରା ଏକ ଆର୍ମେନିଆ ନୃତ୍ୟର ଉପସ୍ଥାପନା, ନୂଆଦିଲ୍ଲୀର ନୃତ୍ୟ କାଲ୍ପ ଡ୍ୟାନ୍ସ ଏକାଡେମୀ ଦ୍ୱାରା ପ୍ରଦର୍ଶିତ ଭାରତନାଟ୍ୟମ ନୃତ୍ୟ ଏବଂ ନୂଆଦିଲ୍ଲୀର ଡ୍ୟାନ୍ସ ଲାଇଫ୍ ଏକାଡେମୀ ଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଏକ ସମସାମୟିକ ନୃତ୍ୟର ଉପସ୍ଥାପନା କରାଯାଇଥିଲା। ଶାସ୍ତ୍ରୀୟ ଓଡ଼ିଶୀ ପ୍ରଦର୍ଶକ, ଅଭିନେତ୍ରୀ ତଥା ସଂସ୍ଥାର ପରିଚାଳକ ଡ. ଚନ୍ଦନା ରାଉଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ଆରମ୍ଭ କଲା ଟ୍ରିବ୍ୟୁନାଲ ଟିମ୍

### ମହାନଦୀ ଜଳ ବିବାଦ

**ଭୁବନେଶ୍ୱର,୩୦।୪(ଡି.ଏନ୍.ଏ.)**

ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ଟିମ୍ ରବିବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ଆରମ୍ଭ କରିଛି। ଏହି ଟିମ୍ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ବିଭିନ୍ନ ବ୍ୟାରେଜ, ଚେକଡ୍ୟାମ ଓ ଅନ୍ୟାନ୍ୟ ପ୍ରକଳ୍ପ ବୁଲି ଦେଖିବ। ଟ୍ରିବ୍ୟୁନାଲ ରବିବାର ଉପର ମହାନଦୀ ଉପମୁଖ୍ୟ ଅବବାହିକା ବଲଦା ଜଳାଶୟ, କାଜଦଲ ଏବଂ ଶ୍ରୀନାରାୟଣ ବ୍ୟାରେଜ ଯାଇ ସ୍ଥିତି ଅନୁଧ୍ୟାନ କରିଥିବାବେଳେ ସୋମବାର ଅର୍ବା, ଦଇଶାଝର, ହଂସଦୁ, ବାଙ୍ଗୁ ବ୍ୟାରେଜ ବୁଲି ଦେଖିବେ। ଉକ୍ତ ଟିମ୍ ହଂସଦୁ ସହିତ ଉପର ମହାନଦୀ ଉପ ମୁଖ୍ୟ ଅବବାହିକାରେ କଲାମ, ସୁରଜଗଡ଼ ବ୍ୟାରେଜ୍ ଦେଖିବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଶେଷଦିନରେ ଛତିଶଗଡ଼ର କେଲୋ ବ୍ୟାରେଜ ବୁଲି ଦେଖିବ। ଟ୍ରିବ୍ୟୁନାଲ ବିଚାରପତିଙ୍କ ସହିତ ଉକ୍ତ ଟିମ୍‌ରେ ଉଭୟ ରାଜ୍ୟ ଜଳସମ୍ପଦ ବିଭାଗର ଅଧିକାରୀ ଏବଂ ହିରାକୁଦ ଡ୍ୟାମ୍‌ର ମୁଖ୍ୟଯନ୍ତ୍ରୀ ସାମିଲ ଅଛନ୍ତି। ପୂର୍ବରୁ ଗତ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ କରିଥିଲା।

## ଓଆର୍‌ଆଇଡିଏଲ୍‌କୁ ରିପୋର୍ଟ ମାଗିଲା ଡିଏମ୍‌ଆର୍‌ସି

### ମେଟ୍ରୋ ଟ୍ରେନ୍ ଚଳାଚଳ ପ୍ରସଙ୍ଗ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ଭୁବନେଶ୍ୱର ଏୟାରପୋର୍ଟରୁ କଟକ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ ନେଇ ଦିଲ୍ଲୀ ମେଟ୍ରୋ ରେଳ ନିଗମ(ଡିଏମ୍‌ଆର୍‌ସି) ପକ୍ଷରୁ ଓଡ଼ିଶା ରେଳ ଭିତ୍ତିଭୂମି ଉନ୍ନୟନ ସଂସ୍ଥା ଲିମିଟେଡ(ଓଆର୍‌ଆଇଡିଏଲ୍)କୁ ଏକ ରିପୋର୍ଟ ମଗାଯାଇଛି। ମେଟ୍ରୋ ରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରିବାକୁ ଡିଏମ୍‌ଆର୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ତେଣୁ ଡିପିଆର୍ ପ୍ରସ୍ତୁତ ପୂର୍ବରୁ ଡିଏମ୍‌ଆର୍‌ସି ଭୁବନେଶ୍ୱରକୁ ନେଇ ପ୍ରସ୍ତୁତ ହୋଇଥିବା ବିସ୍ତୃତ ଗମନାଗମନ ଯୋଜନା-ସିଏମ୍‌ପି ରିପୋର୍ଟ ମଗାଯାଇଛି। ଡିଏମ୍‌ଆର୍‌ସି କହିଛି, ଏହି ରିପୋର୍ଟ ପାଇବା ପରେ ହିଁ ଡିପିଆର ପ୍ରସ୍ତୁତ କରାଯାଇପାରିବ। କିନ୍ତୁ ସୂଚନା ଅନୁସାରେ ନଗର ଉନ୍ନୟନ ବିଭାଗ ପାଖରେ ଭୁବନେଶ୍ୱରର ସିଏମ୍‌ପି ନାହିଁ। ତେଣୁ ୨୦୧୮ରେ ବିଡିଏ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ କେଉଁ ପ୍ରକାର ଗାଡ଼ି ଚଳାଚଳର ଯୋଜନା ଅଛି, କେଉଁ ଅଞ୍ଚଳରେ କେତେ ଫୁଟ ରାସ୍ତା ଅଛି, ଭବିଷ୍ୟତରେ ଏହାକୁ କେତେ ସମ୍ପ୍ରସାରଣ କରାଯିବ, କେଉଁ ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ କରିବାର ଯୋଜନା ଅଛି, କେଉଁଠି ଭବିଷ୍ୟତରେ ସମ୍ପ୍ରସାରଣ ହେବ, କେତେ ଜମି ଅଛି, ସେଠାରେ କ'ଣ କରିବାର ଯୋଜନା ଅଛି, ଏହାର ବିସ୍ତୃତ ରିପୋର୍ଟ ଡିଏମ୍‌ଆରସି ପକ୍ଷରୁ ମଗାଯାଇଛି। ଭୁବନେଶ୍ୱରର ୬୭ଟି ଯାକ ୱାର୍ଡର ମ୍ୟାପ, ସୀମା, କେଉଁ ୱାର୍ଡରେ କେତେ ଲୋକ କାମ କରୁଛନ୍ତି, ତା'ର ତଥ୍ୟ ଦେବାକୁ ମଧ୍ୟ କୁହାଯାଇଛି। ଭୁବନେଶ୍ୱରର କେଉଁ ରୁଟ୍‌ରେ କେତେ ସିଟି ବସ୍ ଚାଲୁଛି, କେତେ ଲୋକ ପ୍ରତିଦିନ ଯିବା ଆସିବା କରୁଛନ୍ତି, କେଉଁଠି କେତେ ଷ୍ଟପେଜ ଅଛି, କେଉଁ ଅଞ୍ଚଳରେ ଲୋକ ଅଧିକ ସିଟି ବସ୍ ବ୍ୟବହାର କରୁଛନ୍ତି, ଭବିଷ୍ୟତରେ ଆଉ କେଉଁଠି ମୋ ବସ୍ ଚାଲିବ। ଡିଏମ୍‌ଆରସି ଏସବୁର ବିସ୍ତୃତ ରିପୋର୍ଟ ମାଗିଛି। ମେଟ୍ରୋ ଟ୍ରେନ ଚାଲିବାକୁ ଥିବା ଅଞ୍ଚଳରେ କେତେ ଲୋକ ସିଟି ବସରେ ଯିବା ଆସିବା କରୁଛନ୍ତି, ଆଗରୁ ମେଟ୍ରୋ କେଉଁ ଅଞ୍ଚଳକୁ ସମ୍ପ୍ରସାରିତ ହେବ, ସେହି ସ୍ଥାନକୁ ସିଟି ବସ୍ ଚାଲୁଛି କି ନାହିଁ, ନିୟମିତ ଭାବେ ସିଟି ବସରେ କେତେ ଲୋକ ଯାତ୍ରା କରୁଛନ୍ତି, କେଉଁ ବସ୍‌ଷ୍ଟାଣ୍ଡରେ କେତେ ଲୋକ ଚଢୁଛନ୍ତି, ଓହ୍ଲାଉଛନ୍ତି ତା'ର ତଥ୍ୟ ମଧ୍ୟ ମଗାଯାଇଛି। ଭୁବନେଶ୍ୱରରେ ବାଇକ, ସ୍କୁଟି, କାର୍, ଅଟୋ, ବସ୍ କେତେ ଅଛି, ତା'ର ମଧ୍ୟ ରିପୋର୍ଟ ଦେବାକୁ କୁହାଯାଇଛି।

## ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ: ରାଜ୍ୟପାଳ





**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ସର୍ବଦା ଜନସାଧାରଣଙ୍କଠାରୁ ବିଭିନ୍ନ ବିଷୟ ଉପରେ ପ୍ରସ୍ତାବ, ପରାମର୍ଶ, ମତାମତ ଆଦି ଆହ୍ୱାନ କରିବା ସହ ଯାହା ଗ୍ରହଣଯୋଗ୍ୟ ତାହା ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ। ଏହି କାର୍ଯ୍ୟକ୍ରମରେ ଦେଶର ଅନେକ ପରିବର୍ତ୍ତନକାରୀଙ୍କ ଜୀବନ ଓ କର୍ମର କାହାଣୀକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଛନ୍ତି। ଏଥିରେ ରାଜ୍ୟର ମଧ୍ୟ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଅଛନ୍ତି। ଏହା ଜରିଆରେ ବସୁଧୈବ କୁଟୁମ୍ବକମ୍ ଆଧାରରେ ଭାରତୀୟ ଭାବେ ଆମେ ସମସ୍ତଙ୍କୁ ଭଲ ପାଇବା, ଆମେ ଗୋଟିଏ ପରିବାର ଓ ଭାରତୀୟ ସଂସ୍କୃତି ଓ ପରମ୍ପରାର ମହକରେ ସମସ୍ତଙ୍କ ହୃଦୟକୁ ଜିତିବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ରାଜଭାବନସ୍ଥିତ କନଭେନସନ ହଲ୍‌ରେ 'ମନ୍ କି ବାତ୍'ର ୧୦୦ତମ ଅଧ୍ୟାୟର ସ୍ୱତନ୍ତ୍ର ପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତି ରହି ଏହା ପ୍ରକାଶ କରିଛନ୍ତି। ପ୍ରସାର ଭାରତୀ, ପତ୍ର ସୂଚନା ବ୍ୟୁରୋ କାର୍ଯ୍ୟାଳୟ (ପିଆଇବି) ଓ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ପିଆଇବି ଓ ସିବିସି ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପମହାନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ରିଜ୍‌ୱାନ୍ ଅଖ୍‌ତାର ଧନ୍ୟବାଦ ଦେଇଥିଲେ। 'ମନ୍ କି ବାତ୍'ରେ ସ୍ଥାନ ପାଇଥିବା ରାଜ୍ୟର କୁନି ଦେହୁରୀ, ଅମରେଶ ସାମନ୍ତ, ରାହୁଲ ମହାରଣା ଓ ବିଜୟ କୁମାର କବି ନିଜର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଅନୁଗୋଳ ଅଫିସ, ୩୦।୪**

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ଗଡ଼ତରାସ ଗ୍ରାମର ପରମା ବେହେରା(୬୦) ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଜଣେ ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ଉଚ୍ଚ ଅଧିକାରୀଙ୍କ ବୁଝାଶୁଝା କରିବା ପରେ ଅଟକ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ି ଦେଇଥିଲେ।

# ପୁଅ ମୃତ୍ୟୁର ଘଣ୍ଟାକ ପରେ ବାପାଙ୍କ ମୃତ୍ୟୁ

- ଅସୁସ୍ଥ ବାପାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ ପୁଅ
- ବାପାଙ୍କ ଚିକିତ୍ସା ଚାଲିଥିବା ବେଳେ ଆକସ୍ମିକଭାବେ ପୁଅର ମୃତ୍ୟୁ
- ଗାଁ ଶ୍ମଶାନରେ ଜଳିଲା ବାପାପୁଅଙ୍କ ଜୁଇ

**ସୋନପୁର/ତରଭା,୩୦।୪ (ନି.ପ୍ର./ଡି.ଏନ.ଏ.)**



ଶ୍ମଶାନରେ ଜଳୁଛି ବାପା-ବଡ଼ପୁଅଙ୍କ ଜୁଇ।

ସୁବର୍ଣ୍ଣପୁର ଜିଲା ତରଭା ସହର ମାଳିପଡା ଅଞ୍ଚଳରେ ଦୁଃଖଦ ଘଟଣା ଘଟିଛି। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଶନିବାର ବିଳମ୍ବିତ ରାତିରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ରବିବାର ତରଭା ନିବୃତ୍ତି ଯୋର ଶ୍ମଶାନରେ ଏକସାଙ୍ଗରେ ବାପା ପୁଅଙ୍କ ଜୁଇ ଜଳିଛି। ଏହି ହୃଦୟ ବିଦାରକ ଘଟଣାକୁ ନେଇ ତରଭା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଶନିବାର ମାଳିପଡାର ଆଦିକନ୍ଦ ସା(୭୫) ଅସୁସ୍ଥ ହୋଇପଡିଥିଲେ। ବଡ଼ପୁଅ ଆର୍ତ୍ତତ୍ରାଣ(୫୦) ଆଦିକନ୍ଦଙ୍କୁ ନେଇ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତେବେ ହଠାତ୍ ଆର୍ତ୍ତତ୍ରାଣ ଅସୁସ୍ଥ ହୋଇ ପଡିଥିଲେ।





ବାପା ଆଦିକନ୍ଦ ସା ଓ ବଡପୁଅ ଆର୍ତ୍ତତ୍ରାଣ ସା।

ରାତି ୧୨.୪୫ମିନିଟ୍‌ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆଦିକନ୍ଦ ମ୍ରିୟମାଣ ହୋଇଥିଲେ। ପୁଅର ମୃତ୍ୟୁଜନିତ କୋହ ସମ୍ଭରଣ କରି ନ ପାରି ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାପା ପୁଅଙ୍କ ମୃତଦେହ ମଳିପଡାସ୍ଥିତ ଘରକୁ ଫେରିବା ପରେ ରବିବାର ତରଭା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଆଦିକନ୍ଦଙ୍କୁ ମୁଖାଗ୍ନି ଦେଇଥିଲେ ମଝିଆ ପୁଅ ରଞ୍ଜନ(୩୮)। ସେହିପରି ଆର୍ତ୍ତତ୍ରାଣଙ୍କୁ ମୁଖାଗ୍ନି ଦେଇଥିଲେ ପୁଅ ରିତେଶ। ଏହି ପରିବାର ପାଇଁ ୨୯ ତାରିଖ ପୁଣି ଅଶୁଭ ସାବ୍ୟସ୍ତ ହୋଇଛି। କାରଣ ଗତ ୨୦୨୧ଡିସେମ୍ବର ୨୯ତାରିଖରେ ଆଦିକନ୍ଦଙ୍କ ସାନପୁଅ ଶରତ(୩୫)ଙ୍କ ମୃତ୍ୟୁ ଘଟିଥିଲା। ସାନପୁଅଙ୍କ ମୃତ୍ୟୁର ଠିକ୍ ୧ ବର୍ଷ ୪ ମାସ ପରେ ବାପା ଓ ବଡପୁଅଙ୍କ ମୃତ୍ୟୁକୁ ନେଇ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଛନ୍ତି।

# ଉତ୍ତରପ୍ରଦେଶରୁ ଏଜେଣ୍ଟଙ୍କ ସମେତ ୩ ଗିରଫ

## ଡିଜିଟାଲ ମାର୍କେଟିଂ ନାଁରେ ବହୁ କୋଟି ଠକେଇ

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ, ଜେଲ ଗଲେ
- ଟେଲିଗ୍ରାମ୍‌ରେ ଚ୍ୟାନେଲ୍, ଦେଶ ବାହାରେ ମାଷ୍ଟରମାଇଣ୍ଡ୍

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଡିଜିଟାଲ ମାର୍କେଟିଂ ନାଁରେ ବହୁ କୋଟି ଟଙ୍କା ଠକେଇ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉତ୍ତରପ୍ରଦେଶରୁ ଜଣେ ଏଜେଣ୍ଟଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏଜେଣ୍ଟ କୁଲଦୀପ, ସଚିନ ପାଲ ଓ ଅଙ୍କୁଶ ସିଂ। ଠକେଇ ସମ୍ବନ୍ଧିତ ତଥ୍ୟ ଥିବା ଏମାନଙ୍କ ମୋବାଇଲକୁ ଜବତ କରାଯାଇଛି। ଶୁକ୍ରବାର ଗାଜିଆବାଦ ଜିଲା ବିଜୟନଗର ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଗାଜିଆବାଦ୍ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଇଓଡବ୍ଲ୍ୟୁ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଅଭିଯୁକ୍ତମାନଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ମାଷ୍ଟରମାଇଣ୍ଡ୍ ଦେଶ ବାହାରେ ରହି ଭାରତରେ ଏକାଧିକ ଏଜେଣ୍ଟଙ୍କ ସହାୟତାରେ ଠକେଇ ର୍‍ୟାକେଟ ଚଳାଉଛନ୍ତି। ତେବେ ଗିରଫ ଅଭିଯୁକ୍ତମାନେ www.r46.in ନାମରେ ଏକ ଫେକ୍ ୱେବ୍‌ସାଇଟ୍ ଖୋଲିଛନ୍ତି। ଏଥିସହ ଏହି ୱେବ୍‌ସାଇଟର ଟେଲିଗ୍ରାମ୍‌ରେ ଏକ ଚ୍ୟାନେଲ (ebay official Work channel No. 7) ରହିଛି। ସେମାନେ ଲୋକଙ୍କୁ ଉକ୍ତ ୱେବ୍‌ସାଇଟ୍‌ରେ ଆକାଉଣ୍ଟ ଖୋଲିବାକୁ କହି ଭର୍ଚୁଆଲ୍‌ରେ ଆମାଜନ, ଫ୍ଲିପ୍‌କାର୍ଟ ଆଦି ବଡ଼ବଡ଼ କମ୍ପାନୀର ପ୍ରଡକ୍ଟ କିଣିବାକୁ ପ୍ରଲୋଭିତ କରିଥାନ୍ତି। ଏଥିପାଇଁ ପ୍ରତି କ୍ରୟରେ ୧୫ରୁ ୨୦ ପ୍ରତିଶତ କମିଶନ ମିଳିବ ବୋଲି ପ୍ରତିଶ୍ରୁତି ଥାନ୍ତି। ଅଭିଯୁକ୍ତମାନେ ଗତ ବର୍ଷ ପାର୍ଥସାରଥି ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ହ୍ୱାଟ୍‌ସଆପ୍ ଜରିଆରେ ମେସେଜ୍ କରି ଫସାଇଥିଲେ। ପାର୍ଥସାରଥି ଲୋଭରେ ପଡ଼ି ୬.୫ ଲକ୍ଷ ଟଙ୍କାର ପ୍ରଡକ୍ଟ କିଣିଥିଲେ। ଏହାପରେ ତାଙ୍କ ୱାଲେଟ୍‌ରେ କମିଶନ ମିଶି ୭.୩୧ ଲକ୍ଷ ଟଙ୍କା ଦେଖାଇଥିଲା। ହେଲେ ପରେ ସେ ଏହି ଟଙ୍କାକୁ ଉଠାଇବାକୁ ଚେଷ୍ଟା କଲାବେଳେ ତାହା ବ୍ଲକ୍ ହୋଇଯାଇଥିଲା। ଏନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ୨୦୨୨ ଡିସେମ୍ବର ୧୩ରେ ଏକ ମାମଲା (ନଂ.୨୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତରେ ଜଣାପଡ଼ିଛି, ପାର୍ଥସାରଥିଙ୍କ ୩.୩୨ ଲକ୍ଷ ଓ ୧.୫ ଲକ୍ଷ ଟଙ୍କା ସଚିନ ଓ ଅଙ୍କୁଶଙ୍କ ଆକାଉଣ୍ଟକୁ ଯାଇଛି। ଏଥିସହ ସଚିନ ଓ ଅଙ୍କୁଶଙ୍କୁ କିଛି କମିଶନ ଦେଇ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ କାରବାର କରୁଥିବା ଏଜେଣ୍ଟ କୁଲଦୀପ ଟଙ୍କା ଉଠାଇ ମାଷ୍ଟରମାଇଣ୍ଡଙ୍କୁ ଦେଇଥିବା ଜଣାପଡିଛି। ଏପରିକି ବହୁ ବେନାମୀ ଆକାଉଣ୍ଟ ଖୋଲି ଅଭିଯୁକ୍ତମାନେ ଉକ୍ତ ଠକେଇ ଟଙ୍କା କାରବାର କରୁଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏହି ମାମଲାରେ ଦେଶରେ ୬୫ ହଜାର ଲୋକ ଠକେଇର ଶିକାର ହୋଇଥିବା ସନ୍ଦେହ କରାଯାଉଥିବାବେଳେ ଇଓଡବ୍ଲ୍ୟୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।



୩ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଅଧିକାରୀମାନେ ଗିରଫ କରି ନେଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଗୁ
ପରିବାରବର୍ଗ


ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଆଇଡବ୍ଲ୍ୟୁଏଫ୍ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଗିରଫଦାରି ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କ ସହ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରା।

# 'ମନ୍ କୀ ବାତ୍' ଅନେକ ବଣମଲ୍ଲୀଙ୍କୁ ସମାଜରେ ପରିଚିତ କରାଇଛି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ମନ୍ କୀ ବାତ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତବର୍ଷର ଲୋକଙ୍କ ଅଭିବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣୁଛନ୍ତି। ବିଶେଷ ଭାବେ ମନ୍ କୀ ବାତ୍ ବଣମଲ୍ଲୀମାନଙ୍କୁ ଲୋକଲୋଚନକୁ ଆଣିବାର ମାଧ୍ୟମ ହୋଇଛି ବୋଲି ରବିବାର ବାଙ୍ଗାଲୋର ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ ଶୁଣିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ବଣମଲ୍ଲୀଙ୍କୁ ସମାଜରେ ପରିଚିତ କରାଯାଇଛି। ସେହିପରି ଓଡ଼ିଶାର ଯୁବତୀ, ଯୁବକ ଓ ଅନେକ ଲୋକଙ୍କ କଥା କାହାଣୀକୁ ମଧ୍ୟ ମନ କି ବାତରେ ପ୍ରତିଫଳିତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ।ଏହି ଐତିହାସିକ ଅଧ୍ୟାୟ ସାଧାରଣ ଲୋକଙ୍କ ପ୍ରେରଣାଦାୟୀ କାହାଣୀକୁ ଉତ୍ସବ ଭାବେ ପାଳନ କରିବାର ଅନ୍ୟତମ ଅବସର। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଜାତୀୟ ଜାଗରଣକୁ ନୂଆ ଦିଶା ଦେବା ସହ ସାମାଜିକ କଲ୍ୟାଣ ପାଇଁ ସମସ୍ତଙ୍କୁ ମିଳିତ କାର୍ଯ୍ୟ କରିବା ପାଇଁ ପ୍ରେରିତ କରୁଛି। ଏହି ସ୍ୱତନ୍ତ୍ର ପ୍ଲାଟଫର୍ମ ସାଧାରଣ ନାଗରିକଙ୍କ ମଧ୍ୟରେ ଥିବା ଅସାଧାରଣ କୃତିତ୍ୱକୁ ଚିହ୍ନଟ କରୁଛି। ସମାଜରେ ସକାରାତ୍ମକ ସଚେତନତା ସୃଷ୍ଟି କରିବା ସହ ଦେଶବାସୀଙ୍କୁ ଏକାଠି କରିଛି। ପ୍ରଧାନମନ୍ତ୍ରୀ ଓଡ଼ିଶାର ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ସ୍ମୃତିଚାରଣ କରି ତାଙ୍କୁ ଠିକ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସ୍ୱର୍ଗତ ରାଓ ଚା' ବିକି ନିଜର କଷ୍ଟ ଅର୍ଜିତ ଅର୍ଥରେ ଗରିବ ପିଲାଙ୍କୁ ପାଠ ପଢାଉଥିଲେ। ତାଙ୍କର ସେବା ମନୋଭାବ ସମାଜକୁ ସବୁଦିନ ପାଇଁ ଅନୁପ୍ରାଣିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଓଁ ଶ୍ରୀଶ୍ରୀ ସତ୍ୟନାରାୟଣାୟ ନମଃ
ସ୍ୱନକ୍ଷତ୍ର ଉତ୍ସବ




ରିୟା ରିତ୍ରିକା (ଶ୍ରଦ୍ଧା)
ବୈଦ୍ୟେଶ୍ୱର, ମହାବିଦ୍ୟାଳୟ ପାଖ
ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଅମାବାସ୍ୟାର ଅନ୍ଧକାର ନୁହେଁ ପୂର୍ଣ୍ଣିମାର ଔଜଲ୍ୟତା ରହୁ ।
ଶୁଭେଚ୍ଛା ସହ: ପିତା: ମନୋଜ କୁମାର ସାହୁ, ମାତା: ରିତାଞ୍ଜଳି ସାହୁ, ଜୟକୃଷ୍ଣ, ବିଜୟ, ମାନସ ଓ ବନ୍ଧୁ, ପରିବାରବର୍ଗ
ଧ-୦୨୨୧

ଜନ୍ମଦିନ ଶୁଭେଚ୍ଛା




ସାଇସମ୍ପୂର୍ଣ୍ଣା (ଗୁଗୁ)
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ସୋନି, ମୁନି, ମିକି, ସୁଇଟି, ଜାନିଆ, ଲଭ୍‌ଲି, ବାପିନ, ଲକି, ଲଲ, ଗେଲୁ, ପିଣ୍ଟୁ, ପରି, ଓ ବରୁନ୍
ଧ-୦୨୩୪

# ଗୋଇନ୍ଦା ଚିଠିକୁ ନେଇ ଜୋର୍ ଧରିଲା ରାଜନୀତି

## ସମ୍ବଲପୁର ହିଂସା ଘଟଣା

- ଆଇଆଇସିଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିବାର ସାହସ ଦେଖାନ୍ତୁ: ଭାଜପା
- ସରକାର ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି: କଂଗ୍ରେସ
- ଷଡ଼ଯନ୍ତ୍ରକାରୀଙ୍କୁ ରାଜ୍ୟବାସୀ ଉଚିତ ଜବାବ ଦେବେ: ବିଜେଡି
- ଆଜି ଆସିବେ ଭାଜପାର ୪ ଜଣିଆ କମିଟି

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ହନୁମାନ ଜୟନ୍ତୀରେ ହିଂସା ଉପୁଜିପାରେ ବୋଲି ଗୋଇନ୍ଦା ବିଭାଗ ପୂର୍ବରୁ ରିପୋର୍ଟ ଦେଇଥିବା ଜଣାପଡ଼ିବା ପରେ ଏବେ ରାଜ୍ୟ ରାଜନୀତି ଜୋର୍ ଧରିଛି। ହନୁମାନ ଜୟନ୍ତୀରେ ସମ୍ବଲପୁରରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତେବେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗତ ୧୧ ତାରିଖ ଦିନ ଗୋଇନ୍ଦା ବିଭାଗ(ସ୍ପେଶାଲ ବ୍ରାଞ୍ଚ) ଏସ୍‌ପି ସମ୍ବଲପୁରର ଏସ୍‌ପିଙ୍କୁ ଚିଠି ଲେଖି ଏନେଇ ସତର୍କ କରାଇଥିଲେ। ବାଇକ୍ ଶୋଭାଯାତ୍ରା ଯେଉଁ ରାସ୍ତା ଦେଇ ଯିବ ଉକ୍ତ ରାସ୍ତାରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ବହୁତ ଅଧିକ ଅଛି। ତେଣୁ ବାଇକ୍ ଶୋଭାଯାତ୍ରା ସମୟରେ ସ୍ଲୋଗାନ ଦେବାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ଚିଠିର ନକଲ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏଡିଜି ଆଇନଶୃଙ୍ଖଳା, ଉତ୍ତରାଞ୍ଚଳ ଆଇଜିଙ୍କ ସହିତ ପୋଲିସ ବିଭାଗର ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀଙ୍କ ପାଖକୁ ମଧ୍ୟ ପଠାଯାଇଥିଲା। ହେଲେ ଏହାପରେ ମଧ୍ୟ ହିଂସାକାଣ୍ଡ ଦେଖାଦେଲା। ଏଥିଲାଗି ଜିଲା ପୋଲିସ୍ କି ରାଜ୍ୟ ସରକାର ଦାୟୀ ତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ସ୍ଥିତିରେ ଭାଜପାର ୪ ଜଣିଆ ଟିମ୍ ସୋମବାର ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର ହିଂସା ଘଟଣାର ରିପୋର୍ଟ ପ୍ରସ୍ତୁତ କରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ। ହେଲେ ହିଂସାକୁ ନେଇ ଭାଜପା, କଂଗ୍ରେସ ସିଧାସଳଖ ବିଜେଡିକୁ ଟାର୍ଗେଟ କରିଥିବା ବେଳେ ଶାସକ ଦଳ ପାଲଟା ଜବାବ ରଖିଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭକରି ତଳ ପର୍ଯ୍ୟନ୍ତ ସମସ୍ତେ ରିପୋର୍ଟ ଯଦି ଦେଇଥିଲେ ତାକୁ କାର୍ଯ୍ୟକାରୀ କାହିଁକି କରାଗଲା ନାହିଁ। ଏଥିରେ ଅସୁବିଧା କ'ଣ ଥିଲା। କେନ୍ଦ୍ର ସରକାର କ'ଣ ମନା କରିଥିଲେ ସାହାଯ୍ୟ କରିବାକୁ। ତମର ଯଦି ଫୋର୍ସ ନ ଥିଲେ ତେବେ କେନ୍ଦ୍ରକୁ କାହିଁକି ସିଆର୍‌ପିଏଫ ଫୋର୍ସ ମାଗିଲ ନାହିଁ। ଯଦି ଉପଯୁକ୍ତ ବ୍ୟବସ୍ଥା କରିଥାଆନ୍ତେ ତେବେ ଏଭଳି ଅଭାବନୀୟ ଅବସ୍ଥା ହୋଇ ନ ଥାଆନ୍ତା। ଆଇଆଇସି ତାଙ୍କ ରିପୋର୍ଟରେ ଯାହା ଲେଖିଛନ୍ତି ଏବଂ ଏସ୍‌ପି ଯାହା ସ୍ୱୀକାର କରିଛନ୍ତି ସରକାର ତାକୁ କାର୍ଯ୍ୟକାରୀ କରିବାର ସତସାହସ ଦେଖାନ୍ତୁ ବୋଲି ସେ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଗୋଇନ୍ଦା ରିପୋର୍ଟ ଦେବା ସତ୍ତ୍ୱେ ସରକାର କାହିଁକି ତାହାକୁ ଗୁରୁତର ସହକାରେ ନେଲେ ନାହିଁ। ଯେଉଁ ଲୋକମାନେ ସେଥିଲାଗି ଦାୟୀ ସେମାନଙ୍କ ଉପରେ ସରକାର କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାକୁ ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି, ତେଣୁ ତାଙ୍କ ଦାୟିତ୍ୱ ଏସବୁ ଠିକ୍ ଭାବେ ଚଳାଇବା କଥା। ସେ ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି ବୋଲି ଶରତ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ୨୪ ବର୍ଷର ଶାସନରେ ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନା କଲେ ଓଡ଼ିଶାରେ ସାମ୍ପ୍ରଦାୟିକ ହିଂସା ବହୁତ କମ୍। ତେଣୁ ସେହି ଅନୁସାରେ ତାକୁ ଭଙ୍ଗ କରିବାକୁ ଯଦି କିଏ ଚେଷ୍ଟା କରେ ତେବେ ଲୋକମାନେ ତା'ର ଜବାବ ଦେବେ। ଯଦି ରାଜ୍ୟରେ ଶାନ୍ତି ଏବଂ ଶୃଙ୍ଖଳା ଠିକ୍ ନ ଥାଆନ୍ତା ତେବେ ବିଦେଶରୁ ନିବେଶକ ଆସି ଏଠାରେ କୋଟି କୋଟି ଟଙ୍କାର ନିବେଶ କରିବା ଲାଗି ମନ ବଳାଉ ନ ଥାଆନ୍ତେ। ଯଦି କୌଣସି ଶକ୍ତି ରାଜ୍ୟରେ ଶାନ୍ତି ଭଙ୍ଗ କରି ନିବେଶକମାନଙ୍କୁ ଆସିବାରେ ହଇରାଣ କରନ୍ତି ତେବେ ଷଡ଼ଯନ୍ତ୍ରକାରୀଙ୍କୁ ରାଜ୍ୟବାସୀ ଉଚିତ ଜବାବ ଦେବେ ବୋଲି ବେହେରା କହିଛନ୍ତି।

Classified Everyday 0674-2580101, 2549949


REAL ESTATE

SALE

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/ sqft. 9178727577, 7855816205. D-0235

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

1BHK flat for sale near Sundarpada, Bhubaneswar at minimum price- 9776088188. D-74856


CONSTRUCTION

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082



Newly open health benefits SPA special offer @ 799, Jaydev Vihar. 8018429809. D-75103

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types of professional body massage by professional therapy. 9556924059/ 7077933109. D-0202

SPA head to foot body point only massages best Therapist Gents & Lady Senior Citizen @799/- Bhubaneswar- 9337672475. D-0171

Newly open SPA positively health benefit with expert. Contact: 7751083098. D-74537


BUSINESS

House Colouring & Packers Movers for service at Bhubaneswar. 9777097322. D-0224

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

AFFIDAVIT

By virtue of an affidavit sworn before Notary Public, Bhubaneswar, I Rekha Kanojia, R/o. C/84, Palashpalli, Airportarea, Bhubaneswar, Odisha-20 have change my name from Rekha Kanojia to Rekha Prem Kumar Kanojia from today onwards. Henceforth I shall be known as Rekha Prem Kumar Kanojia for all purposes. D-75104

Raghunath Pradhan, S/o- Danei Pradhan resident of Vill- Gopalpur, Nachhipur Patna, P.o.- Baliguali, P.S.- Penthakota marine, Dist.- Puri- 752002, Odisha. That in said Passport my wife spelling name has been mentioned as LIZARAN PRADHAN in stead of her correct spelling name as LIJARANI PRADHAN forever for all future purposes as per affidavit No.- 12 dated 29.04.2023. D-73539

LOST

ମୁଁ ଓମେଶ୍ୱର ପ୍ରଧାନ, ପି- ଗଙ୍ଗାଧର ପ୍ରଧାନ, ନି- ଟିହିକିପାଲି, ପୋ- ଗୋଣ୍ଡତୁରୁମ୍, ଥା- ଭେଡ଼େନ୍, ଜି- ବରଗଡ଼ ନିମ୍ନ ପ୍ରଦତ୍ତ ଜମିର ମାଲିକ ଏବଂ ଦଖଲଦାର ଅଛି। ଏହି ଜମିକୁ ମୁଁ ଏହାର ପୂର୍ବ ମାଲିକଙ୍କ ଠାରୁ ରେ.ଦଲିଲ ନ.ଂ- 10211500621 ତା।୧୧।୦୮।୨୦୧୫ରେ କିଣିଥିଲି। ଉକ୍ତ ମୂଳ ଦଲିଲ୍‌ଟି କୌଣସି ଜାଗାରେ ମୋ ଦ୍ୱାରା ହଜି ଯାଇଅଛି, ଯାହାକି ଆମକୁ ଆଉ ମିଳୁନାହିଁ। ଉକ୍ତ ଦଲିଲ୍‌କୁ ଜମା ଦେଇ ଅଥବା ବନ୍ଧକ ଦେଇ ମୁଁ କିମ୍ବା ଅନ୍ୟ କେହି କୌଣସି ବ୍ୟାଙ୍କ, କୋପ୍ରେଟିଭ୍ ବ୍ୟାଙ୍କ, କୌଣସି ବ୍ୟବସାୟିକ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ଠାରୁ ଋଣ ନେଇନାହୁଁ କିମ୍ବା ବିକ୍ରି କରିବା ପାଇଁ ମଧ୍ୟ କୌଣସି ବୁଝାମଣା କରିନାହୁଁ। କୌଣସି ବ୍ୟକ୍ତି ଯଦି ପାଆନ୍ତି ତେବେ ମୋବାଇଲ୍ 9937120158ରେ ଜଣାଇବାକୁ ଅନୁରୋଧ। ଧ-୦୨୩୬

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୫୩୯

ଏକାଦଶାହ ଉପଲକ୍ଷେ

✓ବଂଶୀଧର ମହାନ୍ତି
ବିଜିପୁର, ବାଲୁଙ୍କେଶ୍ୱର ନଗର, ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ-୧୦।୦୮।୧୯୩୯
ତିରୋଧାନ- ୨୧।୦୪।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଜୀବନଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

✓ସଖି ସାହୁ
ସ୍ୱାମୀ: ଶତ୍ରୁଘ୍ନ ସାହୁ
ବାଲିଅନ୍ତା, ଅଣ୍ଡିଲୋ, ଭୁବନେଶ୍ୱର
ଆବିଭାବ: ୧୨।୦୫।୧୯୪୪
ତିରୋଧାନ: ୧୧।୦୫।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ✓ମାଗୁଣୀ, ପତିତପାବନ, ଦୀପକ, ଝିଅ: ମମତା, ନାତି: ମିଟୁ, ବର୍ଣ୍ଣି, ବାସୁଦେବ, ବାବୁ, ନାତୁଣୀ: ସିପା, ସୀମା, ମାମା ଓ ସୁଇଟି, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୨୧୯

ଦଶାହ ଉପଲକ୍ଷେ

ସ୍ୱର୍ଗତ ନିରଞ୍ଜନ ମିଶ୍ର
ସରଖିଆ, ଢେଙ୍କାନାଳ
ଆବିର୍ଭାବ -୩୦।୦୧।୧୯୩୭
ତିରୋଧାନ- ୨୨।୦୪।୨୦୨୩
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
ପୁତ୍ର- ଧିରେନ, ଅଶୋକ, ଅଜିତ, ପୁତ୍ରବଧୂ- ମମତା, ଅଞ୍ଜଳି, ଝିଅ-କଳ୍ପନା, ନାତି- ବିଶ୍ୱଜିତ, ଆଲୋକ, ନାତୁଣୀ- ମାନା, ପୁତୁଲି, ଟୁଟୁଲି, ପୁପୁଲି, ଗୁଗୁଲି, ନାତୁଣି ଜ୍ୱାଇଁ- ବର୍ଣ୍ଣି, ଚିନୁ, ରିଙ୍କୁ, ରୋହନ, ଅଣନାତୁଣୀ- ସଖୀ, ଦ୍ରିଷ୍ଟି, ସହଧର୍ମିଣୀ- ପ୍ରେମଲତା ଓ ଶୋକାକୁଳ ସମସ୍ତ ଆପଣାର।
ଧ-୭୪୦୬୦

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

✓ଅଜୟ କୁମାର ପଣ୍ଡା
ଆବିର୍ଭାବ : ୨୫.୦୫.୧୯୬୪
ତିରୋଧାନ : ୨୦.୦୪.୨୦୨୩
ତୁମ ଅବର୍ତ୍ତମାନରେ ଆମେମାନେ ଗଭୀର ମର୍ମାହତ । ତୁମ ସ୍ମୃତି ଓ ଆଦର୍ଶ ସବୁବେଳେ ଆମପାଇଁ ପ୍ରେରଣା ହୋଇରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ ଏହାହିଁ କାମନା ।
ଶୋକସନ୍ତପ୍ତ
ପତ୍ନୀ-ସୌଦାମିନୀ, ପୁତ୍ରୀ-ଅର୍ପିତା ଓ ଅଙ୍କିତା ଅତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୪୦

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କଳାହାଣ୍ଡି କପ୍**

## ଢେଙ୍କାନାଳ ୧୨୨ ରନରେ ବିଜୟୀ

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟର ରବିବାର ଅନୁଷ୍ଠିତ କ୍ୱାଲିଫାୟର ମ୍ୟାଚରେ ଢେଙ୍କାନାଳ ୧୨୨ ରନରେ ଗଞ୍ଜାମକୁ ପରାସ୍ତ କରିଛି। ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଆୟୋଜିତ ଏହି ଦିନିକିଆ ମ୍ୟାଚରେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଢେଙ୍କାନାଳ ୪୭.୪ ଓଭରରେ ୨୨୦ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କାହ୍ନା ଭୂତିଆ ଓ ସୁନୀଲ କୁମାର ସାହୁ ୫୦ ରନ ଲେଖାଏ ଏବଂ ବିକାଶ ରାଉତ ୩୩ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଜନ୍ମେଜୟ ନାୟକ ୪ଟି ଓ ଲକ୍ଷ୍ମୀ ନାରାୟଣ ପାଲ୍ ୩ଟି ଉଇକେଟ ନେଇଥିଲେ। ୨୨୧ ରନ ବିଜୟ ଲକ୍ଷ୍ୟରେ ଗଞ୍ଜାମ ୨୦.୪ ଓଭରରେ ମାତ୍ର ୯୮ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ବିକାଶ ରାଉତ ୩ଟି ଓ ସୌମେନ୍ଦ୍ର ଦାସ ୨ଟି ଉଇକେଟ ନେଇଥିଲେ।

# ସାତ୍ତ୍ୱିକ-ଚିରାଗ ନୂଆ ଏସିଆ ଚାମ୍ପିୟନ

**ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍**

ଦୁବାଇ, ୩୦।୪ (ପି.ଟି.)

ଦୀର୍ଘ ୫୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଦୀନେଶ ଖାନ୍ନାଙ୍କ ପରେ ଷ୍ଟାର ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରଥମ ଭାରତୀୟ ଯୋଡ଼ି ଭାବେ ଏଠାରେ ଚାଲିଥିବା ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି। ଟାଇଟଲ ମୁକାବିଲାରେ ୨୦୨୨ ବିଶ୍ୱ ଚାମ୍ପିୟଶିପ୍ ବ୍ରୋଞ୍ଜ ପଦକ ବିଜେତା ଓପନିଂ ଗେମ୍‌ରେ ପରାସ୍ତ ହେବାପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମାଲେସିଆର ଅଙ୍ଗ ୟେଉ ସିନ୍ ଓ ତେଓ ଏ ୟିଙ୍କ ବିପକ୍ଷରେ ୧୬-୨୧, ୨୧-୧୭, ୨୧-୧୯ରେ ବିଜୟ ଲାଭ କରିଥିଲେ। ପୂର୍ବରୁ ଖାନ୍ନା ଏକ ମାତ୍ର ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୧୯୬୫ରେ ଲକ୍ଷ୍ନୌଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଥାଇଲାଣ୍ଡର ସାନ୍‌ଗବ୍ ରାଟାନୁସୋର୍ନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଥିଲେ। ଏସିଆ ଚାମ୍ପିୟନଶିପ୍‌ରେ ପୂର୍ବରୁ ଡବଲ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ୧୯୭୧ରେ ଦେଖିବାକୁ ମିଳିଥିଲା। ସେତେବେଳେ ଦୀପୁ ଘୋଷ ଓ ରମଣ ଘୋଷ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ବାସେଲ୍‌ରେ ସୁଇସ୍ ଓପନ ସୁପର ୩୦୦ ଟାଇଟଲ ଜିତିଥିବା ସାତ୍ତ୍ୱିକ ଓ ଚିରାଗଙ୍କର ସିଜନରେ ଏହା ହେଉଛି ଦ୍ୱିତୀୟ ଟାଇଟଲ। ଏସିଆ ଚାମ୍ପିୟନଶିପ୍ ଟାଇଟଲ ବ୍ୟତୀତ ଏହି ଭାରତୀୟ ଯୋଡ଼ି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜିତିଥିବା ବେଳେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍‌ରେ ୫କ୍ୟାରିୟର ଟାଇଟଲ ହାସଲ କରିଛନ୍ତି। ୨୨ବର୍ଷୀୟ ସାତ୍ତ୍ୱିକଙ୍କ ଘର ଅମଲାପୁରମରେ ହୋଇଥିବା ବେଳେ ୨୫ ବର୍ଷୀୟ ଚିରାଗଙ୍କ ଜନ୍ମ ମୁମ୍ବାଇରେ। ରବିବାରର ଏହି ଫାଇନାଲ ପୂର୍ବରୁ ଭାରତ ୧୯୬୨ଠାରୁ ଏହି କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍‌ରେ ବିଭିନ୍ନ କାଟେଗୋରିରେ ଗୋଟିଏ ସ୍ୱର୍ଣ୍ଣ ଓ ୧୭ ବ୍ରୋଞ୍ଜ ପଦକ ଜିତିଥିଲା।


ପଦକ ସହ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।


କିର୍ଗିଜ ରିପବ୍ଲିକ୍‌ର ବିଶ୍‌କେକ୍‌ଠାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସରେ ଚମତ୍କାର ପ୍ରଦର୍ଶନ କରି ରାଉଣ୍ଡ-୨କୁ ଉନ୍ନୀତ ହୋଇଥିବା ଭାରତୀୟ ଜୁନିୟର ମହିଳା ଦଳର ସହକାରୀ କୋଚ୍ ଦାୟିତ୍ୱ ସଫଳତାର ସହ ନିର୍ବାହ କରି ରବିବାର ଅହମଦାବାଦ ଯିବା ଅବସରରେ ଆଇପିଏଲ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ନିର୍ଦ୍ଦେଶକ ତଥା ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ସହ ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

## ପେରେଜ ଜିତିଲେ ଆଜରବୈଜାନ ଗ୍ରାଁପ୍ରି

ବାକୁ, ୩୦।୪

ରେଡ୍‌ବୁଲର ସର୍ଗିଓ ପେରେଜ ନିଜ ଟିମ୍‌ମେଟ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁପ୍ରି ରେସ୍ ଜିତିଛନ୍ତି। ଏହାଦ୍ୱାରା ଚଳିତବର୍ଷର ବିଶ୍ୱ ଚାମ୍ପିୟନଶିପ୍ ପାଇଁ ସେ ଭର୍ଷ୍ଟାପେନ୍‌ଙ୍କ ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ପେରେଜ ଓ ଭର୍ଷ୍ଟାପେନ୍ ଉଭୟ ଇତିମଧ୍ୟରେ ସମାନ ୨ଟି ଲେଖାଏଁ ରେସ୍ ଜିତିସାରିଛନ୍ତି। ରବିବାର ରେସ୍‌ରେ ଫେରାରିର ଚାର୍ଲ୍ସ ଲେକ୍‌ଲେର୍କ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଚତୁର୍ଥରୁ ୧୦ମ ସ୍ଥାନ ଯଥାକ୍ରମେ ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଲୁଇସ୍ ହାମିଲଟନ (ମର୍ସିଡିଜ୍), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ), ଜର୍ଜ ରସେଲ (ମର୍ସିଡିଜ), ଲାଣ୍ଡୋ ନୋରିସ (ମ୍ୟାକଲରେନ) ଓ ୟୁକି ତ୍ସୁନୋଦା (ଆଲ୍‌ଫା ଟାଉରି)।

# ବାପି ହାଁସଦାଙ୍କୁ ରୌପ୍ୟ ପଦକ

**ଏସିଆନ ୟୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)

ଉଜ୍‌ବେକିସ୍ତାନରଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଚାଲିଥିବା ୫ମ ଏସିଆନ ୟୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ବାପି ହାଁସଦା ରୌପ୍ୟ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ବାପି ରବିବାର ଅନୁଷ୍ଠିତ ୪୦୦ ମିଟର ବାଳକ ହର୍ଡଲ୍ସରେ ୫୧.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କାତାରର ମାହାମଦ ଆବାକର ଅବ୍‌ଦ୍ରହମାନ ୫୦.୯୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର କୁଡା ଲିୟାନାଗେ ଆୟୋମଲ ଆକାଲାଙ୍କା ୫୧.୪୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଆଥଲେଟ୍ ମହମ୍ମଦ ରେୟାନ ମିଡ୍‌ଲେ ରିଲେ ରେସ୍‌ରେ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବାରୁ ବାପି ହାଁସଦାଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।




### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ବାପି ହାଁସଦାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ''ଏସୀୟ ସ୍ତରରେ ଏହି ସଫଳତା ପାଇଁ ମୁଁ ବାପିଙ୍କୁ ଅଭିନନ୍ଦନ ଜଣାଉଛି। ସେ ଅନ୍ୟ ଆଥଲେଟ୍‌ଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବ୍ୟକ୍ତିଗତ ଜୀବନରେ ଅନେକ ବାଧା ସତ୍ତ୍ୱେ ବାପି ଏପରି ସଫଳତା ପାଇ ପାରିଛନ୍ତି। ବାପି ଏବଂ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଏଚ୍‌ପିସିର କୋଚ୍ ଓ ପୂରା ଟିମ୍‌ଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି'' ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।

## ସୁମିତ ନାଗାଲ ଜିତିଲେ ଟାଇଟଲ

ରୋମ୍, ୩୦।୪ (ପି.ଟି.)

**ରୋମ୍ ଏଟିପି ଚ୍ୟାଲେଞ୍ଜର**

ଭାରତର ଅଗ୍ରଣୀ ଟେନିସ ଖେଳାଳି ସୁମିତ ନାଗାଲ ପ୍ରଥମ ଖେଳାଳି ଭାବେ ୟୁରୋପିଆନ କ୍ଲେ କୋର୍ଟରେ ଏକ ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ ଜିତିପାରିଛନ୍ତି। ଏଠାରେ ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ନେଦରଲାଣ୍ଡ୍ସର ଜେସ୍ପର ଡି' ଜଙ୍ଗଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟ ନାଗାଲ ଏଟିପି ର୍‍ୟାଙ୍କିଂରେ ତାଙ୍କଠାରୁ ୧୦୦ ସ୍ଥାନ ଉପରେ ରହିଥିବା ଜଙ୍ଗଙ୍କୁ ୬-୩, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କର ତୃତୀୟ ଏଟିପି ଚ୍ୟାଲେଞ୍ଜର ଟାଇଟଲ ହାସଲ କରିଛନ୍ତି। ୨୦୧୯ରେ ବୁଏନ୍ସ ଏରିଜ୍ ପରେ ଏହା ହେଉଛି ତାଙ୍କର ଆଉ ଏକ ସଫଳତା। ବିଶ୍ୱ ର୍‍ୟାଙ୍କିଂରେ ନାଗାଲ ବର୍ତ୍ତମାନ ୩୪୭ତମ ସ୍ଥାନରେ ରହିଥିବା ବେଳେ ତାଙ୍କଠାରୁ ବୟସରେ ୩ବର୍ଷ ସାନ ଡଚ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ର୍‍ୟାଙ୍କିଂ ତାଲିକାର ୨୩୪ତମ ସ୍ଥାନରେ ରହିଛନ୍ତି। ଏଠାରେ ଫାଇନାଲରେ ପ୍ରବେଶ ପୂର୍ବରୁ ଭାରତୀୟ ଡେଭିସ୍ କପ୍ ଦଳର ଜଣେ ନିୟମିତ ସଦସ୍ୟ ରହି ଆସିଥିବା ନାଗାଲଙ୍କୁ ଦୁଇ ରାଉଣ୍ଡ କ୍ୱାଲିଫାୟର୍ସ ସମେତ ୬ଟି କଠିନ ମ୍ୟାଚ ଖେଳିବାକୁ ହୋଇଥିଲା।

**ରାଜ୍ୟ ସ୍କୁଲ୍ସ ଓପନ ଚେସ୍**

## ରୋନିତ ଚାମ୍ପିୟନ

ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି)



ରୋନିତ ଅଗ୍ରୱାଲ

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରବିବାର ୨ୟ ଶ୍ୟାମଳୀ ଦେ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଜଟଣୀର ଆଶା ଇଣ୍ଟରନ୍ୟାଶନାଲ ସ୍କୁଲର ରୋନିତ ଅଗ୍ରୱାଲ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଖଣ୍ଡଗିରି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସାଇ ଅଂଶୁମାନ ସିଂ ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତ୍ରିଦେବ ତୀର୍ଥଙ୍କର, ସି.ଏଚ୍. କାର୍ତ୍ତିକେଶ, ସୂର୍ଯ୍ୟାଂଶୁ ମହାକୁଡ଼, ଆୟୁଷ ପରିଡ଼ା, ନମସ୍ୟ ନଳିନୀ, ଲଳିତ ରଞ୍ଜନ ସାହୁ, ପ୍ରତ୍ୟୁଷ ନାୟକ, ଦିବ୍ୟାଂଶୁ କୁମାର ପଶାୟତ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଓ ବାଳିକା ବର୍ଗରେ ୨ ଜଣ ଲେଖାଏ ଏବଂ ୬ ଖେଳାଳିଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଛି। ୪ ବର୍ଷ ୧୦ ମାସର ଜି. ଗୋମେଶ ପ୍ରତିଯୋଗିତାର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ। ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ପରିଚାଳନା ନିର୍ଦ୍ଦେଶକ ଦୀପରେଖା ଦେ ଓ ବରଗଡ଼ ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫେଡେରେଶନ କପ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

## ଓଡ଼ିଶାକୁ ୧ସ୍ୱର୍ଣ୍ଣ, ୨ ରୌପ୍ୟ, ୨ ବ୍ରୋଞ୍ଜ

ଭୁବନେଶ୍ୱର, ୩୦।୪ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତରାଖଣ୍ଡର ନୈନିତାଲସ୍ଥିତ ଭାଟିକା ବଙ୍କ୍ୱେଟ ହଲ୍‌ଠାରେ ୧୨ତମ ଫେଡେରେଶନ କପ୍ ସିନିୟର ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନରୁ ୧୧ଜଣ ପ୍ରତିଯୋଗୀ ସିନିୟର ପୁରୁଷ ବିଭାଗରେ ଅଂଶଗ୍ରହଣ କରିଥିଲେ। ସୌମ୍ୟକାନ୍ତ ଥୁୱ ଦଳ ସହ କୋଚ୍ ଓ ମ୍ୟାନେଜର ଭାବେ ଯାଇଥିଲେ। ଓଡ଼ିଶାର ପ୍ରତିଯୋଗିମାନେ ଚମତ୍କାର ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅମିତ କୁମାର ଭୂୟାଁ (୭୦କେଜି) ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୫୫କେଜି ଶ୍ରେଣୀରେ ରାକେଶ କୁମାର ବାଗ୍ ଏବଂ ୭୫ କେଜି ଶ୍ରେଣୀରେ ସୁପ୍ରଭାତ ମୁଣ୍ଡା ଦ୍ୱିତୀୟ ସ୍ଥାନ ସହ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଦେବକାନ୍ତ ସାହୁ (୬୫କେଜି) ଓ ଚୁଟ୍‌କୁ ଦତ୍ତ (୧୦୦କେଜି) ତୃତୀୟ ସ୍ଥାନ ସହ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ ଭାଗନେଲେ ୯୩ ଖେଳାଳି

**ଓସିଏର ସ୍ପିନ୍ ପ୍ରତିଭା ଅନ୍ୱେଷଣ**

ଖୋର୍ଦ୍ଧା ଅଫିସ, ୩୦।୪

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ପିନ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ରବିବାର ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ଗଜପତି, କୋରାପୁଟ, ଗଞ୍ଜାମ, କନ୍ଧମାଳ ଓ ରାୟଗଡ଼ା ଅଞ୍ଚଳରୁ ୯୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ସମେତ ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତା ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ମଧ୍ୟ ଭେନ୍ୟୁସ୍ଥଳରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମେ' ୨ରେ ୬ ଜିଲାର ଖେଳାଳି ସେଠାରେ ପ୍ରତିଭା ପ୍ରଦର୍ଶନ କରିବେ। ଏହାର ପ୍ରଥମ ପର୍ଯ୍ୟାୟ ଓଡ଼ିଶା କ୍ରିକେଟ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଥିଲା।


ଓସିଏର ସ୍ପିନ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ରବିବାର ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ ଭାଗ ନେଇଥିବା ଖେଳାଳିମାନେ।

# ପଞ୍ଜାବ କିଙ୍ଗ୍ସର ରୋମାଞ୍ଚକ ବିଜୟ

ଚେନ୍ନାଇ, ୩୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ରୋମାଞ୍ଚକଭାବେ ଶେଷ ବଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଡେଭନ୍ କନ୍‌ୱେଙ୍କ ଅପରାଜିତ ଦ୍ରୁତ ୯୨ ରନ ସହାୟତାରେ ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶେଷ ବଲ୍‌ରୁ ୩ ରନ ଆବଶ୍ୟକ ହେଉଥିବାବେଳେ ପଞ୍ଜାବର ସିକନ୍ଦର ରାଜା ଚାପର ବଶବର୍ତ୍ତୀ ନ ହୋଇ ଦଳକୁ ସ୍ମରଣୀୟ ବିଜୟ ଦେଇଥିଲେ। ଚେନ୍ନାଇ ହାରିଥିଲେ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିବା ଡେଭନ୍ କନ୍‌ୱେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଚେନ୍ନାଇର ଟପ୍ ଅର୍ଡର ଚମତ୍କାର ପ୍ରଦର୍ଶନ କରି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲା। ଋତୁରାଜ ଗାଏକ୍ୱାର୍ଡ ଓ କନ୍‌ୱେ ଓପନିଂ ଯୋଡ଼ିରେ ୫୮ ବଲ୍‌ରୁ ୮୬ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ଭିତ୍ତି ପକାଇଥିଲେ। ଗାଏକ୍ୱାଡ୍ ୩୧ ବଲ୍‌ରୁ ୩୭ (୪ ଚୌକା, ୧ ଛକା) ଓ ଶିବମ୍ ଦୁବେ ୧୭ ବଲ୍‌ରୁ ୨୮ (୧ ଚୌକା, ୨ ଛକା) ରନକରି ଆଉଟ ହୋଇଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା କନ୍‌ୱେ ଶେଷ ଭାଗରେ ସାମାନ୍ୟ ଧିମେଇ ଯାଇଥିଲେ। ଫଳରେ ସେ ଅପରାଜିତ ରହିଥିଲେ ହେଁ ଶତକ ହାସଲ କରିପାରି ନ ଥିଲେ। ସେ ୫୨ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହାୟତାରେ ୯୨ ରନରେ ଅପରାଜିତ ରହିଥିଲେ। ୨ ଛକା ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୪ ବଲ୍‌ରୁ ୧୩ ରନରେ ଅପରାଜିତ ରହିବାରୁ ଚେନ୍ନାଇ ସ୍କୋର ୨୦୦ ସ୍ପର୍ଶ କରିଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ, ସାମ୍ କୁରାନ, ରାହୁଲ ଚହର ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ୟ ବଡ଼ ଥିବାରୁ ପଞ୍ଜାବ ଦଳ ମଧ୍ୟ ଆକ୍ରମଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ପ୍ରଭସିମରନ ସିଂ, ଅଧିନାୟକ ଶିଖର ଧାୱନ, ଲିଆମ ଲିଭିଂଷ୍ଟୋନ, ସାମ୍ କୁରାନ ଓ ଜିତେଶ ଶର୍ମା ଆଦି ବ୍ୟକ୍ତିଗତ ସଫଳତା ଅପେକ୍ଷା ଦଳର ବିଜୟକୁ ଗୁରୁତ୍ୱ ଦେଇ ଖେଳିଥିଲେ। ଫଳରେ ଦଳର ବିଜୟ ସମ୍ଭବ ହୋଇଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ୩ ରନ ଆବଶ୍ୟକ ହେଉଥିବାବେଳେ ରାଜା ତାହା ହାସଲ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ପ୍ରଭସିମରନ ୨୪ ବଲ୍‌ରୁ ୪୨ (୪ ଚୌକା, ୨ ଛକା), ଅଧିନାୟକ ଶିଖର ଧାୱନ ୧୫ ବଲ୍‌ରୁ ୨୮ (୪ ଚୌକା, ୧ ଛକା), ଲିଆମ ଲିଭିଂଷ୍ଟୋନ ୨୪ ବଲ୍‌ରୁ ୪୦ (୧ ଚୌକା, ୪ ଛକା), ସାମ୍ କୁରାନ ୨୦ ବଲ୍‌ରୁ ୨୯ ଓ ଜିତେଶ ଶର୍ମା ୧୦ ବଲ୍‌ରୁ ୨୧ ରନ କରିଥିଲେ। ଚେନ୍ନାଇର ତୁଷାର ଦେଶପାଣ୍ଡେ ସର୍ବାଧିକ ୩ଟି, ରବୀନ୍ଦ୍ର ଜାଡେଜା ୨ଟି ଏବଂ ମାଥିସା ପଥିରନା ଗୋଟିଏ ଉଇକେଟ ନେଇଥିଲେ।

**ଶେଷ ବଲ୍‌ରେ ହାରିଲା ଚେନ୍ନାଇ**



ବିଜୟ ସୂଚକ ରନ୍ ସ୍କୋର ପରେ ଉଲ୍ଲସିତ ପଞ୍ଜାବ କିଙ୍ଗ୍ସର ସିକନ୍ଦର ରାଜା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୦୦/୪ (ଡେଭନ କନ୍‌ୱେ-୯୨, ଋତୁରାଜ ଗାଏକ୍ୱାର୍ଡ-୩୭, ଅର୍ଶଦୀପ ସିଂ-୧/୩୭, ସାମ୍ କୁରାନ-୧/୪୬, ରାହୁଲ ଚହର-୧/୩୫, ସିକନ୍ଦର ରାଜା-୧/୩୧)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୦୧/୬ (ପ୍ରଭସିମରନ ସିଂ-୪୨, ଶିଖର ଧାୱନ-୨୮, ଲିଆମ ଲିଭିଂଷ୍ଟୋନ-୪୦, ସାମ୍ କୁରାନ-୨୯, ତୁଷାର ଦେଶପାଣ୍ଡେ-୩/୪୯, ରବୀନ୍ଦ୍ର ଜାଡେଜା-୨/୩୨, ମାଥିସା ପଥିରନା-୧/୩୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ବାଙ୍ଗାଲୋର**

ସ୍ଥାନ:ଲକ୍ଷ୍ନୌ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

DHARITRI
ପୃଷ୍ଠା-୮+୮
ଭୁବନେଶ୍ୱର, ସୋମବାର, ମେ ୧/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, May 1/2023 Page 16 ₹ 7.00

# ସାତଭାୟା ବଗପାଟିଆ ହେବ ଆଦର୍ଶ କଲୋନୀ

## ୨୨ କୋଟି ମଞ୍ଜୁର କଲେ ସରକାର

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ସାତଭାୟା ବଗପାଟିଆ ଥଇଥାନ କଲୋନୀକୁ ଆଦର୍ଶ କଲୋନୀ କରାଯିବ। ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ଗସ୍ତର ୨୪ ଘଣ୍ଟା ମଧ୍ୟରେ ଏନେଇ ୨୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗତ ୨୭ ଏବଂ ୨୮ ତାରିଖ ୨ ଦିନ ଧରି ୫-ଟି ସଚିବ କେନ୍ଦ୍ରାପଡା ଗସ୍ତ କରିଥିଲେ। ତାଙ୍କ ଗସ୍ତର ୨ୟ ଦିନରେ ସେ ସାତଭାୟା ବଗପାଟିଆ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ପାଣ୍ଡିଆନ୍ ବିସ୍ଥାପିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହ ଅବସରରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ। ପରେ ଭୁବନେଶ୍ୱର ଫେରି ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ସାତଭାୟା ବଗପାଟିଆ ଆଦର୍ଶ କଲୋନୀ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨୨ କୋଟି ୫୦ ଲକ୍ଷ ୭୧ ହଜାର ଟଙ୍କାର ପ୍ୟାକେଜ ମଞ୍ଜୁର କରିଛନ୍ତି।

ଏହି ଅର୍ଥରେ ସେହି ଅଞ୍ଚଳରେ ବନ୍ଧବାଡ଼ର ସୁଦୃଢ଼ୀକରଣ ସହିତ ହିତାଧିକାରୀଙ୍କ ବାସଗୃହ, ଜୀବିକା କାର୍ଯ୍ୟକ୍ରମ, ରାସ୍ତା, ପିଇବା ପାଣି, ବିଜୁଳି ଓ ପଞ୍ଚାୟତ ଗୃହ ଆଦି ଭିତ୍ତିଭୂମିର ବିକାଶ କରାଯିବ। ଏହାସହ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସେମାନଙ୍କୁ ଚାଷଜମି ମଧ୍ୟ ଯୋଗାଇ ଦିଆଯିବ। ସେହିପରି ପ୍ରସିଦ୍ଧ ପଞ୍ଚୁବରାହୀ ପୀଠରେ ଭିତ୍ତିଭୂମିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସହ ଲାଇଟ୍ ଆଣ୍ଡ ସାଉଣ୍ଡର ବ୍ୟବସ୍ଥା କରାଯାଇ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥାନ ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମସ୍ତ କାମ ୫-ଟି ଉପକ୍ରମରେ ତୁରନ୍ତ ହାତକୁ ନେଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସାତଭାୟା ଅଞ୍ଚଳ ସମୁଦ୍ରରେ ଲୀନ ହୋଇଯାଇଥିବାରୁ କ୍ଷତିଗ୍ରସ୍ତ ଲୋକଙ୍କୁ ବଗପାଟିଆରେ ଥଇଥାନ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଲୋକଙ୍କ ଥଇଥାନ ପାଇଁ ଏହା ଦେଶର ପ୍ରଥମ କଲୋନୀ ହେବ ବୋଲି କୁହାଯାଇଛି।

# ‘ମନ୍ କୀ ବାତ୍’ ମୋ ପାଇଁ ଆଧ୍ୟାତ୍ମିକ ଯାତ୍ରା: ମୋଦି

## ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ

**ନୂଆଦିଲ୍ଲୀ,୩୦।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ ରବିବାର ୧୦୦ ଏପିସୋଡ୍ ପୂରଣ କରିଛି। ଏହି ଅବସରରେ ମୋଦି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ‘ମନ୍ କୀ ବାତ୍’ ମୋ ପାଇଁ ଏକ ଆଧ୍ୟାତ୍ମିକ ଯାତ୍ରା। ଏହା ଏକ ଆସ୍ଥା, ପୂଜା ଓ ବ୍ରତ। ଲୋକେ ଯେମିତି ଭଗବାନଙ୍କୁ ପୂଜା କରିବା ପାଇଁ ଗଲେ ପ୍ରସାଦ ନିଅନ୍ତି, ଠିକ୍ ସେମିତି ମୋ ଲାଗି ଏହା ଈଶ୍ୱର ରୂପୀ ଜନତା ଜନାର୍ଦ୍ଦନଙ୍କ ଚରଣରେ ପ୍ରସାଦର ଥାଳି ସଦୃଶ। ଏହା ମୋ ମନର ଆଧ୍ୟାତ୍ମିକ ଯାତ୍ରା ପାଲଟିଯାଇଛି। ଏହା ଅହଂରୁ ୱୟଂର ଯାତ୍ରା ଅଟେ। ଏହି ଐତିହାସିକ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ କେବଳ ଭାରତରେ ନୁହେଁ, ବିଦେଶରେ



ମଧ୍ୟ ଶ୍ରୋତାମାନେ ଶୁଣିବାର ସୁଯୋଗ ପାଇଛନ୍ତି। ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ‘ମନ୍ କୀ ବାତ୍’ରେ ଅନେକ କୋଟି ଭାରତୀୟଙ୍କ ଭାବନା ପ୍ରତିଫଳିତ ହୋଇଛି। ଭାରତ ଓ ଭାରତୀୟମାନେ ଏହାକୁ ଏକ ସକାରାତ୍ମକତାର ଉତ୍ସବ ଭାବେ ପାଳନ କରିଆସୁଛନ୍ତି। ଦେଶବାସୀଙ୍କଠାରୁ ସେ ଅନେକ ହଜାର ପତ୍ର ପାଇଛନ୍ତି। ସେଗୁଡ଼ିକୁ ପଢ଼ି ସେ ଭାବବିହ୍ୱଳ ହୋଇଛନ୍ତି। ‘ସ୍ୱଚ୍ଛ ଭାରତ’, ‘ଖଦି’ ହେଉ କି ‘ଆଜାଦି କା ଅମୃତ ମହୋତ୍ସବ’ ମନ୍ କୀ ବାତ୍‌ରେ ଉଠାଯାଉଥିବା ପ୍ରସଙ୍ଗଗୁଡ଼ିକ ଜନଆନ୍ଦୋଳନର ରୂପ ନେଇଥାଏ। ଏହି କାର୍ଯ୍ୟକ୍ରମ ରାଜନୀତିରୁ ଉର୍ଦ୍ଧ୍ୱଗାମୀ ହୋଇ ☞ ପୃଷ୍ଠା-୪








# ଶ୍ରମିକଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି

ପ୍ରାୟ ସବୁ ଦେଶରେ ମେ’ ୧ ତାରିଖରେ ପାଳିତ ହେଉଛି ବିଶ୍ୱ ଶ୍ରମିକ ଦିବସ। ଏହାକୁ ମେ’ ଦିବସ ବା ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ମଧ ପାଳନ କରାଯାଉଛି। ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ଏହି ଦିବସ ମନେ ପକାଇ ଦେଉଛି। ଏବେ ବି ଶ୍ରମିକମାନଙ୍କ ସଂଘର୍ଷ ଶେଷ ହୋଇପାରିନାହିଁ। ଶୋଷଣ ବିରୋଧରେ ଏବଂ ନିଜ ଅଧିକାର ପାଇଁ ସେମାନଙ୍କ ଲଢ଼େଇ ଜାରି ରଖିଛନ୍ତି। ଦେଶ ନିର୍ମାଣରେ ଶ୍ରମିକଙ୍କ ଅବଦାନ କେତେ ଯେ ସହାୟକ ହୋଇଛି, ତାହା ବୁଝିବା କଷ୍ଟକର ନୁହେଁ। କିନ୍ତୁ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିବା ସରକାରଗୁଡ଼ିକ ପାଇଁ କଷ୍ଟକର ହୋଇପଡ଼ିଛି। ସମ୍ପ୍ରତି ଭାରତରେ ଶ୍ରମିକଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ସେମାନେ କେହି ଖୁସି ନାହାନ୍ତି ବୋଲି ବିଭିନ୍ନ ଶ୍ରମିକ ସଂଗଠନର ନେତାମାନେ ମତପୋଷଣ କରିଛନ୍ତି।

## କ୍ରୀତଦାସ ଅବସ୍ଥା ସୃଷ୍ଟି ହେବାକୁ ଯାଉଛି



ବର୍ତ୍ତମାନ ଦେଶରେ ଶ୍ରମିକମାନଙ୍କର ସ୍ଥିତି ଅତି ଦୟନୀୟ ହୋଇପଡ଼ିଛି। ଶ୍ରମିକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଉଥିବା ସରକାର କହୁଥିଲେ ବି ତାହା ବାସ୍ତବ ନୁହେଁ। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉ ନ ଥିବାବେଳେ ସେମାନଙ୍କୁ ୧୨ଘଣ୍ଟା କାମ କରିବାକୁ ପଡୁଛି। ସେମାନଙ୍କୁ କୌଣସି ସାମାଜିକ ସୁରକ୍ଷା ଦିଆଯାଉ ନାହିଁ। ୧୯୪୮ରେ ସର୍ବନିମ୍ନ ମଜୁରି ଆଇନ ତିଆରି ହୋଇଥିବାବେଳେ ୧୯୫୭ରେ ପଞ୍ଚଦଶ ଶ୍ରମିକ ସମ୍ମିଳନୀରେ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଥିଲା। ମାତ୍ର ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ମାନୁନାହାନ୍ତି। ଷୋଡ଼ଶ ଶତାବ୍ଦୀରେ ଶ୍ରମିକମାନେ କ୍ରୀତଦାସ ଭାବେ କାମ କରୁଥିଲେ, ଏବେ ମୋଦି ସରକାର ଶ୍ରମିକମାନଙ୍କ ପାଇଁ ସେହି ଅବସ୍ଥା ସୃଷ୍ଟି କରିବାକୁ ଯାଉଛନ୍ତି। ବାସ୍ତବରେ ଏ ସରକାର ପୁଞ୍ଜିପତିମାନଙ୍କର ସରକାର। ଭାରତବର୍ଷରେ ଥିବା ୫୦କୋଟି ଶ୍ରମିକ ଏକଜୁଟ୍ ହେଲେ ମୋଦି ସରକାରକୁ ଉପଯୁକ୍ତ ଜବାବ ଦେଇପାରିବେ।

**- ବିଷ୍ଣୁ ଚରଣ ମହାନ୍ତି, ରାଷ୍ଟ୍ରୀୟ ଉପସଭାପତି, ସିଆଇଟିୟୁ**

## ମହିଳା ଶ୍ରମିକଙ୍କ କ୍ଷେତ୍ରରେ ମଜୁରୀ ସମାନତା ନାହିଁ



ପ୍ରତିବର୍ଷ ଶ୍ରମିକ ଦିବସ ପାଳନ କରାଯାଉଛି। ମାତ୍ର ଅଧିକାଂଶ ଶ୍ରମିକ ଏପରି ଗୋଟିଏ ଦିବସ ଅଛି ବା ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଜାଣିନାହାନ୍ତି। ମହିଳା ଶ୍ରମିକମାନେ କର୍ମକ୍ଷେତ୍ରରେ ଡରି ଡରି କାମ କରୁଛନ୍ତି। ସେମାନଙ୍କ କ୍ଷେତ୍ରରେ ମଜୁରିରେ ସମାନତା ନାହିଁ। ଘରୋଇ ଶ୍ରମିକ ବା ପରିଚାରିକାମାନଙ୍କୁ ଶ୍ରମିକ ଭାବରେ ଗଣାଯାଏ ନାହିଁ। ଯେଉଁ ମହିଳାମାନଙ୍କର ଛୋଟ ପିଲା ଅଛନ୍ତି, ସେମାନଙ୍କୁ କାମ ମିଳିବା କଷ୍ଟକର ହୋଇପଡ଼େ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବହୁ ବ୍ୟକ୍ତି ଶ୍ରମିକ ଭାବେ କାମ କରୁଥିଲେ ବି ସରକାରଙ୍କ ନିୟମ ଅନୁଯାୟୀ କାଗଜପତ୍ରରେ ସେମାନଙ୍କୁ ଶ୍ରମିକ ଭାବେ ଗଣାଯାଏ ନାହିଁ। ତେଣୁ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ମହିଳା ଶ୍ରମିକଙ୍କୁ ମାଟର୍ନିଟି ଲିଭ୍ ମିଳୁ ନ ଥିବାରୁ ଏ ସମୟରେ ସେମାନଙ୍କୁ ଚାକିରି ହରାଇବାକୁ ପଡିଥାଏ। ତେଣୁ ମହିଳା ଶ୍ରମିକମାନଙ୍କ ସ୍ଥିତି ଅତି ଦୟନୀୟ ରହିଛି।

**- ପରୀଲତା ମହାପାତ୍ର, ରାଜ୍ୟ ସମ୍ପାଦିକା, ଏସ୍ଇଡବ୍ଲ୍ୟୁଏ**

## କାଗଜକଲମରେ ସବୁକିଛି ଠିକ୍ ଚାଲିଛି

ଦେଶରେ ଜନସଂଖ୍ୟାର ୬୦% ଶ୍ରମିକ ଶ୍ରେଣୀର। ସ୍ୱାଧୀନତାର ୭୫ ବର୍ଷ ପରେ ବି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ। କାଗଜକଲମରେ ସବୁକିଛି ଠିକ୍ ଚାଲିଛି, ମାତ୍ର ବାସ୍ତବ ସ୍ଥିତି ଅତି ଦୟନୀୟ। ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ମିଳୁନାହିଁ। ବୟସାଧିକ୍ୟ ହେବାପରେ କାମ କରି ନ ପାରିଲେ ସେମାନଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡୁଛି। ସରକାର ବିକାଶର କଥା କହୁଥିବାବେଳେ ଏହାର ସୂତ୍ରଧର ଶ୍ରମିକମାନଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କୁ ଉଚିତ୍ ଶ୍ରମ ମିଳିପାରୁ ନାହିଁ।



**- ଶ୍ରୀନିବାସ ରାଓ, ରାଜ୍ୟ ଉପସଭାପତି, ଭାରତୀୟ ମଜଦୁର ସଂଘ**

## ଶ୍ରମିକଙ୍କୁ ୟୁଜ୍ ଆଣ୍ଡ୍ ଥ୍ରୋ କରାଯାଉଛି



ନବେ ଦଶକ ପୂର୍ବରୁ ଶ୍ରମିକମାନଙ୍କର ଚାକିରି, କର୍ମସଂସ୍ଥାନର ସୁରକ୍ଷା ଥିଲା। ମାତ୍ର ୧୯୯୧ରେ ମନମୋହନ ସିଂ ଅର୍ଥମନ୍ତ୍ରୀ ଥିବା ସମୟରେ ଜଗତୀକରଣ, ଉଦାରୀକରଣ ନୀତି ଲାଗୁ କରାଯାଇ କର୍ପୋରେଟ୍ ହାଉସ୍କୁ, ଶିଳ୍ପପତି, ପୁଞ୍ଜିପତିଙ୍କୁ ଗୁରୁତ୍ୱ ଦିଆଯାଇ ଶ୍ରମିକମାନଙ୍କୁ ଶୋଷଣ କରିବା ଆରମ୍ଭ ହେଲା। ୨୦୧୪ ପରେ ଭାଜପା ସରକାର ଫିକ୍ସ ଟର୍ମ ଏମ୍ପ୍ଲୟମେଣ୍ଟ ଯୋଜନା ଆଣିଛନ୍ତି। ଏହାର ଅର୍ଥ ଶ୍ରମିକମାନଙ୍କୁ ନିଯୁକ୍ତି ଦିଅ ଏବଂ ମାଲିକର ଆବଶ୍ୟକତା ନ ଥିଲେ ତାକୁ କାଢ଼ିଦିଅ। ଏଭଳି ୟୁଜ୍ ଆଣ୍ଡ୍ ଥ୍ରୋ ବ୍ୟବସ୍ଥା ଲାଗୁ ହେବା ପରେ ଚାକିରିର ସ୍ଥାୟିତ୍ୱ ନାହିଁ। ମୋଦି ସରକାର ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମକୋଡ୍ କରିଛନ୍ତି। ମାତ୍ର ଏସବୁ ଶ୍ରମିକଙ୍କ ବିରୋଧୀ ନିୟମ।

**- ଜୟସେନ ମେହେର, ରାଜ୍ୟ ସମ୍ପାଦକ, ଏଆଇୟୁଟିୟୁସି**

## କେନ୍ଦ୍ର ସରକାର ଶ୍ରମିକଙ୍କ ସପକ୍ଷରେ ଯାଉନାହାନ୍ତି



ଶ୍ରମିକଙ୍କ ଅବସ୍ଥା ସମ୍ପୂର୍ଣ୍ଣ ବିପନ୍ନ। ଶ୍ରମିକଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ୪୪ଟି ଶ୍ରମ ଆଇନ ଥିଲା, ତାହାକୁ ମୋଦି ସରକାର କରୋନା ସମୟରେ ୪ଟି ଶ୍ରମକୋଡ୍ରେ ପରିଣତ କରିଛନ୍ତି। ଶ୍ରମିକ ସଂଗଠନ ବିନା ଆଲୋଚନାରେ ଏହା ହୋଇଛି। ଫାଶୀବାଦରେ ବିଶ୍ୱାସ ରଖୁଥିବା କେନ୍ଦ୍ର ସରକାର ଶ୍ରମିକମାନଙ୍କ ସପକ୍ଷରେ ଯାଉନାହାନ୍ତି। ରାଜ୍ୟ ସରକାର ମଧ କେନ୍ଦ୍ର ସରକାରଙ୍କ ପଦାଙ୍କ ଅନୁସରଣ କରିବାରେ ଲାଗିଛନ୍ତି। ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଲାଗୁ ନ କରିବା ସବୁଠାରୁ ଦୁଃଖର ବିଷୟ। ବିନା ଶିଳ୍ପର ଉନ୍ନତିରେ କୌଣସି ଦେଶ ଉନ୍ନତି କରି ପାରିବ ନାହିଁ। ହେଲେ ଶିଳ୍ପ କ୍ଷେତ୍ରରେ ଆଗକୁ ବଢିବାକୁ ହେଲେ ଶ୍ରମିକମାନଙ୍କ ଉନ୍ନତି ନିତାନ୍ତ କାମ୍ୟ।

**- କିଶୋର ଜେନା, ରାଷ୍ଟ୍ରୀୟ ସମ୍ପାଦକ, ଆଇଏନ୍ଟିୟୁସି**

## ଅଣସଂଗଠିତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ



ବଡ଼ ବଡ଼ ଶିଳ୍ପସଂସ୍ଥାରେ କାମ କରୁଥିବା ଏବଂ ସଂଗଠିତ ଶ୍ରମିକମାନେ ଯେନତେନ ଭାବେ ଚଳି ଯାଉଛନ୍ତି। ମାତ୍ର ଅଣସଂଗଠିତ ଭାବେ ଥିବା ଶ୍ରମିକମାନଙ୍କ ଅବସ୍ଥା ଅତି ଖରାପ। ସେମାନଙ୍କୁ ସର୍ବନିମ୍ନ ମଜୁରି ମିଳୁ ନ ଥିବାବେଳେ ଦିନକୁ ୧୨ଘଣ୍ଟା କାମ କରିବାକୁ ପଡୁଛି। ସେମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ବିଶେଷକରି ସର୍ବନିମ୍ନ ମଜୁରି ବୃଦ୍ଧି ନ ହେଲେ ଚଳିବା କଷ୍ଟକର ହୋଇ ପଡୁଛି। ଶ୍ରମିକଙ୍କ ସୁରକ୍ଷା, ଉନ୍ନତି ପାଇଁ ସରକାର ଯୋଜନା କରୁଥିବା କହୁଥିଲେ ବି ବାସ୍ତବରେ କୌଣସି ସରକାର ଏନେଇ ଚିନ୍ତା କରୁନାହାନ୍ତି।

**- କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସଭାପତି, ହିନ୍ଦ୍ ମଜଦୁର ସଭା**

## ଶ୍ରମିକଙ୍କ ଉପରେ ଅତ୍ୟାଚାର ବଢ଼ିଛି



ଚଳିତବର୍ଷ ଭାରତ ୧୦୦ତମ ଶ୍ରମିକ ଦିବସ ପାଳନ କରିବ। ଏହା ମଧରେ ଶ୍ରମିକମାନଙ୍କ ଉପରେ ଅତ୍ୟାଚାର ବା ଆକ୍ରମଣ ବଢ଼ିଛି। ସେମାନଙ୍କ ପାଇଁ ଯେଉଁ ଆଇନ କରାଯାଇଥିଲା ତାହାକୁ ଭାଙ୍ଗି କର୍ପୋରେଟମାନଙ୍କ ସ୍ୱାର୍ଥରେ ଲଗାଇବା ପାଇଁ ୪ଟି ଶ୍ରମ ବା ଲେବର କୋଡ୍ ଅଣାଯାଇଛି। ଯାହାଫଳରେ ଶ୍ରମିକମାନେ ସଂଗଠନ କରିବା, ଅଧିକାର ପାଇବା ପାଇଁ ରାଲି ବା ଆନ୍ଦୋଳନ କରିବା ଅଧିକାର ହରାଇବେ। ଏହା ପୁଣି ଥରେ ଦାସତ୍ୱ ପ୍ରଥା ଆଡ଼କୁ ନେଇଯାଉଛି। ଲକ୍ଡାଉନ୍ ସମୟରେ ଶ୍ରମିକମାନଙ୍କର ବହୁ ପରିମାଣରେ ଛଟେଇ ହୋଇଥିଲା। ଏବେ ସୁଦ୍ଧା ପ୍ରାୟ ୧୦ କୋଟି ଶ୍ରମିକ ଛଟେଇ ହୋଇ ରହିଥିଲେ ବି ସେମାନଙ୍କ ପାଇଁ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଠିକା ଶ୍ରମିକମାନେ ସାମାଜିକ ସୁରକ୍ଷା ପାଇଁ ମାଲିକଙ୍କ ପାଖରେ ଦାବି କଲେ ଚାକିରି ଚାଲିଯାଉଛି। ଦରଦାମ୍ ବଢୁଥିବାବେଳେ ସର୍ବନିମ୍ନ ମଜୁରି ବଢୁନାହିଁ। ଓଡ଼ିଶାରେ ସର୍ବନିମ୍ନ ମଜୁରୀ ଅତିକମ୍ରେ ୫ଶହ ଏବଂ କୁଶଳୀ ଶ୍ରମିକଙ୍କ ୭ଶହଟଙ୍କା ହେବା କଥା। ଏବେ ତାହା ୩୪୫ଟଙ୍କାରେ ସୀମିତ ରହିଛି।

**- ମହେନ୍ଦ୍ର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ, ଏଆଇସିସିଟିୟୁ**

## ଦେଶରେ ଶ୍ରମିକ ଅସୁରକ୍ଷିତ



ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ଶ୍ରମିକମାନେ ଅସୁରକ୍ଷିତ। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋଡ୍ରେ ପରିଣତ କରିବା ଓ ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ନିଷ୍ପତ୍ତି ଶ୍ରମିକମାନଙ୍କ ମଧରେ ଆନ୍ଦୋଳନର ବହ୍ନି ସୃଷ୍ଟି କରିଛି। ରାଜ୍ୟ ସରକାର ଶ୍ରମିକ ସଂଗଠନ ସହିତ ଆଲୋଚନା ଓ ବିତର୍କ ନ କରି କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ନିଷ୍ପତ୍ତିକୁ ସମର୍ଥନ କରିବା ଏକ ଶ୍ରମିକ ବିରୋଧୀ କାର୍ଯ୍ୟ। ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ।

**- ବିଦ୍ୟାଧର ମହାନ୍ତି, ରାଜ୍ୟ ଅଧକ୍ଷ, ଅଣସଂଗଠିତ ଶ୍ରମିକ କଂଗ୍ରେସ**

# ବିଶ୍ୱକୁ ପ୍ରଭାବିତ କରିଥିଲା ଶିକାଗୋ ଶ୍ରମିକ ଆନ୍ଦୋଳନ

ମେ’ ପହିଲା ହେଉଛି ବିଶ୍ୱ ଶ୍ରମିକ ଦିବସ ବା ମେ’ ଡେ। କେତେକ ଦେଶରେ ଏହା ଅନ୍ତର୍ଜାତୀୟ ଶ୍ରମିକ ଦିବସ ନାମରେ ମଧ ପାଳିତ ହୁଏ। ଆମେରିକାନ ଫେଡେରେଶନ ଅଫ୍ ଅର୍ଗାନାଇଜ୍ଡ ଟ୍ରେଡ୍ସ ଆଣ୍ଡ୍ ଲେବର ୟୁନିୟନ୍ସର ନିଷ୍ପତ୍ତି କ୍ରମେ ‘୮ ଘଣ୍ଟା କାମ, ୮ ଘଣ୍ଟା ବିଶ୍ରାମ ଏବଂ ୮ ଘଣ୍ଟା ମନୋରଞ୍ଜନ’ ଦାବିରେ ୧୮୮୬ ମେ’ ୧ରେ ଆମେରିକାର ଶିକାଗୋ ସହରର ‘ହେ ମାର୍କେଟ’ ଛକରେ ଶ୍ରମିକ ଆନ୍ଦୋଳନ ହୋଇଥିଲା। ନିଜର ନ୍ୟାୟସଙ୍ଗତ ଦାବି ପାଇଁ ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ସମବେତ ହୋଇଥିବା ଅନେକ ହଜାର ଶ୍ରମିକଙ୍କ ଉପରେ ପୋଲିସ ମେ’ ୪ ତାରିଖରେ ବୋମାମାଡ଼କୁ କେନ୍ଦ୍ରକରି ଅତର୍କିତ ଗୁଳିଚାଳନା କରିଥିଲା। ଏଥିରେ ବହୁ ଶ୍ରମିକ ମୃତାହତ ହୋଇଥିଲେ। ତେବେ ସେହି ଶ୍ରମିକମାନଙ୍କ ବଳିଦାନ ବ୍ୟର୍ଥ ଯାଇ ନ ଥିଲା। ଆମେରିକାର ଏହି ଘଟଣା ବିଶ୍ୱର ସମସ୍ତ ସ୍ୱାଧୀନ ଓ ପରାଧୀନ ଦେଶର ଶ୍ରମଜୀବୀମାନଙ୍କୁ ପ୍ରଭାବିତ କରିଥିଲା। ପୁଞ୍ଜିବାଦୀ ବ୍ୟବସ୍ଥା ବିରୋଧରେ ବିଶ୍ୱ ଶ୍ରମଜୀବୀ ସମୁଦାୟ ସଂଗ୍ରାମକୁ ଆଗକୁ ବଢ଼ାଇଥିଲେ। ଶିକାଗୋ ଆନ୍ଦୋଳନର ନେତାମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଆଗତ କରାଯାଇ ୪ଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ଏହି ଦୁଃଖଦ ଘଟଣାର ସ୍ମାରକୀ ସ୍ୱରୂପ ୟୁରୋପର ଇଣ୍ଟରନ୍ୟାଶନାଲ କଂଗ୍ରେସ ଅଫ୍ ସୋସିଆଲିଷ୍ଟ ପାର୍ଟିଜ୍ ପକ୍ଷରୁ ୧୮୮୯ ଜୁଲାଇ ୧୪ରେ ପ୍ୟାରିସରେ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ମହାଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯେ, ପ୍ରତିବର୍ଷ ମେ’ ପହିଲାକୁ ବିଶ୍ୱରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯିବ। ଏହି ନିଷ୍ପତ୍ତି ଅନୁଯାୟୀ ୧୮୯୦ରୁ ଏହା ପାଳନ କରାଯାଇ ଆସୁଛି। ସମ୍ପ୍ରତି ୧୬୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଦିବସ ମେ’ ୧ରେ ପାଳନ କରାଯାଉଛି। ହେଲେ ଆମେରିକା ଓ କାନାଡ଼ାରେ ସେପ୍ଟେମ୍ବର ପ୍ରଥମ ସୋମବାରରେ ଏହି ଦିବସ ପାଳନ କରାଯାଉଛି।

ଶିକାଗୋ ଆନ୍ଦୋଳନର ବହୁ ପୂର୍ବରୁ ଅର୍ଥାତ୍ ୧୮୦୬ ମସିହାରେ ଆମେରିକାର ପ୍ରସିଦ୍ଧ ଫିଲାଡେଲଫିଆ ଜୋତା କାରଖାନାର ମେକାନିକ୍ମାନେ ପ୍ରଥମ ମେକାନିକ୍ସ ୟୁନିୟନ୍ ଅଫ୍ ଫିଲାଡେଲ୍ଫିଆ ନାମକ ଏକ ଶ୍ରମିକ ସଂଗଠନ ଗଠନ କରିଥିଲେ। ସେହି ସମୟରେ ଶ୍ରମିକମାନେ ଦୈନିକ ୧୯ ଘଣ୍ଟା କାର୍ଯ୍ୟ କରୁଥିବାରୁ ସେମାନଙ୍କ ଅବସ୍ଥା ଦୁର୍ବିଷହ ହୋଇପଡ଼ିଥିଲା। ତେଣୁ ଦୈନିକ ଶ୍ରମ ନିର୍ଘଣ୍ଟ ୧୯ ଘଣ୍ଟାରୁ ହ୍ରାସ କରାଯାଇ ୧୦ ଘଣ୍ଟାରେ ସୀମିତ କରିବା ପାଇଁ ଦାବି କରି ଫିଲାଡେଲ୍ଫିଆର ନିର୍ମାଣ ଶ୍ରମିକମାନେ ୧୮୨୭ ମସିହାରେ ପ୍ରଥମ କରି ସଂଗଠିତ ଭାବେ ଧର୍ମଘଟ ଆରମ୍ଭ କରିଥିଲେ। ସେହିପରି ୨୧ ଏପ୍ରିଲ ୧୮୫୬ରେ ଅଷ୍ଟ୍ରେଲିଆର ମେଲବୋର୍ନରେ ୮ ଘଣ୍ଟିଆ କାର୍ଯ୍ୟ ନିର୍ଘଣ୍ଟ ସ୍ଥିର ପାଇଁ ଶ୍ରମିକ ଆନ୍ଦୋଳନର ପ୍ରଥମ ପଦଯାତ୍ରା ହୋଇଥିଲା। ଏହି ଦିନ ମେଲବୋର୍ନର ଚାରିପାଖରେ ହେଉଥିବା ବିରାଟ ପଥର ପାଚେରିର ନିର୍ମାଣ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରିଥିଲେ। ସେମାନେ ମେଲବୋର୍ନ ବିଶ୍ୱବିଦ୍ୟାଳୟରୁ ସଂସଦ ଗୃହକୁ ଚାଲି ଚାଲି ଯାଇ ନିଜର ଦାବି ଜଣାଇଥିଲେ। ପୁଞ୍ଜିବାଦୀଙ୍କ ବିରୋଧରେ ସେମାନଙ୍କର ଏହି ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ସଫଳ ହୋଇଥିଲା। ସେତେବେଳେ ଆମେରିକା ସମେତ ଅନେକ ଦେଶରେ ୧୨ରୁ ୧୬ ଘଣ୍ଟା ଯାଏ ଶ୍ରମିକମାନେ କାମ କରୁଥିଲେ।

## ୧୯୨୩ରୁ ଭାରତରେ ପାଳିତ ହେଉଛି



ଭାରତରେ ପ୍ରଥମ କରି ମେ’ ଦିବସ ୧୯୨୩ରେ ମାଡ୍ରାସ(ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହି ଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡ଼ିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ୍ ପାର୍ଟି ପ୍ରଥମ ପଦକ୍ଷେପ ନେଇଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା କମ୍ରେଡ୍ ମଳୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ୍ ବିଚ୍ରେ ଏବଂ ଅନ୍ୟଟି ମାଡ୍ରାସ୍ ହାଇକୋର୍ଟର ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖ ଥିଲା ଯେ, ମେ’ ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲା।

---

ଫୁର୍ସତ୍



# ସାମନ୍ଥାଙ୍କ ମନ୍ଦିର

ମୁମ୍ବାଇ

ଅଭିନେତ୍ରୀ ଅଭିନେତାଙ୍କୁ ନେଇ ପ୍ରଶଂସକଙ୍କ ମଧରେ ଅନେକ ଭଲପାଇବା ଦେଖିବାକୁ ମିଳିଥାଏ। ଏପରିକି ଦେଖିବାକୁ ମିଳିଛି, ପ୍ରଶଂସକମାନେ ତାଙ୍କ ପସନ୍ଦର ଅଭିନେତା, ଅଭିନେତ୍ରୀଙ୍କ ମୂର୍ତ୍ତି କରି ପୂଜା କରିଛନ୍ତି। ନିକଟରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ସାଉଥ୍ର ଫେମସ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କର ଶୁକ୍ରବାର ଜନ୍ମଦିନ ଥିଲା। ଏଥିରେ ତାଙ୍କୁ ପ୍ରଶଂସକମାନଙ୍କ ସହ ବିଭିନ୍ନ ଆଡୁ ଶୁଭେଚ୍ଛା ମଧ ମିଳିଛି। ତେବେ ଆନ୍ଧ୍ରପ୍ରଦେଶର ବପଟ୍ଲା ରାଜ୍ୟର ଅଳପଦୁ ଗାଁର ଜଣେ ପ୍ରଶଂସକ ତେନାଲି ସନ୍ଦୀପ ତାଙ୍କ ଘର ପରିସରରେ ସାମନ୍ଥାଙ୍କ ଏକ ମନ୍ଦିର ତିଆରି କରିଛନ୍ତି। ମନ୍ଦିରରେ ତାଙ୍କ ମୂର୍ତ୍ତି ରଖିଥିବାବେଳେ ସେଥିରେ ସାମନ୍ଥା ଗୋଟେ ଲାଲ୍ ରଙ୍ଗର ଶାଢି ପିନ୍ଧିଥିବାବେଳେ ସବୁଜ ରଙ୍ଗର ବ୍ଲାଉଜ୍ ପିନ୍ଧିଥିବା ଦେଖିବାକୁ ମିଳିଛି, ଯାହାରକି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ୧୦୧ ବରିଷ୍ଠ ବ୍ୟକ୍ତିଙ୍କ ଏକତ୍ର ସ୍କାଏ ଡାଇଭିଂ

ସାକ୍ରାମେଣ୍ଟୋ

ଯୁବାବସ୍ଥାରେ ଅନେକେ ବିପଜ୍ଜନକ ଖେଳରେ ଭାଗ ନେଇଥାନ୍ତି। ହେଲେ ବୟସ ହେଉଛି ଏକ ସଂଖ୍ୟା, ବୟସ ବଢିଲେ ମଧ ଲୋକେ ନିଜକୁ ଫୁର୍ତ୍ତି ରଖି ବିଭିନ୍ନ ବିପଦପୂର୍ଣ୍ଣ ଖେଳ ଖେଳିପାରିବେ ବୋଲି ପ୍ରମାଣିତ କରିଛନ୍ତି କାଲିଫର୍ନିଆ ପେରିସ ସହରର ୧୦୧ ଜଣ ବରିଷ୍ଠ ବ୍ୟକ୍ତି । ସେମାନଙ୍କ ଏକତ୍ର ସ୍କାଏ ଡାଇଭିଂର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାର ଲାଗିଛି, ଯାହାକି ସମସ୍ତଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ। ସମସ୍ତଙ୍କ ବୟସ ୬୦ରୁ ୭୮ ବର୍ଷ ଭିତରେ ହୋଇଥିବାବେଳେ ସେମାନେ ଏକାଠି ସ୍କାଏ ଡାଇଭିଂ ଭଳି ଏକ ଦୁଃସାହସିକ ଅଭିଯାନରେ ସାମିଲ ହୋଇ ୨ଟି ୱାର୍ଲ୍ଡ ରେକର୍ଡ କରିଛନ୍ତି। କିଛିଦିନ ତଳେ ‘ସ୍କାଏ ଡାଇଭର୍ସ ପେରିସ’ ନାମକ ସଂସ୍ଥା ‘ସ୍କାଏ ଡାଇଭର୍ସ ଓଭର ୬୦’ ଅଭିଯାନ ଆରମ୍ଭ କରି ଏହି ସ୍କାଏ ଡାଇଭିଂ କରିଥିଲେ। ସେମାନେ ସ୍କାଏ ଡାଇଭିଂ କରିବା ସମୟରେ ଏକ ପଏଣ୍ଟ ସୃଷ୍ଟି କରି ୱାର୍ଲ୍ଡ ରେକର୍ଡ କରିଛନ୍ତି, ଯାହାକି ପୂର୍ବରୁ ଏହି ରେକର୍ଡ ୨୦୧୮ରେ ଚିକାଗୋରେ ଆୟୋଜିତ ୭୫ ଜଣିଆ ବରିଷ୍ଠ ବ୍ୟକ୍ତିଙ୍କ ନାମରେ ଥିଲା। ଏଥିସହ ଦ୍ୱିତୀୟ ପ୍ରୟାସରେ ୯୫ଜଣ ବରିଷ୍ଠ ନାଗରିକ ଦୁଇ ପଏଣ୍ଟ ସୃଷ୍ଟି କରି ଅନ୍ୟ ଏକ ରେକର୍ଡ କରିଥିଲେ। ଏହି ରେକର୍ଡ ପୂର୍ବରୁ ୨୦୧୭ରେ ପେରିସଠାରେ ୬୦ ଜଣ ବରିଷ୍ଠ ନାଗରିକଙ୍କ ନାମରେ ରହିଥିଲା।



# କବାଡ଼ିରୁ ୭ ସିଟ୍ ଥିବା ବାଇକ୍

ନୂଆଦିଲ୍ଲୀ: ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ୭ ଜଣ ବସିଥିବା ଏକ ଲମ୍ୱା ବାଇକ୍ ନଜରକୁ ଆସିଛି। ଜଣାପଡିଛି କି ଏହି ବାଇକ୍ଟି କବାଡ଼ି(ପୁରୁଣା ଜିନିଷ)ରୁ ପ୍ରସ୍ତୁତ ହୋଇଛି। ବାଇକ୍ ଚଳାଉଥିବା ଯୁବକ ଜଣକ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହି ବାଇକ୍ରେ ୭ ଜଣ ବସିବା ଭଳି ସୁବିଧା ରହିଥିବାବେଳେ ଏଥିରେ ସୋଲାର ପ୍ୟାନେଲ ଲାଗିଛି, ଯାହାଫଳରେ ବାଇକ୍ ସୌରଶକ୍ତି ସାହାଯ୍ୟରେ ପାଖାପାଖି ୨୦୦ କିମି ଚାଲିପାରିବ। ସୋଲାର ପ୍ୟାନେଲ ଶକ୍ତି ଯୋଗାଇବା ସହ ଖରା ଏବଂ ବର୍ଷାରୁ ରକ୍ଷା କରିବ। ଏହି ବାଇକ୍କୁ ତିଆରି କରିବାକୁ ଉକ୍ତ ଯୁବକଙ୍କୁ ୧୦ରୁ ୧୨ ହଜାର ଟଙ୍କା ଲାଗିଥିବା ସେ କହିଛନ୍ତି। ଏହି ଭିଡିଓକୁ ଉଦ୍ୟୋଗପତି ହର୍ଷ ଗୋଏଙ୍କା ତାଙ୍କ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ଏତେ ସୁବିଧା ଥିବା ବାଇକ୍ ଆମ ଦେଶରେ ତିଆରି ହୋଇଛି, ଯାହାକୁ ନେଇ ସେ ଗର୍ବିତ । ଏହାକୁ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଲେଣି। ଏଥିରେ ଲୋକଙ୍କ ଭିନ୍ନ ଭିନ୍ନ ମଜାଳିଆ କମେଣ୍ଟ ମଧ ଦେଖିବାକୁ ମିଳିଛି। ତେବେ ଏହି ଭିଡିଓଟି କେଉଁ ସ୍ଥାନର ତାହା ଜଣାପଡିନି।



# ମୁଦିରେ ୫୦,୯୦୭ ଡାଇମଣ୍ଡ

ମୁମ୍ବାଇ

ଅନେକ ଲୋକ ମୁଦି ପିନ୍ଧିବାକୁ ବେଶ୍ ଭଲ ପାଆନ୍ତି। ତାଙ୍କର ସଉକ ଅନୁସାରେ ଇମିଟେଶନ, ସୁନା, ରୁପା, ପ୍ଲାଟିନମ୍ ଏବଂ ଡାଇମଣ୍ଡର ମୁଦି ଆଦି ପିନ୍ଧିଥାନ୍ତି। ତେବେ ନିକଟରେ ଏକ ମୁଦି ପ୍ରସ୍ତୁତ ହୋଇଛି, ଯାହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏଚ୍.କେ. ଡିଜାଇନ୍ସ ଏବଂ ହରି କ୍ରିଷ୍ଣା ଏକ୍ସପୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ମୁମ୍ବାଇର ମିଳିତ ଉଦ୍ୟମରେ ୫୦,୯୦୭ ଡାଇମଣ୍ଡ ଖଚିତ ମୁଦି ପ୍ରସ୍ତୁତ କରିଛି, ଯାହା ଚଳିତ ବର୍ଷ ମାର୍ଚ୍ଚ ୧୧ତାରିଖରେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛି।



ମୁଦିଟି ୮ ପାର୍ଟ ଯୁକ୍ତ ହୋଇଥିବାବେଳେ ସୂର୍ଯ୍ୟମୁଖୀ ଫୁଲର ୪ଟି ପାଖୁଡ଼ା, ୨ଟି ଡାଇମଣ୍ଡ ଡିସ୍କ ଏବଂ ତା’ ଉପରେ ପ୍ରଜାପତି ରହିଛି। ଏଥିରେ ସମସ୍ତ ଡାଇମଣ୍ଡକୁ ଟିମ୍ର ଏକ୍ସପର୍ଟଙ୍କ ଜରିଆରେ ମୁଦିରେ ଡିଜାଇନ କରାଯାଇଛି। ଏହି ମୁଦିର ନାମ ରଖାଯାଇଛି, ‘ୟୁଟେରିଆ’, ଯାହାର ମୂଲ୍ୟ ୭ ଲକ୍ଷ ୮୫ ହଜାର ୬୪୫ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୬ କୋଟି ୪୨ ଲକ୍ଷ ୨୨ ହଜାର ୯୪୩ ଟଙ୍କା ୩୫ ପଇସା ହେବ। ଉକ୍ତ ଡାଇମଣ୍ଡ ମୁଦି ତିଆରି ପାଇଁ ପାଖାପାଖି ୯ ମାସ ସମୟ ଲାଗିଥିବାବେଳେ କମ୍ପ୍ୟୁଟର ଡିଜାଇନ ପାଇଁ ୪ ମାସର ସମୟ ଲାଗିଥିଲା। ସେଥିରେ ୧୮ କ୍ୟାରେଟ ସୁନା ବ୍ୟବହାର କରାଯାଇଥିବାବେଳ ଡାଇମଣ୍ଡକୁ ସ୍କିଲ୍ଡ ଆର୍ଟିଷ୍ଟିଆନ୍ଙ୍କ ଦ୍ୱାର ପ୍ରସ୍ତୁତ କରାଯାଇଛି।

## ସଂକ୍ଷେପରେ

### ବିଏମ୍‌ସି ଜାରି କଲା ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ନଂ

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)- ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍‌ସି ଲଗାତାର ଚେଷ୍ଟା ଚଳାଇଥିବାବେଳେ, ଏହାକୁ ଅଧିକ ଲୋକାଭିମୁଖୀ କରିବାକୁ ଚେଷ୍ଟା କରାଯାଉଛି। ଲୋକମାନେ ସେମାନଙ୍କର ସମସ୍ୟା ନେଇ ବିଏମ୍‌ସିକୁ ଆସିବେ ନାହିଁ ବରଂ ବିଏମ୍‌ସି ସେମାନଙ୍କ ପାଖକୁ ଯିବ ବୋଲି ମେୟର ସୁଲୋଚନା ଦାସ ପ୍ରତିଶ୍ରୁତି ଦେଇଥିଲେ। ତେବେ ଜନସାଧାରଣ ଗୋଟିଏ ପ୍ଲାଟଫର୍ମରେ ଯେପରି ସେମାନଙ୍କର ଅଭିଯୋଗ ପଠାଇ ପାରିବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ନମ୍ବର ୭୦୦୮୪୭୫୪୫୫ ଜାରି କରାଯାଇଛି। କୌଣସି ଅଭିଯୋଗ ଥିଲେ ଲୋକେ ଏହି ନମ୍ବରରେ ଅଭିଯୋଗ କରିବେ। ବିଏମ୍‌ସି ପକ୍ଷରୁ ତାହାକୁ ପଞ୍ଜିକରଣ କରାଯାଇ ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ପୂର୍ବରୁ ୧୯୨୯କୁ ଫୋନ୍ କରି ଲୋକମାନେ ସେମାନଙ୍କର ଅଭିଯୋଗ କରି ପାରୁଥିଲେ। ତେବେ ହ୍ୱାଟ୍‌ସଆପ୍ ନମ୍ବର ଜାରିହେବା ଦ୍ୱାରା ଲୋକମାନେ ବିଏମ୍‌ସି ସହିତ ଅଧିକ ଭାବେ ଜଡିତ ହୋଇ ପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ନିଶା ଖାଇବାକୁ ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା

ଆଠଗଡ଼,୩୦।୪(ସ୍ୱ.ପ୍ର.) : ପୁଅ ନିଶା ଖାଇବା ପାଇଁ ଟଙ୍କା ମାଗିଥିଲେ। ବାପା ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବାପାଙ୍କୁ ଲୁହାଛଡ଼ରେ ପିଟି ପିଟି ମାରିଦେଇଥିଲେ । ଆଠଗଡ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଏହି ଘଟଣା ଘଟିଛି। ମୃତକ ହେଲେ ଏହି ଗ୍ରାମର ବାଲୁଙ୍କେଶ୍ୱର ମହାନ୍ତି ( ୭୫)। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତ ପୁଅ ଅପର୍ତ୍ତି ମହାନ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

# କୁକୁର କାମୁଡ଼ିଲେ, ବାହାରେ ମଳତ୍ୟାଗ କଲେ ଜରିମାନା ଦେବେ ମାଲିକ

**ବିଏମ୍‌ସିରେ ପାରିତ ହେଲା ଡଗ୍ ବାଇ-ଲ’**



- ଜଣେ ସର୍ବାଧିକ ୨ କୁକୁର, ପଞ୍ଜୀକରଣ ବାଧ୍ୟତାମୂଳକ
- ବାହାରକୁ ନେଲେ କୁକୁର ବେକରେ ମେଟାଲ ଟ୍ୟାଗ୍ ଲାଗିବ
- ବୟସ ହୋଇଗଲେ କୁକୁରକୁ ରାସ୍ତା କଡ଼ରେ ଛାଡିବା ମନା
- ବାରମ୍ବାର ନିୟମ ଉଲ୍ଲଂଘନ କଲେ ଦଣ୍ଡ ବଢ଼ିବ

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ କୁକୁର ପାଳନ ନେଇ ସ୍ୱତନ୍ତ୍ର ନିୟମ କରାଯାଇଛି। ଶନିବାର କର୍ପୋରେଶନ ବୈଠକରେ ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ଡଗ୍ ବାଇ-ଲ’ ପାରିତ ହୋଇଛି। ଏବେ ଦେଶୀ ହେଉକି ବିଦେଶୀ କୁକୁର ଘରେ ପୋଷିବାକୁ ହେଲେ ବିଏମ୍‌ସି ଦ୍ୱାରା ଜାରି ନିୟମ ମାନିବାକୁ ପଡିବ। ନୂଆ ନିୟମ ଅନୁଯାୟୀ, ୪ମାସରୁ କମ୍ ବୟସର କୁକୁର ରଖି ପାରିବେ ନାହିଁ। କୁକୁର ପୋଷିବାକୁ ହେଲେ ମାଲିକଙ୍କୁ ପଞ୍ଜୀକରଣ କରିବାକୁ ପଡିବ। ଏଥିସହ ପଶୁ ଡାକ୍ତରଙ୍କଠାରୁ ଟୀକାକରଣର ସାର୍ଟିଫିକେଟ ରଖିବା ବାଧ୍ୟତାମୂଳକ କରାଯାଇଛି। ପ୍ରତିବର୍ଷ ଏପ୍ରିଲ ପହିଲା କିମ୍ବା ଏହାର ୭ଦିନ ମଧ୍ୟରେ ପଞ୍ଜୀକରଣ କରାଯିବ। ପଞ୍ଜୀକରଣ ପାଇଁ ୫ଶହ ଓ ରିନ୍ୟୁ ପାଇଁ ୨୫୦ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ରେଜିଷ୍ଟ୍ରେନ ଏକ୍ସପାରୀ ହେବା ପରେ ରିନ୍ୟୁ କଲେ ୩୫୦ଟଙ୍କା ଦେବାକୁ ପଡିବ। କୁକୁର କାହାକୁ କାମୁଡିଲେ, ବାହାର ଜିନିଷ ନଷ୍ଟ କଲେ, ଏପରିକି ରାସ୍ତା, ପାର୍କ, ଜନବସତି ଭଳି ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ କଲେ ମାଲିକଙ୍କୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡିବ। ଘରୁ ବାହାରକୁ ନେଲେ କୁକୁର ବେକରେ ମେଟାଲ ଟୋକନ୍ କିମ୍ବା ଟ୍ୟାଗ୍ ଲଗାଯିବା ବାଧ୍ୟତାମୂଳକ। ଯେଉଁମାନେ ନିଜ ପୋଷା କୁକୁରଙ୍କୁ ବିଭିନ୍ନ ଖେଳ କିମ୍ବା ଡଗ୍ ଶୋ’ରେ ସାମିଲ କରାଇବେ ସେମାନଙ୍କୁ ବିଏମ୍‌ସିଠାରୁ ଗେମ୍ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ନେବାକୁ ପଡିବ। କୁକୁର ବୟସ ହୋଇଗଲେ ମାଲିକ ତାକୁ ରାସ୍ତା କଡରେ ଛାଡିଦେଇ ପାରିବେ ନାହିଁ। ଏହି ନିୟମକୁ ଉଲ୍ଲଂଘନ କଲେ ପଞ୍ଜୀକରଣ ପ୍ରାଧିକରଣ ଦ୍ୱାରା ମାଲିକଙ୍କୁ ଦଣ୍ଡିତ ହେବାକୁ ପଡିବ। ଯଦି ଏହି ଉଲ୍ଲଂଘନ ଜାରି ରହେ, ତେବେ ଅତିରିକ୍ତ ଭାବେ ଦିନକୁ ୨ଶହ ଟଙ୍କା ଜରିମାନା ୭ଦିନ ପର୍ଯ୍ୟନ୍ତ ଦେବେ। ଏହାପରେ ସମ୍ପୃକ୍ତ କୁକୁରକୁ ସିଜ୍ କରାଯିବ ଓ ତାହାର ରକ୍ଷଣାବେକ୍ଷଣ ପାଇଁ ଦିନକୁ ୨ଶହ ଟଙ୍କା ହିସାବରେ ମାଲିକଙ୍କୁ ଦେବାକୁ ପଡିବ। ୭ଦିନ ଭିତରେ କୁକୁରକୁ ମାଲିକ ନ ନେଲେ ରେଜିଷ୍ଟ୍ରେଶନ ବାତିଲ କରିବା ସହ କୁକୁରରୁ ସାର୍ବଜନୀନ ଭାବେ ବିକ୍ରୟ କିମ୍ବା ଆଡପ୍ଟ କରାଯିବ। ସେହିପରି ଗୋଟିଏ ବର୍ଷରେ ଅତି କମ୍‌ରେ ୩ଥର ନିୟମର ଉଲ୍ଲଂଘନ କଲେ ମଧ୍ୟ ରେଜିଷ୍ଟ୍ରେଶନ ବାତିଲ କରାଯିବ ବୋଲି ନିୟମ ରହିଛି।

# ସୂର୍ଯ୍ୟ ମିଶ୍ରଙ୍କୁ ‘ସାହିତ୍ୟାୟନ ସମ୍ମାନ’




ଭୁବନେଶ୍ୱର,୩୦।୪(ବ୍ୟୁରୋ)

**ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ‘ଯତୀନ୍ଦ୍ର ମୋହନ ସ୍ମାରକୀ ସମ୍ମାନ’, ନନ୍ଦିତା ମହାନ୍ତିଙ୍କୁ ‘ମେଘନାଦ ସମ୍ମାନ’**

‘ସାହିତ୍ୟାୟନ’ର ସପ୍ତଦଶ ବାର୍ଷିକ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ଲେଖକ ଡ. ରବିନାରାୟଣ ସେନାପତି ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଚିକିତ୍ସକ ଡ. ନିତ୍ୟାନନ୍ଦ ସ୍ୱାଇଁ ଯୋଗଦେଇ ସାହିତ୍ୟ ଆମକୁ ଏକାଠି କରି କିଭଳି ଆଲୋକିତ ପଥ ପ୍ରଦର୍ଶନ କରେ, ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପ୍ରଦତ୍ତ ପ୍ରଥମ ‘ପ୍ରଫେସର ଯତୀନ୍ଦ୍ର ମୋହନ ସ୍ମାରକୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କୁ ‘ସାହିତ୍ୟାୟନ ସମ୍ମାନ’ ଓ ନନ୍ଦିତା ମହାନ୍ତିଙ୍କୁ ‘ମେଘନାଦ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସଂଜୟ ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ ଡ. ପ୍ରମୋଦ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦେବାଶିଷ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସାହିତ୍ୟାୟନର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଡ. ଅମ୍ବରିଶ ଶତପଥୀ ଓ ମାନିନୀ ଜେନା ଏହାକୁ ସଂଯୋଜନା କରିଥିଲେ।

# ‘ଶିଶୁଙ୍କ ମୁଣ୍ଡରୁ ଶ୍ରମ ହଟାଇ ଶିକ୍ଷା ପ୍ରଦାନ ଜରୁରୀ’

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଶିଶୁ ସମ୍ପଦର ସୁରକ୍ଷା ହେଲେ ଦେଶ ଓ ସମାଜ ସଶକ୍ତ ହେବ। ଏଥିପାଇଁ ଶିଶୁଙ୍କ ମୁଣ୍ଡରୁ ଶ୍ରମ ବୋଝ ହଟାଇ ଶିକ୍ଷା ପ୍ରଦାନ କରିବା ଜରୁରୀ ବୋଲି ଶିଶୁଶ୍ରମ ନିରୋଧ ଦିବସ ପରିପ୍ରେକ୍ଷୀରେ ବୁଦ୍ଧପାର୍କ ସମ୍ମୁଖରେ ଆୟୋଜିତ ଦସ୍ତଖତ ଅଭିଯାନ ଓ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ସିସିଡବ୍ଲ୍ୟୁଡି ଓ ଆକ୍ସନଏଡ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିଶୁ ଶ୍ରମିକ ନିଷିଦ୍ଧ ଓ ନିୟନ୍ତ୍ରଣ ଆଇନ-୨୦୧୬ରେ ହୋଇଥିବା ସଂଶୋଧନ ଅନୁଯାୟୀ କୋମଳମତି ଶିଶୁଙ୍କୁ କୌଣସି ବିପଦ ସଂକୁଳ କାର୍ଯ୍ୟରେ ନିୟୋଜିତ ନ କରିବା, ଶିଶୁଶ୍ରମ ମୁକ୍ତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଚେତନ ହେବା ଓ ସହଭାଗିତାର ହାତକୁ ହାତ ମିଳାଇ ଶିଶୁଶ୍ରମକୁ ମୂଳପୋଛ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା। ସିସିଡବ୍ଲ୍ୟୁଡି ସମ୍ପାଦକ ସଦାଶିବ ସ୍ୱାଇଁ କହିଲେ, ଶିଶୁମାନଙ୍କର ସ୍ଥାନ କାର୍ଯ୍ୟକ୍ଷେତ୍ର ନ ହୋଇ ଶିକ୍ଷାକ୍ଷେତ୍ର ହେବା ଜରୁରୀ। ଏଦିଗରେ ପରିବାର ସ୍ତରରୁ ବ୍ୟାପକ ସଚେତନତା ଲୋଡା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଗୀତାଞ୍ଜଳୀ ପଣ୍ଡା, ରେଣୁବାଳା ସାହୁ, ଶିବା ସାହୁ, କୃଷ୍ଣଚନ୍ଦ୍ର ମହନ୍ତ, ଲକି ମହଲା, ସରସ୍ୱତୀ ପରିଡା, ସୁଚରୀତା ବେହେରା, ସ୍ନିଗ୍ଧା ଦାସ, ବିଷ୍ଣୁପ୍ରିୟା ସାମଲ ଓ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଭୁବନେଶ୍ୱର ୟଙ୍ଗ ଅର୍ବାନ୍ ୱିମେନ ଫୋରମ୍ ଓ ଅଣସଂଗଠିତ ଶ୍ରମିକ ମର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ।

DSPL-25



## ସଂକ୍ଷେପରେ

### ଡିଆଇଇଟିରେ ନାମଲେଖା ପାଇଁ ଆବେଦନ ସରିଲା

ନରସିଂହପୁର, ୩୦।୪ (ସ୍ୱ.ପ୍ର.): କଟକ ଜିଲା ନରସିଂହପୁରଠାରେ ଥିବା ଡିଆଇଇଟି(ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ)ରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ପୁନର୍ବାର ଆରମ୍ଭ ହୋଇଛି। ସରକାରଙ୍କ ତରଫରୁ ୨୦୨୩-୨୪ ଶିକ୍ଷା ବର୍ଷ ନିମନ୍ତେ ଏନେଇ ଅନୁମୋଦନ ମିଳିଛି । ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ରବିବାର ଆବେଦନର ଶେଷ ତାରିଖ ଥିଲା। ଏହାପରେ ଆବେଦନକାରୀଙ୍କ ମଧ୍ୟରେ ଏଣ୍ଟ୍ରାନ୍ସ କରାଯାଇ ନାମଲେଖା ଆରମ୍ଭ ହେବ । ସୂଚନାଯୋଗ୍ୟ, ଗତ୨୦୦୫ରୁ ନରସିଂହପୁରଠାରେ ଏହି ଶିକ୍ଷା ଅନୁଷ୍ଠାନ ଖୋଲାଯାଇ ତାଲିମ କାର୍ଯ୍ୟକ୍ରମ ଚାଲିଥିଲା। ଗତ ଦୁଇ ବର୍ଷ ହେଲା ନାମଲେଖା ବନ୍ଦ ରହିଥିଲା । ଫଳରେ ଶିକ୍ଷକ ଚାକିରି କରିବାକୁ ଆଶାୟୀ ବହୁ ମେଧାବୀ ଛାତ୍ରୀଛାତ୍ର ସୁଯୋଗରୁ ବଞ୍ଚିତ ହେଉଥିଲେ। ଏବେ ପୁଣି ସରକାରଙ୍କ ନିଷ୍ପତ୍ତିକ୍ରମେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆଗ୍ରହୀ ଯୁବତୀଯୁବକଙ୍କ ମନରେ ନୂତନ ଆଶା ସଞ୍ଚାର କରିବ ବୋଲି ଡିଆଇଇଟିର ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

### ପୋଖରୀରେ ବୁଡ଼ି ନାବାଳକ ମୃତ

ଆଠଗଡ଼,୩୦।୪(ସ୍ୱ.ପ୍ର.): ବାଙ୍କୀ ଥାନା ଅନ୍ତର୍ଗତ ମାଳବିହାରୀପୁର ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମନ୍ମଥ ବେହେରାଙ୍କ ପୁଅ ଅକ୍ଷୟ(୮)। ସେ ଜେଜେମା'ଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ। ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ପୁଅର ଲୁହାଛଡ଼ ମାଡ଼ରେ ବାପା ମୃତ

## ନିଶା ଖାଇବାକୁ ଟଙ୍କା ନ ଦେବାରୁ ପିଟି ମାରିଦେଲେ

ଆଠଗଡ଼,୩୦।୪(ସ୍ୱ.ପ୍ର.)



ମୃତ ବାଲୁଙ୍କେଶ୍ୱର ମହାନ୍ତି।

ପୁଅ ନିଶା ଖାଇବା ପାଇଁ ଟଙ୍କା ମାଗିଥିଲେ। ବାପା ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବାପାଙ୍କୁ ଲୁହାଛଡ଼ରେ ପିଟି ମାରିଦେଇଥିବା ଚର୍ଚ୍ଚା ହେଉଛି। ଆଠଗଡ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ଏହି ଘଟଣା ଘଟିଛି। ମୃତକ ହେଲେ ଏହି ଗ୍ରାମର ବାଲୁଙ୍କେଶ୍ୱର ମହାନ୍ତି ( ୭୫)। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତ ପୁଅ ଅପର୍ତ୍ତି ମହାନ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

ପୋଲିସର ପ୍ରାଥମିକ ତଦନ୍ତ ଓ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନିଶା ସେବନ କରିବା ପାଇଁ ବାଲୁଙ୍କେଶ୍ୱରଙ୍କୁ ଅପର୍ତ୍ତି ଟଙ୍କା ମାଗିଥିଲେ। ମାତ୍ର ବାଲୁଙ୍କେଶ୍ୱର ଦେଇ ନ ଥିଲେ। ରାତି ପ୍ରାୟ ୩ଟାବେଳେ ବାଲୁଙ୍କେଶ୍ୱର ଫୁଲ ତୋଳିବାକୁ ଉଠିଥିଲେ। ଏହି ସମୟରେ ଅତର୍କିତ ଭାବେ ଏକ ଲୁହାଛଡ଼ରେ ଅପର୍ତ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବାଲୁଙ୍କେଶ୍ୱରଙ୍କ ମୃତ୍ୟୁ ଘଟିଛି। ଏନେଇ ଆଠଗଡ଼ ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ.୮୦/୨୩) ରୁଜୁ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ବାଲୁଙ୍କେଶ୍ୱରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ରାଜନଗର ସରପଞ୍ଚ ରଶ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବାଲୁଙ୍କେଶ୍ୱର ଆଠଗଡ଼ ବିଜେଡିର ଜଣେ ବରିଷ୍ଠ କର୍ମୀ ଥିଲେ। ସେ ପ୍ରଥମେ ଜନତା ଦଳରେ ଯୋଗଦେଇଥିବାବେଳେ ପରେ ବିଜେଡିରେ ସାମିଲ ହୋଇଥିଲେ। ସେ ମନ୍ତ୍ରୀ ସ୍ୱାଇଁଙ୍କ ଜଣେ ଦୃଢ଼ ସମର୍ଥକ ଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ବାଲିମଉସା ନାମରେ ପରିଚିତ । ତାଙ୍କ ସ୍ତ୍ରୀ ବାଳାମଣି ମହାନ୍ତିବେଣ୍ଟପଦା ପଞ୍ଚାୟତର ୱାର୍ଡମେମ୍ବର ଅଛନ୍ତି। ବାଲୁଙ୍କେଶ୍ୱରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

# ପୂର୍ଣ୍ଣାହୁତିରେ ୫୦ ହଜାର ଭକ୍ତଙ୍କ ସମାଗମ



ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି।

ରଘୁନାଥପୁର,୩୦।୪(ଡି.ଏନ୍.ଏ.)

## ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଅଷ୍ଟଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ରବିବାର ସମ୍ପନ୍ନ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ପୀଠକୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ବଡ଼ିଭୋରୁ ପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବାପରେ ପୀଠକୁ ଯାତ୍ରୀଙ୍କ ସୁଅ ଛୁଟିଥିଲା। ପୀଠ ପରିସରରେ ପ୍ରସାଦସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ପରଠୁ ଗହଳି ବୃଦ୍ଧି ପାଇଥିଲା। ହରିହାଟ ମଉଛବରେ ଭକ୍ତମାନେ ନିମଗ୍ନ ହୋଇଥିଲେ। ହରିନାମ ସଂକୀର୍ତ୍ତନ ଓ ବୈଦିକ ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା। ନେମାଳରୁ ଆସିଥିବା ପଣ୍ଡିତ ନିଗମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ୯ ଜଣ ବ୍ରାହ୍ମଣ ଯଜ୍ଞକାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଉତ୍ସବ ଅବସରରେ ପ୍ରତ୍ୟେକ ଦିନ ଗୋରେଖନାଥଙ୍କୁ ଏକ ହଜାର ଆହୁତି ପ୍ରଦାନ କରାଯିବା ସହ ମୋଟ ୨୫ ହଜାର ଆହୁତି ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ମହାପାତ୍ର କହିଛନ୍ତି। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। କମିଟି ସଦସ୍ୟ ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଦିଲୀପ ସ୍ୱାଇଁ, ଗଗନ ଜେନା, ରମେଶ ମହାନ୍ତି, ଉପଦେଷ୍ଟା ସୁଶାନ୍ତ କୁମାର ଦାଶ ଓ କିରାଣି ସରୋଜ କୁମାର ସାହାଣୀଙ୍କ ସହ ସ୍ଥାନୀୟ ଯୁବକ ସଂଘ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲା। ସେହିପରି ପୂଜକ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରୀ ଦାଶ, ବୀରକିଶୋର ଦାଶ, ସ୍ମୃତିରଞ୍ଜନ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡାଙ୍କ ସହ ସମସ୍ତ ସେବାୟତ ଠାକୁରଙ୍କ କାର୍ଯ୍ୟରେ ନିୟୋଜିତ ଥିଲେ। ଅପରପକ୍ଷେ ମିନାବଜାର ପଡ଼ିଆ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ଲୋକେ ଯଜ୍ଞ ଦେଖିବାକୁ ଆସି ମିନାବଜାରରୁ ଜିନିଷ ପତ୍ର କିଣିବା ପାଇଁ ଭିଡ଼ ଜମାଇଥିଲେ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା, ଫାଷ୍ଟ ଏଡ୍ ସୁବିଧା, ପର୍ଯ୍ୟାପ୍ତ ପାନୀୟ ଜଳ ଓ ଆଲୋକୀକରଣର ବନ୍ଦୋବସ୍ତ କରାଯାଇଥିଲା।

# ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ କରିବାକୁ ଆହ୍ୱାନ

ମାହାଙ୍ଗା,୩୦।୪(ସ୍ୱ.ପ୍ର.)



କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମୀ ଓ ଅନ୍ୟମାନେ।

ମାହାଙ୍ଗା ବ୍ଲକ ଅନ୍ତର୍ଗତ ରାହାଣିଆ ପଞ୍ଚାୟତସ୍ଥିତ କାଳିଅଣ୍ଠିଠାରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ପିସିସି ଉପସଭାପତି ଗଣେଶ୍ୱର ବେହେରା ଯୋଗଦେଇ କଂଗ୍ରେସର ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ଯୋଗଦେଇ ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ସଭାପତି ୟାକୁବ ଖାଁ, ଆଇନଜୀବୀ ପ୍ରବୀଣ କାନୁନ୍‌ଗୋ,ଭାସ୍କର ଚନ୍ଦ୍ର ବେହେରା, ମନୋଜ ବିଶ୍ୱାଳ, ଶିଶିର ରଥ, ଅବଦୁଲ ୱାହିଦ ଖାଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ସରୋଜ ପରିଡା,ପ୍ରଦୀପ୍ତ ରାଉତରାୟ, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାହାଣିଆ ପଞ୍ଚାୟତ ସମେତ ମାହାଙ୍ଗାର ବିଭିନ୍ନ ପଞ୍ଚାୟତରୁ କର୍ମୀମାନେ ଅନ୍ୟ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ଯୁବ ସଂଗଠକ ଅସିତ କୁମାର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ଖଟୁଆ, ଉତ୍ତମ ଚରଣ ବେହେରା, ଉତ୍ସବ ପରିଡା, ଚୈତନ୍ୟ ପାଣି, ଦୁଃଶାସନ ନାୟକ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

ଆଠଗଡ,୩୦।୪(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆଠଗଡ-ତିଗିରିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଓ ବୁଥସ୍ତରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ଆଠଗଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଦ୍ୱୈତ ଚରଣ ପଣ୍ଡା, ଆଠଗଡ ସହରମଣ୍ଡଳ ସଭାପତି ହେମନ୍ତ ମହାନ୍ତି, ହେମମଞ୍ଜରୀ ଭଞ୍ଜଦେଓ, କଳ୍ପନା ମହାପାତ୍ର, ବିଚିତ୍ରାନନ୍ଦ ଜେନା, ରାମନାରାୟଣ ମହାନ୍ତି, ଇଲ୍ଲା ପଣ୍ଡା, ରମାକାନ୍ତ ସେନାପତି ପ୍ରମୁଖ ଯୋଗଦେଇଥିଲେ।

DSPL-25



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ମେ, ୨୦୨୩



## ସଂକ୍ଷେପରେ

### ଆଲମିରା ଭାଙ୍ଗି ନେଇଗଲେ ସୁନାରୁପା ଅଳଙ୍କାର

ବେଗୁନିଆ,୩୦।୪(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପାଟଣା ଗ୍ରାମରେ ଚୋରି ବଢ଼ିଚାଲିଛି। ଭାଗୀରଥି ପଣ୍ଡାଙ୍କ ଘରୁ ଲୁଟେରାମାନେ ସୁନାଚେନ, ୫ଟି ମୁଦି, ପାଉଁଜି ଆଦି ନେଇଯାଇଥିବା ରବିବାର ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଶନିବାର ରାତିରେ ଲୁଟେରାମାନେ ଭାଗୀରଥିଙ୍କ ଘର କବାଟ ବାହାର ପଟୁ କାଟି ପ୍ରବେଶ କରିଥିଲେ। ପରେ ଏକ କୋଠରିରେ ଥିବା ଆଲମିରା ଭାଙ୍ଗି ସେଥିରେ ଥିବା ସୁନାରୁପା ଅଳଙ୍କାର ନେଇଯାଇଥିଲେ। କବାଟ ବାହାରପଟୁ ଖୋଲା ରହିଥିବା ସକାଳେ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଆଲମିରା ଭାଙ୍ଗି ଲୁଟେରାମାନେ ସୁନାରୁପା ଅଳଙ୍କାର ନେଇଯାଇଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଏହି ଗ୍ରାମରେ କିଛିମାସ ମଧ୍ୟରେ ସମାନ ଢଙ୍ଗରେ ୪ଜଣଙ୍କ ଘରୁ ଚୋରି ହୋଇଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଲୁଟେରାଙ୍କ ସନ୍ଧାନ ପାଇପରି ନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କୁହନ୍ତି, ଏହି ଗ୍ରାମରେ ସମାନ ଢଙ୍ଗରେ ଚୋରି ହେଉଥିବା ନେଇ ଅଭିଯୋଗ ଆସିଛି। ଏକ ଟିମ୍ ଏହାର ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଲୁଟେରାମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ସାପ କାମୁଡ଼ାରେ ୨ ଛେଳି ମୃତ

ନିରାକାରପୁର,୩୦।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଜୟନ୍ତ ବିଶ୍ୱାଳଙ୍କ ଘରେ ରବିବାର ଏକ ନାଗ ସାପ ପଶି ଦୁଇଟି ଛେଳିଛୁଆଙ୍କୁ କାମୁଡ଼ି ଦେଇଥିଲା। ଘଟଣାସ୍ଥଳରେ ଦୁଇଟି ଛେଳିଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏହା ଦେଖି ସରପାରି ପଞ୍ଚାୟତ ବଘେଇପୁଟ ଗ୍ରାମର ସାପଧରାଳି ବସନ୍ତ ବେହେରାଙ୍କୁ ଜଣାଇଥିଲେ। ବସନ୍ତ ପହଞ୍ଚି ସାପକୁ ଧରିବା ସହ ନିକଟ ଜଙ୍ଗଲରେ ଛାଡ଼ିଥିଲେ। ମୃତ ଛେଳିଛୁଆଙ୍କୁ ଜୟନ୍ତଙ୍କ ଘର ବାରିପଟେ ପୋତି ଦିଆଯାଇଥିବା ଜଣାପଡ଼ିଛି।

# ବ୍ଲାଷ୍ଟିଂ ଅନୁମତି ନାହିଁ, ବଢୁଛି ଚୋରାଚାଲାଣ

ଖୋର୍ଦ୍ଧା ଅଫିସ,୩୦।୪



- ୧୩ ଖଣିରୁ ୩ଟିକୁ ବ୍ଲାଷ୍ଟିଂ ପାଇଁ ଅନୁମତି ମିଳିଛି
- ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ପଥର ଖନନ ଓ ମାଙ୍କଡ଼ା ପଥର ଚାଲାଣ ବଢିବାରେ ଲାଗିଛି। ପ୍ରଶାସନ ପକ୍ଷରୁ କେତେକ ପଥର ଖଣିକୁ ବ୍ଲାଷ୍ଟିଂ ଅନୁମତି ମିଳିନାହିଁ। ଏହାସତ୍ତ୍ୱେ କିପରି ବ୍ଲାଷ୍ଟିଂ ଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ପହିଲାରୁ ଏପର୍ଯ୍ୟନ୍ତ ୧୩ଟି ଖଣି ମଧ୍ୟରୁ କେବଳ ୩ଟିକୁ ବ୍ଲାଷ୍ଟିଂ ଅନୁମତି ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥିବା ଖଣିରୁ ଚୋରା ଚାଲାଣ ଚାଲିଛି। ମୋଟା ଅଙ୍କ ନେଇ ବେଆଇନ ଭାବେ ପ୍ରୋତ୍ସାହନ ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଏନ୍‌ଜିଟିର ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ଧରପଗଡ ଜୋରଦାର କରାଯାଇଥିଲା। ତେବେ କିଛି ଦିନର ବ୍ୟବଧାନ ପରେ ପୁଣି ଶିଥିଳ ପଡ଼ିଗଲା। ଦୈନିକ ବିଳମ୍ବିତ ରାତିରେ ଟ୍ରକ, ହାଇୱାରେ ପଥର ଚୋରା ଚାଲାଣ ହେଉଥିଲେ ବି ପ୍ରଶାସନ ଚୁପ୍ ବସୁଛି। କିଛିଦିନ ତଳେ ପଲ୍ଲା ମୌଜାରେ ରାତିରେ ବାଲି ଓ ମୋରମ ଚୋରାଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ପୋଲିସ ଉପସ୍ଥିତ ଥିବା ସତ୍ତ୍ୱେ ପଦକ୍ଷେପ ନ ନେବାରୁ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ପହଞ୍ଚି ଏହାକୁ ବନ୍ଦ କରିଥିଲେ। ଗତବର୍ଷ ଜଟଣୀ ତହସିଲ କର୍ମଚାରୀ ଖଣି ମାଫିଆଙ୍କ ସମ୍ପୃକ୍ତି ଥିବା ନେଇ ଖୋର୍ଦ୍ଧା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। ଏସବୁ ଉପରେ ମାଫିଆଙ୍କ ନଜର ରହିଛି। କିଛି ମାସ ତଳେ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ ଅଞ୍ଚଳରେ ୧୩ଟି ପଥର ଖଣିକୁ ନିଲାମ ସହ ବ୍ଲାଷ୍ଟିଂ ଅନୁମତି ମିଳିଥିବାବେଳେ ଶହେରୁ ଊର୍ଦ୍ଧ୍ୱ କ୍ରଶର ୟୁନିଟକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଖଣି ନିଲାମ ସତ୍ତ୍ୱେ କେତେକ ଖଣିକୁ ୱାଇ ଫର୍ମ ଦିଆଯାଇନାହିଁ। ବିନା ୱାଇ ଫର୍ମରେ ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି। ଚୋରା ଚାଲାଣ ରୋକିବା ଲାଗି ପୋଲିସ ଏବଂ ରାଜସ୍ୱ ଅଧିକାରୀମାନଙ୍କୁ ନେଇ ମିଳିତ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟିମ୍ ଅଚାନକ ଖଣି ଖାଦାନରେ ଚଢ଼ାଉ କରି ପରିବେଶ, ପ୍ରଦୂଷଣ ବୋର୍ଡର ଗାଇଡ୍‌ଲାଇନ ପାଳନ ହେଉଛି କି ନାହିଁ, କେତେ ପରିମାଣର ଖନନ କରାଯାଉଛି, ତାହାର ତଦାରଖ କରିବେ ବୋଲି ନିର୍ଦ୍ଦେଶ ରହିଛି। ତେବେ ଜରିମାନା ଆଦାୟରେ ଏହାର କାର୍ଯ୍ୟ ସୀମିତ ରହିଛି। ନିଜିଗଡ଼ ତାପଙ୍ଗରେ ବେଆଇନ ଭାବେ ୪୦୦ରୁ ଊର୍ଦ୍ଧ୍ୱ ସରକାରୀ ଜମି, ଜଙ୍ଗଲ ଜମି, କାଜୁ ଜଙ୍ଗଲ ଏବଂ ଶ୍ରୀମନ୍ଦିର ପ୍ରଶାସନ ଜମି, ପଥର ଖଣିରୁ ଚୋରା ଚାଲାଣ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଜନୈକ ବ୍ୟକ୍ତି ଅଭିଯୋଗ କରିବା ପରେ ଏନ୍‌ଜିଟି ଏହା ଉପରେ ଜିଲା ପ୍ରଶାସନକୁ ସତ୍ୟପାଠ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଥମ ସତ୍ୟପାଠରେ ଏନ୍‌ଜିଟି ଜିଲା ପ୍ରଶାସନର କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଜିଲାରେ ଚୋରା ଚାଲାଣ ସମ୍ପର୍କରେ ଜିଲା ପ୍ରଶାସନ ସ୍ୱୀକାର କରିଥିଲା। କିଛିଦିନ ତଳେ ଏନ୍‌ଜିଟି ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କାରେ ମାଟି କିଣି ଖନନ ହୋଇଥିବା ସ୍ଥାନରେ ପକାଇ ପୋତିବାକୁ ଜିଲା ପ୍ରଶାସନକୁ କୁହାଯାଇଥିଲା। ଏନ୍‌ଜିଟି ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ ସହ ଏକାଧିକ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଛି। ତେବେ କେବଳ ଚୋରା ଚାଲାଣକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିବାବେଳେ ଏହା ପଛରେ ରହିଥିବା ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଉନାହିଁ। ମାଫିଆ ଓ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ବେଆଇନ ପଥର ଖଣି କାରବାରରେ କେଉଁମାନେ ସମ୍ପୃକ୍ତ ସେ ନେଇ ଖୋଳତାଡ଼ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଚୋରା ଚାଲାଣ ରୋକିବା ଲାଗି ନିୟମିତ ବ୍ୟବଧାନରେ ଚଢ଼ାଉ ଜାରି ରହିଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଛନ୍ତି, ଖୋର୍ଦ୍ଧା ପୋଲିସ ପକ୍ଷରୁ ପଥର ଖଣିରେ ଚଢାଉ କରାଯାଉଛି। ବେଆଇନ ଭାବେ ପଥର ଖାଦାନ ଚାଲିଥିବା ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ମୁଣ୍ଡିଆପଡ଼ା ପର୍ଯ୍ୟଟନ ସ୍ଥଳୀକୁ ହେବ ପକ୍କା ରାସ୍ତା

ବୋଲଗଡ଼,୩୦।୪(ଡି.ଏନ୍.ଏ.)

ପକ୍କା ରାସ୍ତା ନ ଥିବାରୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇ ମଧ୍ୟ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ମଣ୍ଡନଗିରି(ମୁଣ୍ଡିଆପଡ଼ା) ଆଢୁଆଳରେ ରହିଆସୁଥିଲା। ଅଙ୍କାବଙ୍କା ପାଦଚଲା ପାହାଡ଼ ଜଙ୍ଗଲ ମଧ୍ୟ ଦେଇ ରାସ୍ତା ଯାଇଥିବା ବେଳେ ବିଧାୟକ ପାଣ୍ଠି ଏବଂ ଅନ୍ୟ ଆର୍ଥିକ ଅନୁଦାନରେ ରଘୁନାଥଦେବ ଜୀଉଙ୍କ ପୀଠକୁ ରାସ୍ତା ସଂଯୋଗୀକରଣ ସଫଳ ହୋଇଛି। ଏହି ରାସ୍ତାଟି ସଂପୁରଠାରୁ ହରିରାଜପୁର ଦେଇ ଖଣ୍ଡପଡା ବ୍ଲକ ଓଲାସ ପର୍ଯ୍ୟନ୍ତ ନିର୍ମିତ ହେବା ପାଇଁ ବାଟ ଫିଟିଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଉଦ୍ୟମରେ ଉକ୍ତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଛି। ଖୁବ୍‌ଶୀଘ୍ର ଏହା ପକ୍କା ରାସ୍ତାରେ ପରିଣତ ହେବ। ଏନେଇ ଅଞ୍ଚଳବାସୀ ବିଧାୟକ ସାହୁ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ(ଚିଣ୍ଟୁଆ)ଙ୍କ ଅବଦାନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଣ୍ଡିଆପଡାକୁ ପକ୍କା ରାସ୍ତା ନିର୍ମିତ ହେଲେ ଏହା ଲୋକଲୋଚନକୁ ଆସିବା ସହ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ।

# ଏକାଠି ବସି ମନ୍ କୀ ବାତ୍ ଶୁଣିଲେ

ଜଟଣୀ/ବୋଲଗଡ଼, ୩୦।୪ (ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍‌ର ୧୦୦ତମ ସଂସ୍କରଣ ବିଭିନ୍ନ ସ୍ଥାନରେ ଶୁଣିଛନ୍ତି ରାଜ୍ୟବାସୀ। ଏହି ପରିପ୍ରେକ୍ଷୀରେ ଜଟଣୀ ନଗର ଭାଜପା ପକ୍ଷରୁ ସରାଫ ଧର୍ମଶାଳା ପରିସରରେ ଉକ୍ତ କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ ସଂଯୋଜକ ମହେଶ ମିଶ୍ର, ନଗର ମଣ୍ଡଳ ସଭାପତି ତିରୁପତି ଶତପଥୀ, ନଗର ଯୁବମୋର୍ଚ୍ଚା ସଭାପତି ନାଗଭୂଷଣ ରାୟ, ଚିତ୍ତରଞ୍ଜନ ସୁନ୍ଦରାୟ, ପ୍ରଶାନ୍ତ ବରାଳ, ରଘୁନାଥ ନାୟକ, ପ୍ରଶାନ୍ତ ପ୍ରଧାନ, ରିନା ପଟ୍ଟନାୟକ, ନଳିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ, ଜିଲା ଭାଜପା ମିଡିଆ ସେଲ ସଂଯୋଜକ ପ୍ରଦୀପ ଜେନାଙ୍କ ସମେତ ବହୁ ଭାଜପା ସଦସ୍ୟ ଯୋଗଦେଇ ଶୁଣିଥିଲେ। ସେହିପରି ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରାଙ୍କ ଆବାହକତ୍ୱରେ ବୋଲଗଡ଼ ମଣ୍ଡଳର ବିଭିନ୍ନ ବୁଥ ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିବା ପାଇଁ ବ୍ୟବସ୍ଥା ହୋଇଥିଲା। ବୋଲଗଡ଼ଠାରେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ଲୋତକବିନ୍ଦୁ ପଟ୍ଟନାୟକଙ୍କ ଉପସ୍ଥିତିରେ ନେତୃମଣ୍ଡଳୀମାନେ ଶୁଣିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଅଜିତ ପଟ୍ଟନାୟକ, ମଣ୍ଡଳ ପ୍ରଭାରୀ ସୁବାସ ଚନ୍ଦ୍ର ମିଶ୍ର, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସନାତନ ସାହୁ, ବିନୋଦ ମହାରଣା, ଗୋଲଖ ପାଇକରାୟ, ଅଜିତ ମହାପାତ୍ର, ବ୍ରଜବନ୍ଧୁ ସାହୁ, କିଶୋର ଚନ୍ଦ୍ର ପାତ୍ର, ଅଭିମନ୍ୟୁ ପଟ୍ଟନାୟକ, ଜଗବନ୍ଧୁ ମୁଦୁଲି, ଲକ୍ଷ୍ମୀଧର ବଳିୟାରସିଂ, ସର୍ବେଶ୍ୱର ମହାପାତ୍ର, ବସନ୍ତ ପରିଡା, ନବକିଶୋର ପରିଡା, ପ୍ରଭାତ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଶୁଣିଥିଲେ।

## କବାଡ଼ିଆଙ୍କୁ ବହି ବିକିବା ଘଟଣା: ଶିକ୍ଷକ ନିଲମ୍ବିତ

ବ୍ରହ୍ମଗିରି,୩୦।୪(ଡି.ଏନ୍.ଏ.)

କବାଡ଼ିଆଙ୍କୁ ପିଲାଙ୍କ ବହି ବିକ୍ରି କରିବା ଘଟଣାରେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଙ୍କୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବାସୁଦେବ ସ୍ୱାଇଁଙ୍କୁ ନିଲମ୍ବିତ କରାଯାଇଛି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟର ଅଦରକାରୀ କାଗଜପତ୍ର ଓ ପାଠ୍ୟପୁସ୍ତକକୁ ଶିକ୍ଷକ ସ୍ୱାଇଁ ଜଣେ କବାଡ଼ିଆଙ୍କୁ ବିକ୍ରି କରିଥିଲେ। କବାଡ଼ିଆ ଜଣଙ୍କ ବହିଗୁଡ଼ିକୁ ନେଉଥିବା ବେଳେ ଉକ୍ତ ଗ୍ରାମର ମନୋଜ ଦାସ ଦେଖି ସ୍ଥାନୀୟ ଯୁବକଙ୍କୁ ଜଣାଇଥିଲେ। ଏହାପରେ ଯୁବକମାନେ ବହିଗୁଡ଼ିକୁ ଜବତ କରି ବିଦ୍ୟାଳୟକୁ ଆଣିଥିଲେ। ସେଥିରେ ପୁରୁଣା ବହି ସମେତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଖଣ୍ଡ ନୂତନ ବହି ଥିବା ଦେଖିବାକୁ ମିଳିଥିଲା। ଏନେଇ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ଘଟଣାର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକ ବାସୁଦେବଙ୍କୁ ନିଲମ୍ବିତ କରିଛନ୍ତି।

DSPL-25






୩୦।୪।୨୦୨୩

| | |
|---|---|
| ୮,୪୬,୨୮୪ ଟଙ୍କା | |
| ସୁନା | ୩୮ ଗ୍ରାମ୍ |
| ରୁପା | ୨୩୪.୭୦୦ ଗ୍ରାମ୍ |

# ଗାଁ ମାଟି ବହୁ ସାହିତ୍ୟିକ, ଜ୍ଞାନୀଗୁଣୀ ସୃଷ୍ଟି କରିପାରିଛି

## ଆମ ଗାଁ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଗୋପ,୩୦।୪(ଡି.ଏନ୍.ଏ.)

ଗାଁ ମଲ୍ଲୀ ଗାଁରେ ଝଡ଼ିଯିବାର ବାସ୍ତବତା ସତ ନୁହେଁ। ଗାଁ ମାଟି ଅନେକ କବି, ଲେଖକ, ସାହିତ୍ୟିକ, ଭାଷାବିତ୍, ଗୁଣୀଜ୍ଞାନୀଙ୍କୁ ସୃଷ୍ଟି କରିପାରିଛି। ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗଡ଼କରମଳା କଲ୍ୟାଣ ମଣ୍ଡପଠାରେ ଆମ ଗାଁ ସାହିତ୍ୟ ଉତ୍ସବ ୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ସତ୍ୟବ୍ରତ ପାତ୍ର ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମର ସଭାପତି ବିଚିତ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ସତ୍ୟାନାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ମୀନକେତନ ଦାସ, ବରିଷ୍ଠ କବି କପିଳେଶ୍ୱର ଖମାରି ଯୋଗଦେଇ ସାହିତ୍ୟ କ'ଣ, ତାର ବ୍ୟତିକ୍ରମ କ'ଣ ଘଟିଛି, କବି ଓ କବିତା ସଂକଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର କବି ଓ ଗୁଣୀଜ୍ଞାନୀ, ଲେଖକ, ସାହିତ୍ୟିକ ଯୋଗଦେଇ ବିଭିନ୍ନ ମତ ରଖିଥିବାବେଳେ ଆମକୁ ଏବେଠାରୁ ସାହିତ୍ୟ ଓ ସଂସ୍କୃତି, ପରମ୍ପରା, କବିତା ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ଡ. ଶ୍ରୀଧର ସାମଲଙ୍କୁ ଆମ ଗାଁ ସାହିତ୍ୟ ସମ୍ମାନ ଦିଆଯାଇଥିବାବେଳେ ବିପିନ୍ ମଲ୍ଲିକ, ବିଶ୍ୱଜିତ୍ ସ୍ୱାଇଁ ଓ ପ୍ରମୋଦ ଦାସଙ୍କୁ ମାନବସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ କବିତାପାଠ କରିଥିଲେ। କାର୍ଯ୍ୟକ୍ରମକୁ ସୌଦାମିନୀ ବେହେରା, ସର୍ବାଣୀ ଦାସ ସଂଯୋଜନା କରିଥିବାବେଳେ ଅତିଥି ଭାବେ ବଦ୍ରି ମହାନ୍ତି, ପ୍ରତାପରୁଦ୍ର ତ୍ରିପାଠୀ, ସନ୍ତୋଷ ମିତ୍ର ଉପସ୍ଥିତ ଥିଲେ।



ଉତ୍ସବରେ ଜଣେ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଉଛି ।

# କବାଡ଼ିଆଙ୍କୁ ବହି ବିକିବା ଘଟଣା: ଶିକ୍ଷକ ନିଲମ୍ବିତ

ବ୍ରହ୍ମଗିରି,୩୦।୪(ଡି.ଏନ୍.ଏ.):

କବାଡ଼ିଆଙ୍କୁ ପିଲାଙ୍କ ବହି ବିକ୍ରି କରିବା ଘଟଣାରେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଙ୍କୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବାସୁଦେବ ସ୍ୱାଇଁଙ୍କୁ ନିଲମ୍ବିତ କରାଯାଇଛି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟର ଅଦରକାରୀ କାଗଜପତ୍ର ସହ ବଳକା ପାଠ୍ୟପୁସ୍ତକକୁ ସହକାରୀ ଶିକ୍ଷକ ସ୍ୱାଇଁ ଜଣେ କବାଡ଼ିଆଙ୍କୁ ବିକ୍ରି କରିଥିଲେ। କବାଡ଼ିଆ ଜଣଙ୍କ ଏହି ବହିଗୁଡ଼ିକୁ ନେଉଥିବା ସମୟରେ ଉକ୍ତ ଗ୍ରାମର ମନୋଜ ଦାସ ଦେଖି ସ୍ଥାନୀୟ ଯୁବକଙ୍କୁ ଜଣାଇଥିଲେ। ଏହାପରେ ଯୁବକମାନେ ବହିଗୁଡ଼ିକୁ ଜବତ କରି ବିଦ୍ୟାଳୟକୁ ଆଣିଥିଲେ। ସେଥିରେ ପୁରୁଣା ବହି ସମେତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଖଣ୍ଡ ନୂତନ ବହି ଥିବା ଦେଖିବାକୁ ମିଳିଥିଲା। ଏନେଇ ଉକ୍ତ ଯୁବକମାନେ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ଜେନା ଏହି ଘଟଣାର ତଦନ୍ତ କରି ଚିଠି ନଂ. ୬୫୦/୨୮/୦୪/୨୦୨୩ରେ ସମ୍ପୃକ୍ତ ଶିକ୍ଷକ ବାସୁଦେବଙ୍କୁ ନିଲମ୍ବିତ କରିଛନ୍ତି।

# ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ

କୋଣାର୍କ,୩୦।୪(ଡି.ଏନ୍.ଏ.)



ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳା କମିଟି ପକ୍ଷରୁ କୋଣାର୍କ ଏନ୍‌ଏସି ଅଧୀନ ଜୁଣେଇ ୧ନଂ. ୱାର୍ଡସ୍ଥିତ ରଣପଡ଼ା ମୌଜାର ବେଠିଆଗଦା ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ନିମନ୍ତେ ଭୂମିପୂଜନ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ନିଜ ମା'ଙ୍କ ସୂର୍ଯ୍ୟ ପୂଜା ନିମନ୍ତେ ରାଜା ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟରେ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ହୋଇଥିଲା। ଦୀର୍ଘବର୍ଷ ଧରି ସୂର୍ଯ୍ୟପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦଙ୍କ ମହଲରେ ଦାବି ହୋଇ ଆସୁଥିଲା। ଏହି ସ୍ୱପ୍ନକୁ ସାକାର କରିବାକୁ ସ୍ୱର୍ଗତ ଓମ୍ ବାବାଙ୍କ ପଟ୍ଟଶିଷ୍ୟ ଧାର୍ମିକ ବିଶାରଦ ତଥା ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳା କମିଟି ଅଧ୍ୟକ୍ଷ ମୁକେଶ ଜୈନ ଏହାର ଭୂମିପୂଜନ କରିଛନ୍ତି। ଧାର୍ମିକ ରୀତିନୀତି ଅନୁଯାୟୀ ଖୁବ୍‌ଶୀଘ୍ର ସୂର୍ଯ୍ୟ ନାରାୟଣଙ୍କ ମୂର୍ତ୍ତି ସ୍ଥାପନ ସହ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହେବା ପରେ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଅଧ୍ୟକ୍ଷ ଜୈନ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ କମିଟି ପରିଚାଳକ ଯୁଧିଷ୍ଠିର ସ୍ୱାଇଁ, ଗଣେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ସାହୁ, ସଞ୍ଜୀବ ତିୱାରୀ, ମନ୍ଦିର ପୂଜକ ବାପି ପଣ୍ଡାଙ୍କ ସମେତ କୋଣାର୍କ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ସଂସ୍କୃତି ଓ ଧାର୍ମିକ ବ୍ୟକ୍ତି ଯୋଗଦେଇଥିଲେ।

# ଶହୀଦ ଦେବାଶିଷ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ, ୩୦।୪(ଡି.ଏନ୍.ଏ./ସ୍ୱ.ପ୍ର.):

ଶହୀଦ ଦେବାଶିଷ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଖଣ୍ଡାୟତସାହି ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁକ୍ତିମଣ୍ଡପ ଶ୍ରୀଜଗନ୍ନାଥ ମନ୍ଦିର ପୁରୀର ପଣ୍ଡିତମାନେ ମୁରୁଜ କାଟି ବେଦପାଠ କରିଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଭାଜପା ରାଜ୍ୟ ପରିଷଦ ସଭ୍ୟ ଓମ୍‌ପ୍ରକାଶ ମିଶ୍ର, ଗୁରୁକୁଳ ଆଥଲେଟିକ୍‌ସ ଓ ଶହୀଦ ଦେବାଶିଷଙ୍କ କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଶତାଧିକ ସହପାଠୀ, ଅଭିନେତ୍ରୀ ରାନୀ ପଣ୍ଡାଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତୁମ୍ବବିନ୍ଧ କାମ, ଅରକଣ୍ଟା ତିଆରି ଚାଲିଛି



## ରଥଖଳାରୁ ...

ପୁରୀ ଅଫିସ, ୩୦।୪:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଅସ୍ଥାୟୀ ରଥଖଳାରେ ସେବକ ଓ କାରିଗରମାନେ ଅତି ନିଷ୍ଠାର ସହ ତିନି ରଥର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟ ରବିବାର ସପ୍ତମ ଦିନରେ ପହଞ୍ଚିଛି। ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ସମ୍ପନ୍ନ ପରେ ଶନିବାରଠାରୁ ମୋଟ ୪୨ଟି ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ତୁମ୍ବ ପାଇଁ ଆବଶ୍ୟକ ଥିବା ୧୬ ଯୋଡ଼ା ବିନ୍ଧରୁ ତିନିରଥର ଅଧିକାଂଶ ତୁମ୍ବରେ ପ୍ରାୟ ଆଠ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଥିଲା। ରବିବାର ତାଳଧ୍ୱଜ ରଥର ମୋଟ ୧୪ଟି ତୁମ୍ବରୁ ୫ଟିର ବିନ୍ଧ କାର୍ଯ୍ୟ ସରିଛି। ବାକି ୯ଟି ତୁମ୍ବର ୭୦% ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ମା' ସୁଭଦ୍ରାଙ୍କ ଦେବଦଳନ ରଥର ୧୨ ତୁମ୍ବ ଏବଂ ନନ୍ଦିଘୋଷ ରଥର ୧୬ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ତୁମ୍ବ ବିନ୍ଧ ପରେ ଅରକଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯାଇ ବିନ୍ଧ ସଂଶୋଧନ କାର୍ଯ୍ୟ ହେବ। ଅର୍ଥାତ ତୁମ୍ବରେ ଅର ସଂଯୋଗ ପାଇଁ ହୋଇଥିବା ବିନ୍ଧଗୁଡିକର ଆବଶ୍ୟକତାକୁ ପରଖି ନିହାଣମରା କାର୍ଯ୍ୟ ହୋଇଥାଏ। ସେହିପରି ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ବା କମାର ସେବକମାନେ ପ୍ରତି ରଥର ପ୍ରାୟ ୬/୭ଟି ତୁମ୍ବ ପାଇଁ ଆବଶ୍ୟକ ଅରକଣ୍ଟା ତିଆରି ଶେଷ କରି ବାକି ତୁମ୍ବଗୁଡ଼ିକ ସକାଶେ ଅରଅଣ୍ଟା ପ୍ରସ୍ତୁତ ସହ ତୁମ୍ବ ଲାଗି ପନ୍ଦାରିବଳା ନିର୍ମାଣ ଆରମ୍ଭ କରିଛନ୍ତି। ରବିବାର ତିନିରଥର ଭୋଇ ସେବକ ୩୯ ଜଣ ନିୟୋଜିତ ଥିବାବେଳେ କରତି ସେବକ ୪, ପାହି ମହାରଣା ଜଣେ, କମାର ସେବକ ୧୨, ତୁମ୍ବବିନ୍ଧ କାରିଗର ଜଣେ, ରଥଖଳା ସହାୟକ ଜଣେ ଏହିପରି ମୋଟ ୧୨୧ ସେବକ ଓ କାରିଗର ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

# ଗାଡ଼ି ଧକ୍କାରେ ହରିଣ ଗୁରୁତର

ଗୋପ,୩୦।୪(ଡି.ଏନ୍.ଏ.):

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ବାଲିଘାଇ ଛକ ନିକଟରେ ରବିବାର ଗାଡ଼ି ଧକ୍କାରେ ହରିଣ ଗୁରୁତର ଆହତ ହୋଇଛି। ଏକ ଗାଡ଼ିରେ ୭ଜଣ ବଙ୍ଗୀୟ ପର୍ଯ୍ୟଟକ କୋଣାର୍କ ଅଭିମୁଖେ ଯାଉଥିଲେ। ଏହି ସମୟରେ ମାଈ ହରିଣ ରାସ୍ତା ପାର୍ ହେଉଥିବା ବେଳେ ଗାଡ଼ିଟି ଧକ୍କା ଦେଇ ପଳାଇଥିଲା। ରାସ୍ତାରେ ଯାଉଥିବା ଲୋକେ ହରିଣଟିକୁ ପାଣି ଦେଇଥିଲେ। ପରେ ହରିଣଟି ଗୁରୁତର ଅବସ୍ଥାରେ ନିକଟ ବାଲୁଖଣ୍ଡ ଅଭୟାରଣ୍ୟକୁ ପଳାଇଥିଲା। ତେବେ ହରିଣଟି ଜଙ୍ଗଲରେ ପଡିରହିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ପହଞ୍ଚି ନ ଥିବା ଜଣାପଡଛି।

DSPL-25



# ଭୁବନେଶ୍ୱରରେ ୩ ନୂଆ ଅଗ୍ନିଶମ କେନ୍ଦ୍ର ଖୋଲିଲା


ମଞ୍ଚେଶ୍ୱର ଅଗ୍ନିଶମ ସେବା କେନ୍ଦ୍ରକୁ ଉଦ୍‌ଘାଟନ ଅବସରରେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ଓ ଅନ୍ୟମାନେ।

ଭୁବନେଶ୍ୱର,(ବ୍ୟୁରୋ)/ ବାଲିଅନ୍ତା,୩୦।୪(ଡି.ଏନ୍.ଏ.)

■ ଉଦ୍‌ଘାଟନ କଲେ ଅଗ୍ନିଶମ ଡିଜି
■ ରାଜ୍ୟରେ ୩୪୫ରେ ପହଞ୍ଚିଲା ଅଗ୍ନିଶମ ସେବା କେନ୍ଦ୍ର

ଭୁବନେଶ୍ୱରର ପାହାଳ, ମଞ୍ଚେଶ୍ୱର ଓ ତମାଣ୍ଡୋଠାରେ ୩ଟି ନୂଆ ଅଗ୍ନିଶମ ଓ ଜରୁରିକାଳୀନ ସେବା କେନ୍ଦ୍ର ଖୋଲିଛି। ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ଯୋଗଦେଇ ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ତେବେ ଷ୍ଟେଶନଗୁଡ଼ିକ ଏବେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ପାହାଳ ଅଗ୍ନିଶମ ସେବା କେନ୍ଦ୍ରକୁ ପାହାଳ ହସ୍ପିଟାଲ ପରିସର, ମଞ୍ଚେଶ୍ୱର ଅଗ୍ନିଶମ ସେବା କେନ୍ଦ୍ରକୁ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେଶନ ଏବଂ ତମାଣ୍ଡୋ ଅଗ୍ନିଶମ ସେବା କେନ୍ଦ୍ରକୁ ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଫ୍‌ଡ୍ରା) ପରିସରରେ ଅସ୍ଥାୟୀ ଭାବେ ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ଦମକଳ ଗାଡ଼ି ଓ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯାଇଛି। ତେବେ ପରବର୍ତ୍ତୀ ସମୟରେ ଏଥିପାଇଁ ନୂତନ ଗୃହ ନିର୍ମାଣ କରାଯାଇ ସ୍ଥାୟୀ ଷ୍ଟେଶନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୫ଜଣ ଲେଖାଏ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଷ୍ଟେଶନ ଅଫିସର, ଦୁଇଜଣ ଲିଡିଂ ଫାୟାରମ୍ୟାନ, ଜଣେ ଡ୍ରାଇଭର-ହାବିଲଦାର, ଜଣେ ଫାୟାରମ୍ୟାନ ଡ୍ରାଇଭର ଓ ୧୦ଜଣ ଫାୟାରମ୍ୟାନ ରହିବେ। ତେବେ ପୂର୍ବରୁ ଓଡ଼ିଶାରେ ୩୪୨ଟି ଅଗ୍ନିଶମ ସେବା କେନ୍ଦ୍ର ଥିବାବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୩୪୫ରେ ପହଞ୍ଚିଛି।

ପାହାଳ ଅଗ୍ନିଶମ କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଅଗ୍ନିଶମ ଡିଆଇଜି ଚରଣ ସିଂ ମୀନା, ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ରମେଶଚନ୍ଦ୍ର ସେଠୀ, ସୁବାସ ପାତ୍ର, ଅକ୍ଷୟ ଲେଙ୍କା, ବଂଶୀଧର ଭୋଳ, ପଦ୍ମନାଭ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଦମକଳକେନ୍ଦ୍ର ହେବା ଦ୍ୱାରା ଦୁର୍ଘଟଣା ସମୟରେ ତ୍ୱରିତ ସେବା ମିଳିପାରିବ ଓ ସଡ଼କ ସୁରକ୍ଷା ଦିଗରେ ଏହା ସହାୟକ ହେବ ବୋଲି ଡିଜି ଉପାଧ୍ୟାୟ କହିଥିଲେ। ବର୍ତ୍ତମାନ ଏଠାରେ ୬ଜଣ ଆଗ୍ନିକ ଓ ୨ ମୁଖ୍ୟ ଆଗ୍ନିକ କର୍ମଚାରୀ ଓ ଜଣେ ଡ୍ରାଇଭର ନିଯୁକ୍ତି ପାଇଛନ୍ତି। ଏଥିସହ ଗୋଟିଏ ୱାଟର ୱାଗନ ଗାଡ଼ି ଓ ଗୋଟିଏ ୪୦୭ ଗାଡ଼ି ଯୋଗାଇ ଦିଆଯାଇଥିବା କେନ୍ଦ୍ରର ମୁଖ୍ୟ ରାଜକିଶୋର ଜେନା କହିଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱର ପରିସର ବଢ଼ିବା ସହିତ ଲୋକସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବ୍ୟବସ୍ଥାକୁ ସୁଦୃଢ଼ କରି ଧନଜୀବନକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଏହି ୩ଟି ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୧୮ରେ ଅନୁମୋଦନ କରିଥିଲେ।

## ଅବସର ନେଲେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

**ଆଜି ଦାୟିତ୍ୱ ଗ୍ରହଣ କରିପାରନ୍ତି ନୂଆ ଡିଜି**

୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ହୋମ୍‌ଗାର୍ଡ ଓ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ରବିବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଫ୍‌ଡ୍ରା)ରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ରଞ୍ଜନ ମାଝିଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ନୂତନ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ପାଇଥିବା ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରିପାରନ୍ତି ବୋଲି ସୂଚନା ମିଳିଛି। ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ ବିନୟତୋଷଙ୍କୁ ନୂଆ ଦାୟିତ୍ୱ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସୂଚନାଯୋଗ୍ୟ, ଜେଲ ଡିଜି ଭାବେ କାର୍ଯ୍ୟ କରୁଥିବା ସନ୍ତୋଷଙ୍କୁ ୨୦୨୨ ଏପ୍ରିଲ ୨୯ରେ ଅଗ୍ନିଶମ ଡିଜି ଭାବେ ସରକାର ଦାୟିତ୍ୱ ଦେଇଥିଲେ।


ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ଅବସର ଗ୍ରହଣ କରୁଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ବୁଲନ ଭାଇ ସେବା ଭବନ, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ସିଡ଼ସି ବ୍ୟାଙ୍କ ଉଦ୍‌ଘାଟନ ଓ 'ଜଗା ପାଇଁ ଗଛଟିଏ ଲଗା' ଅଭିଯାନ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ 'ସଙ୍ଗୀତାୟନ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଶ୍ରମିକ ଦିବସ ଅବସରରେ ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସତ୍ୟନଗର, ରାତି ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଆ ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଅଭିଯାନ', ଭଞ୍ଜକଳା ମଣ୍ଡପ, ରାତି ୭ଟା।

ବାଲିଅନ୍ତା
- ଭଗବତ ବାସୁଦେବ ମେଳଣ, ବଇଁଚୁଆ, ଭେଲୁରୀ ହାଟ ପଡ଼ିଆ, ସକାଳ ୯ଟା।
- ମହାବୀରଙ୍କ ପ୍ରଥମ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସନ୍ଧ୍ୟା, ଭୁବନପୁର ମହାବୀର ମନ୍ଦିର, ସନ୍ଧ୍ୟା ୬ଟା।
- ବାଦୀପାଲା ପରିବେଷଣ, ବଙ୍ଗୁଆରୀ ଗ୍ରାମର ମା' ଜାଗୁଲାଇ ପୀଠ, ରାତି ୭ଟା।

କଟକ
- ଆଧାତ୍ମିକ ଅନୁଷ୍ଠାନ ଆମ ପ୍ରଣାମର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା।


ଆଜି ଅନ୍ତର୍ଜାତୀୟ ଶ୍ରମିକ ଦିବସ: ଏହାର ଅବ୍ୟବହିତ ପୂର୍ବରୁ ରବିବାର ରାଜଧାନୀ ଭୁବନେଶ୍ୱରରେ ମହିଳା ଓ ପୁରୁଷ ଶ୍ରମିକମାନେ ନିଜ କାମ ସାରିବାକୁ ଲାଗି ପଡିଛନ୍ତି। (ଫଟୋ- ବିକାଶ)

# ମୋ ବସ୍- ଟ୍ରକ୍ ମୁହାଁମୁହିଁ ଧକ୍କା: ୧୦ ଆହତ

ଖୋର୍ଦ୍ଧା ଅଫିସ,୩୦।୪

**ଟ୍ରକ୍ କ୍ୟାବିନ କାଟି ଡ୍ରାଇଭର ଉଦ୍ଧାର**



୧୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଶୁକ୍ରବାର ଗଡ଼ଖୋର୍ଦ୍ଧା ଛକରେ ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ରବିବାର ମଧ୍ୟାହ୍ନରେ ପିତାପଲ୍ଲୀଛକ ନିକଟରେ ମୋ' ବସ୍ ସହ ଏକ ମାଲବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଶିଳ୍ପାଞ୍ଚଳ ଫାଣ୍ଡି, ଟାଉନ ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣାରେ ଉଭୟ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବାବେଳେ ଟ୍ରକ୍ ଡ୍ରାଇଭର କ୍ୟାବିନ ଭିତରେ ଲାଖିଯାଇଥିଲେ। ତାଙ୍କୁ ବାହାର କରିବା ଲାଗି ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଗ୍ୟାସ୍ କଟର ସାହାଯ୍ୟରେ ଡୋର ଏବଂ ଅନ୍ୟ ଯନ୍ତ୍ରାଂଶକୁ କାଟି ତାଙ୍କୁ ଉଦ୍ଧାର କରାଯାଇଥିଲା। ପୋଲିସ ଉଭୟ ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। 'ସୂଚନା ଅନୁଯାୟୀ, ରୁଟ୍ ନଂ-୨୧ରେ ଚଳାଚଳ କରୁଥିବା ମୋ' ବସ୍ (ନଂ. ଓଡି ୦୨-ବିଜେ-୯୩୯୯) ଖୋର୍ଦ୍ଧାରୁ ଯାତ୍ରୀଙ୍କୁ ଧରି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଅଭିମୁଖେ ଯାଉଥିଲା। ରାଜପଥ କାମ ଚାଲିଥିବାରୁ ସର୍ଭିସ ରୁଟ୍ ଦେଇ ଯାଉଥିବା ବେଳେ ସମ୍ମୁଖ ପଟୁ ଏକ ମାଲ ବୋଝେଇ ଟ୍ରକ୍ (ନଂ ଓଡି ୦୨-ଏଡବ୍ଲ୍ୟୁ-୪୪୪୭) ଚାଲିଆସିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ, ଉଭୟ ଗାଡ଼ିର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଟ୍ରକ୍ ଆଗ ଚକା ରାସ୍ତାପାର୍ଶ୍ୱରେ ଦବି ଯାଇଥିବାବେଳେ ଡ୍ରାଇଭର କ୍ୟାବିନ ଭିତରେ ଚାପି ହୋଇଯାଇଥିଲେ। ମୋ ବସ୍ ଡ୍ରାଇଭରଙ୍କ ସମେତ ୧୦ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରଥମେ ବସ୍‌ରେ ଥିବା ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ଟ୍ରକ୍ କ୍ୟାବିନକୁ ଗ୍ୟାସ୍ କଟରରେ କାଟି ଡ୍ରାଇଭରଙ୍କୁ ବାହାର କରିଥିଲେ। ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ ତାଙ୍କୁ ସୁରକ୍ଷିତ ଭାବେ ବାହାର କରି ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଯାଇଥିଲା। ତେବେ ଏହି ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଜିଲା ପ୍ରଶାସନ ଏବଂ ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଅନେକ ସ୍ଥାନରେ ଏକପାଖିଆ ରାସ୍ତା ରହିଛି। ଫଳରେ ବଡ଼ ବଡ଼ ଭାରିଯାନ ଚଳାଚଳ ବେଳେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ କେବଳ ସିସିଟିଭି ଲଗାଇ ଚୁପ୍ ବସିଛନ୍ତି। ତେଣୁ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କାଞ୍ଜିଆ ହ୍ରଦରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାରଙ୍ଗ,୩୦।୪(ଡି.ଏନ୍.ଏ.):** ନନ୍ଦନକାନନ ଥାନା ଅନ୍ତର୍ଗତ କାଞ୍ଜିଆ ହ୍ରଦରେ ବୁଡ଼ି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଅପନି ବେହେରା ଓରଫ କାଳିଆ(୩୫)। ସେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଛପଟ ଟାଙ୍ଗୀରେ ରହୁଥିବା ଭଉଣୀ ଭିଣୋଇଙ୍କ ପାଖରେ ରହୁଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କାଳିଆ ସବୁଦିନ ଭଳି ରବିବାର ସକାଳେ କାଞ୍ଜିଆ ହ୍ରଦକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ସେ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ କେତେଜଣ ଯୁବକ ଉକ୍ତ ହ୍ରଦକୁ ଗାଧୋଇବାକୁ ଯାଇଥିବା ବେଳେ କାଳିଆଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ତେବେ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ଯୁବକମାନେ କାଳିଆଙ୍କୁ ଉଦ୍ଧାର କରି ଉପରକୁ ଆଣିଥଲେ। ପୋଲିସ ଆସିବା ପରେ କାଳିଆଙ୍କୁ ୧୦୮ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲକୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନାମରେ ନାମିତ କରିବା ସହ ୪ ଦଫା ଦାବି ନେଇ ସେବା ପ୍ରତିନିଧି ପକ୍ଷରୁ ହସ୍ପିଟାଲ ପରିସରରେ ଧାରଣା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରୁଦ୍ରପ୍ରସାଦ


@ ଲିପି


@ ଶୁଭଲକ୍ଷ୍ମୀ


@ ସ୍ମୃତିରେଖା


@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## 'ମନ୍ କୀ ବାତ୍' ମୋ ପାଇଁ...

ପ୍ରଥମ ପୃଷ୍ଠାରୁ...

ଲୋକଙ୍କ ପାଇଁ ଶିକ୍ଷାର ମାଧ୍ୟମ ପାଲଟିଛି। ୨୦୧୪ରେ ସେ ଦିଲ୍ଲୀ ଆସିବା ପରେ ଥିବା ଶୂନ୍ୟସ୍ଥାନକୁ ଏହି ପ୍ରସାରଣ ପୂରଣ କରିଛି। ଲୋକଙ୍କଠାରୁ ସେ ଅଲଗା ହେବେ ନାହିଁ ବୋଲି ଏହି କାର୍ଯ୍ୟକ୍ରମ ସୁନିଶ୍ଚିତ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କେତେଜଣ ଶ୍ରୋତାଙ୍କ ସହ ଫୋନ୍‌ରେ ବାର୍ତ୍ତାଳାପ କରିଥିଲେ। ପ୍ରକାଶ ଯେ, ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଅକ୍ଟୋବର ୩ରେ ବିଜୟା ଦଶମୀ ପାଳନ ଅବସରରେ 'ମନ୍ କୀ ବାତ୍'ର ପ୍ରଥମ ସଂସ୍କରଣ ପ୍ରସାରଣ ଆରମ୍ଭ କରାଯାଇଥିଲା। ଏହାର ୧୦୦ତମ ଅଧ୍ୟାୟର ଲାଇଭ୍ ପ୍ରସାରଣକୁ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଶୁଣାଯାଇଛି। ୨୨ ଭାରତୀୟ ଭାଷା ଓ ୨୯ ଉପଭାଷା ସହ ଫରାସୀ, ମାଣ୍ଡାରିନ୍, ଇଣ୍ଡୋନେସୀୟ, ତିବ୍ବତୀୟ, ବର୍ମା, ବେଲୁଚି, ଆରବୀ, ପସ୍ତୁ, ପାର୍ସୀ, ପାରସ୍ୟ, ଦାରି ଓ ସ୍ୱାହିଲି ସମେତ ୧୧ ବିଦେଶୀ ଭାଷାରେ ଏହାର ପ୍ରସାରଣ କରାଯାଇଥିଲା, ଯାହାକି ସ୍ୱତଃ ଏକ ରେକର୍ଡ। ବହୁ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତା ଦେଶର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମକୁ ଶୁଣିଥିଲେ। ଦେଶର ପ୍ରାୟ ୪ ଲକ୍ଷ ସ୍ଥାନରେ ଲୋକଙ୍କ ଶୁଣିବା ପାଇଁ ବ୍ୟବସ୍ଥା କରାଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦେଶବିଦେଶରୁ ଅଭିନନ୍ଦନର ସୁଅ ଛୁଟିଛି। ୟୁନେସ୍କୋ ମହାନିର୍ଦ୍ଦେଶକ ଅଉଡ୍ରେୟ ଅଜୋଉଲାୟ ମଧ୍ୟ ଏଥିଲାଗି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷେ ଚାଇନା, ଆଦାନୀ, ଆର୍ଥିକ ଅସମାନତା ଏବଂ ମହିଳା କୁସ୍ତିଯୋଦ୍ଧାଙ୍କ ବିକ୍ଷୋଭ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଉଥିବା କଂଗ୍ରେସ ଏହାକୁ 'ମଉନ୍ କୀ ବାତ୍' କହି ସମାଲୋଚନା କରିଛି।

# ଜେଇଇ ମେନ୍‌ରେ ଆକାଶ ବାଇଜୁସ୍‌ର ସଫଳତା

## ଭୁବନେଶ୍ୱର ସେଣ୍ଟରର ପ୍ରିୟଙ୍କା ସର ରାଜ୍ୟ ଟପ୍ପର

ଭୁବନେଶ୍ୱର,୩୦।୪

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର ଆକାଶ ବାଇଜୁସ୍‌ର ଓଡ଼ିଶା ଶାଖା କ୍ରମାଗତ ୪ର୍ଥ ବର୍ଷ ପାଇଁ ଜେଇଇ ମେନ୍ ଫଳାଫଳରେ ରାଜ୍ୟ ଟପ୍ପର ସହ ଉଲ୍ଲେଖନୀୟ ସଫଳତା ମଧ୍ୟ ହାସଲ କରିଆସିଛି। ଏପରିକି ଚଳିତ ଥରର ଜେଇଇ ମେନ୍ ଫଳାଫଳରେ ମଧ୍ୟ ଆକାଶ ବାଇଜୁସ୍‌ର ଓଡ଼ିଶା ଶାଖାରୁ ମୋଟ ୩୪ ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍-୨୦୨୩ର ୨ୟ ପର୍ଯ୍ୟାୟ ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁସାରେ ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରର ଛାତ୍ରୀ ପ୍ରିୟଙ୍କା ସର ୯୯.୯୮ ପର୍ସେଣ୍ଟାଇଲ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଏପରିକି ସେ ଜେଇଇ ମେନ୍-୨୦୨୩ ଫଳାଫଳରେ ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର୍) ୨୪୩ ତମ ସ୍ଥାନରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଭୁବନେଶ୍ୱର ସେଣ୍ଟରର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରଠାରେ ରବିବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଆକାଶ ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର (ପୂର୍ବ) ଅଜୟ ବାହାଦୁର ସିଂ, ଡେପୁଟି ଡାଇରେକ୍ଟର (ଇଷ୍ଟ) ସୂର୍ଯ୍ୟଭାନୁ ସିଂ, ଏକାଡେମିକ ହେଡ୍ ଇଞ୍ଜିନିୟରିଂ ଅମିୟ କୁମାର ସାମଲ ଏବଂ ଆର୍‌ଏସ୍‌ଜିଏଚ୍ ବିକାଶ ଦାସ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର (ପୂର୍ବ) ଅଜୟ ବାହାଦୁର ସିଂ କହିଛନ୍ତି, ଚଳିତ ବର୍ଷର ଜେଇଇ ମେନ୍ ଫଳାଫଳକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶା ଟପ୍ପର ତଥା ଆକାଶ ବାଇଜୁସ୍ ଓଡ଼ିଶା ଶାଖାର ଭୁବନେଶ୍ୱର ସେଣ୍ଟରର ଛାତ୍ରୀ ପ୍ରିୟଙ୍କାଙ୍କୁ ତାଙ୍କର ଅନନ୍ୟ ସଫଳତା ନିମନ୍ତେ ମଧ୍ୟ ଅଭିନନ୍ଦନ ଜଣାଉଛୁ। ସେହିଭଳି ଆମେ ତାଙ୍କର ଭବିଷ୍ୟତର ସମସ୍ତ ପ୍ରୟାସରେ ମଧ୍ୟ ସର୍ବକୁଶଳ କାମନା କରୁଛୁ ବୋଲି ସିଂ ମତପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ୨୦୧୯ରେ ପ୍ରିୟଙ୍କା ଆକାଶ ବାଇଜୁସ୍‌ର କ୍ଲାସରୁମ୍ ପ୍ରୋଗ୍ରାମରେ ଯୋଗ ଦେଇଥିଲେ। ଏପରିକି ସେ ଆକାଶର ବିଭିନ୍ନ ଚିନ୍ତାଧାରାକୁ ବୁଝିବା ନିମନ୍ତେ ନିଜର ଉଦ୍ୟମ ଜାରି ରଖିବା ସହ ଶିକ୍ଷା ଆହରଣ ସମୟ ସୂଚୀକୁ କଡ଼ାକଡ଼ି ଭାବେ ଅନୁପାଳନ କରି ଜେଇଇ ମେନ୍-୨୦୨୩ରେ ଶୀର୍ଷ ପର୍ସେଣ୍ଟାଇଲ ହାସଲ କରି ଏଲିଟ ତାଲିକାରେ ନିଜକୁ ସ୍ଥାନିତ କରିଛନ୍ତି। ବିଶେଷକରି ଜେଇଇ ଆଡଭାନ୍ସଡ କେବଳ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି (ଆଇଆଇଟି)ରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଜେଇଇ ମେନ୍ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଏବଂ ଅନ୍ୟ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମ ଲେଖାଇବାକୁ ସୁଯୋଗ ମିଳିଥାଏ।

# ଷ୍ଟଲୱାର୍ଟର ନୂତନ ପ୍ରକଳ୍ପ ଉନ୍ମୋଚିତ

ଭୁବନେଶ୍ୱର,୩୦।୪

ରାଜ୍ୟର ପ୍ରମୁଖ ଘରୋଇ ଗୃହ ନିର୍ମାଣକାରୀ ସଂସ୍ଥା ଷ୍ଟଲୱାର୍ଟ ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ (ଏସପିପିଏଲ)ର ନୂତନ ପ୍ରକଳ୍ପ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳରେ ଏସପିପିଏଲର ଉକ୍ତ ପ୍ରକଳ୍ପ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଓଡ଼ିଶା ସରକାରଙ୍କ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କାଗଜପତ୍ର କାମ ସାଙ୍ଗକୁ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥିରଟି (ଓରେରା)ର ସ୍ୱୀକୃତି ସହ ମଞ୍ଜୁରୀ ମଧ୍ୟ ମିଳିଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ଉକ୍ତ ପ୍ରକଳ୍ପର ନିର୍ମାଣ ସହ ଏକ ସୁନ୍ଦର ପରିବେଶ ଆଶାୟୀ ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ଏପରିକି ୩୬ ମହଲା ବିଶିଷ୍ଟ ଉକ୍ତ ପ୍ରକଳ୍ପରେ ମୋଟ ୩ଟି ବ୍ଲକ ରହିଥିବା ବେଳେ ପ୍ରାୟ ୪୫୦ ଘରୋଇ ୟୁନିଟ ସହ ୫୦ରୁ ଅଧିକ କର୍ମସିଆଲ ୟୁନିଟ ଉପଲବ୍ଧ। ଏ ସମ୍ପର୍କରେ ଏସପିପିଏଲର ପରିଚାଳନା ନିର୍ଦ୍ଦେଶକ ଶରତ ସାହୁ କହିଥିଲେ, ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଛି। ଏପରିକି ରାଜ୍ୟର ପ୍ରଥମ ଓ ଆଧୁନିକ ବୈଶିଷ୍ଟ୍ୟରେ ପରିପୂର୍ଣ୍ଣ ଉକ୍ତ ପ୍ରକଳ୍ପ ଓଡ଼ିଶା ରିୟଲ ଇଷ୍ଟେଟ କ୍ଷେତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏସପିପିଏଲର ଉକ୍ତ ପ୍ରକଳ୍ପ ପଟିଆର ଶୈଳେଶ୍ରୀ ବିହାରସ୍ଥିତ ତୁଳସୀ ବିହାରଠାରେ ନିର୍ମାଣ ହେବ ବୋଲି ଜଣାପଡିଛି।


ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳରେ ଷ୍ଟଲୱାର୍ଟ ସ୍କାଏସିଟିର ୩୬ ମହଲା ବିଶିଷ୍ଟ ପ୍ରକଳ୍ପର ଡିଜାଇନ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023016, ତା.18.04.2023ରିଖ

**କାର୍ଯ୍ୟର ନାମ :** ଡାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ: ସୁନାଖଣି-ସାମଲ-ପରବିଲ-ଖମାର ବ୍ଲକ୍ ସେକ୍ସନଗୁଡ଼ିକ ମଧ୍ୟସ୍ଥ କି.ମି.21.00 ଠାରୁ କି.ମି.43.50 ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2204.47 ଲକ୍ଷ, EMD (ଟଙ୍କାରେ): 12,52,200/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ୍ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-15/CG/23-24

# ଆଜିଠାରୁ ପିଏନ୍‌ବିର ସପିଙ୍ଗ ଫେଷ୍ଟିଭାଲ

ଭୁବନେଶ୍ୱର,୩୦।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ର ପିଏନ୍‌ବି ୱାନ୍ ଆପ୍ ଜରିଆରେ ଏକ ସ୍ୱତନ୍ତ୍ର ମେଳା 'ପିଏନବି ସପିଙ୍ଗ ଫେଷ୍ଟିଭ ୱାନ୍'ର ଆୟୋଜନ କରାଯାଉଛି। ଏହି ମେଳା ୨୦୨୩ ମେ୧ରୁ ୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ପିଏନବି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ବ୍ୟାଙ୍କର ବ୍ୟାଙ୍କିଙ୍ଗ ଆପ 'ପିଏନବି ୱାନ'ର ପିଏନବି ସପି ଲିଙ୍କ ଜରିଆରେ ଉପଭୋକ୍ତାମାନେ ସାମିଲ ହୋଇପାରିବେ। ଏପରିକି ବ୍ୟାଙ୍କର ବ୍ୟାଙ୍କିଙ୍ଗ ଆପ୍ଲିକେଶନ 'ପିଏନବି ୱାନ୍' ଏବଂ ବ୍ୟାଙ୍କର ଇଣ୍ଟରନେଟ ବ୍ୟାଙ୍କିଙ୍ଗରେ ମଧ୍ୟ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ପିଏନବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ( ଏମଡି ଆଣ୍ଡ ସିଇଓ) ଅତୁଲ କୁମାର ଗୋଏଲ କହିଥିଲେ, ଏକ ସପ୍ତାହବ୍ୟାପୀ ଏହି ଫେଷ୍ଟିଭାଲ ସମ୍ପର୍କରେ ଘୋଷଣା କରି ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କର ଡିଜିଟାଲ ପ୍ଲାଟଫର୍ମ ପିଏନବି ୱାନ ଜରିଆରେ ଇ-ମାର୍କେଟ ପ୍ଲସ ସେବାର ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେଉଛି। ସେହିଭଳି ବ୍ୟାଙ୍କର ସବୁ ବର୍ଗର ଗ୍ରାହକ ଦେଶର ୪୦୦ରୁ ଅଧିକ ବ୍ୟବସାୟ କ୍ଷେତ୍ର ସହ ଭିନ୍ନ ବ୍ୟବସାୟୀ ଓ ବ୍ୟବସାୟ କରିବାର ଲାଭ ଉଠାଇପାରିବେ। ଏପରିକି କାରବାର ଜରିଆରେ ଗ୍ରାହକ ଅତିରିକ୍ତ ସୁବିଧା ମଧ୍ୟ ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି।

# ଇଣ୍ଟରପ୍ୟାକ୍ ଆନ୍ତର୍ଜାତିକ ପ୍ରଦର୍ଶନୀରେ ରୁଚି ମସଲା

ଭୁବନେଶ୍ୱର,୩୦।୪

ରାଜ୍ୟ ପ୍ରମୁଖ ଖାଦ୍ୟପ୍ରକ୍ରିୟାକରଣ ୟୁନିଟ୍ ରୁଚି ମସଲା ଜର୍ମାନୀର ଡସେଲଡ଼ର୍ଫଠାରେ ଆୟୋଜିତ ହେବାକୁ ଥିବା ଇଣ୍ଟରପ୍ୟାକ୍ ଆନ୍ତର୍ଜାତିକ ପ୍ରଦର୍ଶନୀରେ ଯୋଗ ଦେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଅନ୍ତଃରାଷ୍ଟ୍ରୀୟସ୍ତରର ବୃହତ୍ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଯୋଗଦେବା ପାଇଁ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ.ଶରତ କୁମାର ସାହୁ ରବିବାର ଜର୍ମାନୀ ଓ ନେଦରଲାଣ୍ଡ ଗସ୍ତ କରିଛନ୍ତି। ବିଶେଷ କରି ରାଜ୍ୟ ସରକାରଙ୍କ ଦ୍ୱାରା ବିକଶିତ ରାମଦାସପୁର ନୂତନ ଶିଳ୍ପାଞ୍ଚଳଠାରେ ରୁଚିର ଆଉ ଏକ ୟୁନିଟ ପ୍ରତିଷ୍ଠା ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ରୁଚି ଶିଳ୍ପାନୁଷ୍ଠାନ ପରିସରରେ ଇଟାଲୀ, ଜାପାନ ଏବଂ ଜର୍ମାନୀର ଉନ୍ନତ ଜ୍ଞାନକୌଶଳ ସହଯୋଗରେ ଏକ ଅତ୍ୟାଧୁନିକ ପାସ୍ତା ଓ ଖାଦ୍ୟପ୍ରକ୍ରିୟାକରଣର ନୂତନ ଉଦ୍ୟୋଗ ପ୍ରତିଷ୍ଠା ହେବାକୁ ଯାଉଛି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରମୁଖ ଶିଳ୍ପୋଦ୍ୟୋଗୀମାନଙ୍କୁ ନେଇ ଜାପାନ ଗସ୍ତରେ ଯାଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହିତ ଡ. ସାହୁ ମଧ୍ୟ ସେଥିରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜର୍ମାନୀର ଅତ୍ୟାଧୁନିକ ଜ୍ଞାନକୌଶଳ ସହଯୋଗରେ ୫୦୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ 'ରୁଚି' ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ନୂତନ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟର ଦ୍ରୁତ ଶିଳ୍ପାୟନର ବିକାଶ କ୍ଷେତ୍ରରେ ରୁଚି ମସଲାର ପ୍ରମୁଖ ଭୂମିକା ରହିଥିଲା ବେଳେ ଡ. ସାହୁ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଏ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ଶିଳ୍ପ ଓ ଔଦ୍ୟୋଗିକ ବିକାଶ କ୍ଷେତ୍ରରେ ରୁଚି ମସଲାର ସହଭାଗିତା ପାଇଁ ମୁଖ୍ୟ ଶାସନ ସଚିବ ସାହୁଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

**ଭାରତ ସରକାର**
**ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ**
**ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ**

**ବିଜ୍ଞାପନ ନଂ. ଡିଏସ୍‌ଟି/୦୧/୨୦୨୨-ଇ-III**
**(୦୧ ଗୋଟି ବୈଜ୍ଞାନିକ 'ସି' ପଦବୀ ପାଇଁ ପୁନଃ-ବିଜ୍ଞାପନ)**

ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗରେ ଡେପୁଟେଶନ ଭିତ୍ତିରେ (ସ୍ୱଳ୍ପମିଆଦୀ ଚୁକ୍ତି ସମେତ) ବୈଜ୍ଞାନିକ 'ସି' [ସ୍ତର ୧୧, ବେତନ ମାଟ୍ରିକ୍ସ (ଟ.୬୭,୭୦୦-୨,୦୮,୭୦୦/-)]ର ଗୋଟିଏ ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନ ପ୍ରକ୍ରିୟା ଏବଂ ଯୋଗ୍ୟତାର ମାନଦଣ୍ଡ, ଅଭିଜ୍ଞତା, ବୟସ ସୀମା, ଆବେଦନର ଶେଷ ତାରିଖ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆମର ୱେବ୍‌ସାଇଟ୍ www.dst.gov.in ପରିଦର୍ଶନ କରନ୍ତୁ ।

ସ୍ୱା./- (ଏ ସଞ୍ଜୟ ସହାୟ)
ଭାରତ ସରକାରଙ୍କ ଅନୁସଚିବ

CBC 36101/11/0008/2324

# ଉଡାନ୍ ସହ ଆର୍‌ସିପିଏଲ୍‌ର ବୁଝାମଣା

ଭୁବନେଶ୍ୱର,୩୦।୪

ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ (ଆରସିପିଏଲ) ଏବଂ ଉଡାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବ୍ୟବସାୟିକ ବୁଝାମଣା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥା ମଧ୍ୟରେ ଏକ ସର୍ବଭାରତୀୟ ବିତରଣ ଭାଗୀଦାରି ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ଆରସିପିଏଲର କାମ୍ପା ପାନୀୟର ପରିସର ୫୦,୦୦୦ ରୁ ଅଧିକ ଖୁଚୁରା ବ୍ୟବସାୟୀ ଓ କିରାନା ଷ୍ଟୋରରେ ଉପଲବ୍ଧ ହେବ। ଏପରିକି ଏହା ଆସନ୍ତା ଦୁଇ ମାସ ମଧ୍ୟରେ ଧୀରେ ଧୀରେ ଏକ ଲକ୍ଷରୁ ଅଧିକ ଖୁଚୁରା ବ୍ୟବସାୟୀ/କିରାନା ଷ୍ଟୋରକୁ ବିସ୍ତାର କରାଯିବ ବୋଲି ଜଣାପଡ଼ିଛି।




ସେହିଭଳି ଉଡାନ ପ୍ଲାଟଫର୍ମରେ ଆରମ୍ଭ ହୋଇଥିବା ତିନୋଟି ନୂତନ କାମ୍ପା ସ୍ୱାଦ କୋଲା, ଅରେଞ୍ଜ ଏବଂ କ୍ଲିଅର ଲାଇମର ବ୍ୟବହାର ପାଇଁ ୨୦୦ମିଲି, ୫୦୦ମିଲି ଯାତ୍ରା ସମୟରେ ଏବଂ ଘରୋଇ ବ୍ୟବାହର ପାଇଁ ୨୦୦୦ ମିଲି ଫ୍ୟାମିଲି ପ୍ୟାକ ସହିତ ବିଭିନ୍ନ ଉପଭୋକ୍ତା ରେଞ୍ଜ ଏବଂ ମୂଲ୍ୟରେ ମଧ୍ୟ ଉପଲବ୍ଧ ହେବ । ଉଲ୍ଲେଖଯୋଗ୍ୟ ଖୁଚୁରା ଦେଶର ସର୍ବବୃହତ ବି୨ବି ପ୍ଲାଟଫର୍ମ ଉଡାନ ଜରିଆରେ ଆରସିପିଏଲର ପାନୀୟ ବ୍ରାଣ୍ଡ କାମ୍ପାର ବିସ୍ତୃତ ରେଞ୍ଜ ଉପଲବ୍ଧ ହେବ। ଏ ସମ୍ପର୍କରେ ଉଡାନର ମୁଖ୍ୟ (ଏଫଏମସିଜି ବ୍ୟବସାୟ) ବିନୟ ଶ୍ରୀବାସ୍ତବ କହିଥିଲେ, ଏହି ଗ୍ରୀଷ୍ମରେ ଭାରତୀୟ ଗ୍ରାହକଙ୍କୁ 'ଦି ଗ୍ରେଟ୍ ଇଣ୍ଡିଆନ ଟେଷ୍ଟ' ଉପସ୍ଥାପନ ଏବଂ ଉପଲବ୍ଧ କରିବାକୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଏକ ବ୍ୟୟ ପ୍ରଭାବୀ ବିତରଣ ନେଟୱର୍କ ସହିତ ବିଶାଳ ଖୁଚୁରା ବ୍ୟବସାୟ ଆଧାର ମିଳିତ ହୋଇ ଭାରତରେ 'କାମ୍ପା' ପରିସର ପାଇଁ ବଜାର ପ୍ରବେଶ ସହ ଆରସିପିଏଲର ଆବଶ୍ୟକତା ପୂରଣ କରିବାକୁ ଯାଉଛି। ଏପରିକି ଉଭୟ ସଂସ୍ଥାର ବୁଝାମଣା ଆମକୁ ଏକ ସ୍ୱତନ୍ତ୍ର ସ୍ଥିତିରେ ରଖିଛି ବୋଲି ଆମେ ବିଶ୍ୱାସ କରୁଛୁ।

**Government of Odisha**
**Higher Education Department**

**Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges**

**No.N-08:** Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.

**Sd./- Deputy Director**
**PTC Section**

**OIPR-11001/11/0001/2324**

## ଜାତୀୟ/ଅନ୍ତର୍ଜାତୀୟ

# ବିବାଦରେ ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟର 'କାଳୀ' ଟୁଇଟ୍

ନୂଆଦିଲ୍ଲୀ,୩୦।୪

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଏକ ଟୁଇଟ୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି। ବିସ୍ଫୋରଣସ୍ଥଳରେ ଉଠୁଥିବା ଧୂଆଁ ଭିତରେ ଜଣେ ମହିଳା ଛିଡ଼ା ହୋଇଛନ୍ତି। ସେ ହଲିଉଡ୍ ଅଭିନେତ୍ରୀ ମାରିଲିନ୍ ମୋନ୍‌ରୋଙ୍କ ଭଳି ଦେଖାଯାଉଛନ୍ତି। ଫଟୋରେ କ୍ୟାପ୍ସନ ଲେଖାଯାଇଛି 'ୱାର୍କ ଅଫ୍ ଆର୍ଟ'। ଭାରତୀୟମାନେ ଏହାକୁ ଦେବୀ କାଳୀ ଦର୍ଶାଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ହିନ୍ଦୁବିରୋଧୀ ଟୁଇଟ୍ ପାଇଁ ୟୁକ୍ରେନ୍ କ୍ଷମା ମାଗୁ ବୋଲି ଭାରତରେ ଦାବି ଉଠିବା ପରେ ମନ୍ତ୍ରଣାଳୟ ତାକୁ ଡିଲିଟ୍ କରିଦେଇଛି।



# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଶୋଇପଡ଼ିବାରୁ ଅଫିସର ନିଲମ୍ବିତ

ଭୁଜ୍,୩୦।୪

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଯୋଗଦେଇଥିବା ଏକ କାର୍ଯ୍ୟକ୍ରମରେ ଜଣେ ଅଧିକାରୀ ଶୋଇପଡ଼ିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଭୁଜ୍‌ରେ ଶନିବାର ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ମ୍ୟୁନିସିପାଲିଟିର ମୁଖ୍ୟ ଅଧିକାରୀ ଜିଗର ପଟେଲ ଶୋଇପଡ଼ିଥିଲେ। କ୍ୟାମେରାରେ ଏହା କଏଦ୍ ହୋଇଥିଲା। କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସହରାଞ୍ଚଳ ବିକାଶ ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଜାରି ନିଲମ୍ବନ ଆଦେଶରେ କୁହାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN
AT/P.O.: LAXMIPOSI, DIST.- MAYURBHANJ
Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**
**Bid Identification No. 02/23-24 of CEBM, SBB, Laxmiposi**

No.A-77:- Online tenders are invited for Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnarekha Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years.

| | |
|---|---|
| Name of work | Appointment of Proof Engineering Consultant (PEC) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007 Km. to Tail under Subarnareka Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years. |
| Period of completion | 24 (Twenty four) calendar months |
| Date & time of availability of bid document in the portal | From 10.00 A.M. dt.01.05.2023 to 20.05.2023 upto 5.00 P.M. |
| Last date / time for receipt of bids in the portal | 20.05.2023 upto 05.00 P.M. |
| Date & time of opening of tender | 22.05.2023 at 11.30 A.M. |
| Name & address of the officer inviting bid | Chief Engineer & Basin Manager, Subarnarekha & Budhabalanga Basin, Laxmiposi |

Further details can be seen from the e-procurement portal https://tendersodisha.gov.in

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32074/11/0003/2324

# ମହିଳା କୁସ୍ତିଯୋଦ୍ଧାଙ୍କୁ ପୋଲିସ ସୁରକ୍ଷା

ନୂଆଦିଲ୍ଲୀ,୩୦।୪

ଭାରତୀୟ କୁସ୍ତିମହାସଂଘ (ଆଇଡବ୍ଲ୍ୟୁଏଫ୍) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ କୁସ୍ତିଯୋଦ୍ଧାଙ୍କ ଧାରଣା ଦ୍ୱିତୀୟ ସପ୍ତାହରେ ପହଞ୍ଚିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ ନାବାଳିକା ପୀଡ଼ିତାଙ୍କ ସମେତ ଅନ୍ୟ କୁସ୍ତିଯୋଦ୍ଧାଙ୍କୁ ଧାରଣାସ୍ଥଳରେ ଦିଲ୍ଲୀ ପୋଲିସ ସୁରକ୍ଷା ଯୋଗାଇଦେଇଛି। ତଦନ୍ତ ଆଗକୁ ବଢ଼ାଇବା ପାଇଁ ୭ ଅଭିଯୋଗକାରିଣୀଙ୍କୁ ରେକର୍ଡ ବୟାନ କରାଇବାକୁ ପୋଲିସ କହିଛି। କଂଗ୍ରେସ ନେତା ଦୀପେନ୍ଦ୍ର ହୁଡାଙ୍କ ଷଡ଼ଯନ୍ତ୍ର କ୍ରମେ ତାଙ୍କ ବିରୋଧରେ ଏହି ଅଭିଯୋଗ ଅଣାଯାଇଛି ବୋଲି ଆଇଡବ୍ଲ୍ୟୁଏଫ୍ ମୁଖ୍ୟ ବ୍ରିଜଭୂଷଣ ସମାଲୋଚନା କରିଛନ୍ତି।

# ମୋ ଚାରିପଟେ ଅନେକ ବନ୍ଧୁକ: ସଲମାନ୍

ମୁମ୍ବାଇ,୩୦।୪

ଗ୍ୟାଙ୍ଗଷ୍ଟରମାନଙ୍କ ଟାର୍ଗେଟ ଲିଷ୍ଟରେ ଥିବା 'ଟାଇଗର ଜିନ୍ଦା ହୈ' ଅଭିନେତା ସଲମାନ୍ ଖାନ୍ ଏକାଧିକ ଧମକ ପାଇଲେଣି। ଶେଷରେ ସେ ଏହାକୁ କିପରି ହ୍ୟାଣ୍ଡେଲ କରିବେ ସେନେଇ ଗଣମାଧ୍ୟମରେ ଶେୟାର କରିଛନ୍ତି। ସଲମାନ୍‌ଙ୍କୁ ବାରମ୍ବାର ହତ୍ୟା ଧମକ ମିଳୁଥିବାରୁ ମୁମ୍ବାଇ ପୋଲିସ ତାଙ୍କୁ ୱାଇ ପ୍ଲସ୍ ସିକ୍ୟୁରିଟି ଯୋଗାଇ ଦେଇଛି। ଏକ ସାକ୍ଷାତ୍‌କାରରେ ଅଭିନେତା କହିଛନ୍ତି, ଅସୁରକ୍ଷାଠାରୁ ସୁରକ୍ଷା ଭଲ। ଏବେ ସାଇକେଲରେ କୁଆଡ଼େ ଯିବା ସମ୍ଭବ ହେଉନାହିଁ। ତେଣୁ ମୋ ଶେରା (ତାଙ୍କ ଅଙ୍ଗରକ୍ଷୀଙ୍କ ନାମ) ଘେରି ରହୁଛନ୍ତି। ମୋ ଚାରିପଟେ ଅନେକ ବନ୍ଧୁକ ରହୁଛି। ସେସବୁ ଦେଖି ମୁଁ ମଧ୍ୟ ବିଚଳିତ ହୋଇଯାଉଛି।



## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର,(ବ୍ୟୁରୋ) : ସିଗାରେଟ ଟଣାକୁ ନେଇ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଦିବାନ ଦାସ, ସନିଆ ଦାସ ଓ ଗୌରାଙ୍ଗ ଚରଣ ବେହେରା । ଜାମିନ ନ ପାଇବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଯୁବକ ଶୁକ୍ରବାର ଏକ ଦୋକାନ ପାଖରେ ସିଗାରେଟ ଟାଣୁଥିଲେ। ଏହି ସମୟରେ ୩ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ସେ ଏ ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଗିରଫ କରିଥିଲା ।



## ସଂକ୍ଷେପରେ

### ବ୍ଲାକ୍ କୋବ୍ରା ଚାମ୍ପିୟନ ଭଗବତୀ ନଗର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ

ବାରଙ୍ଗ,୩୦।୪(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଭଗବତୀ ନଗର ଗ୍ରାମମୁଣ୍ଡ ଖେଳପଡ଼ିଆରେ ସିଦ୍ଧସାଧୁ ହୁଙ୍କାଗୋସାଇଁ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଭଗବତୀ ନଗର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ବ୍ଲାକ୍ କୋବ୍ରା ଓ ଗୋଲ୍ଡେନ ଷ୍ଟାର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଗୋଲ୍ଡେନ ଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ବିନିମୟରେ ୫୦ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ୍ କୋବ୍ରା ଟିମ୍ ୮ ଓଭରରେ ୬ ଉଇକେଟ ବିନିମୟରେ ୫୧ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ଭଗବତୀ ନଗର ଗ୍ରାମ କମିଟି ସଭାପତି ହୁଲ୍ଲାସ ଭଞ୍ଜ, ସମ୍ପାଦକ କିଶୋର ସାମଲ, ସାମ୍ବାଦିକ ଜଗନ୍ନାଥ ଭଞ୍ଜ, ଲକ୍ଷ୍ମଣ କାଣ୍ଡି, ନୀଳମଣି ସାମଲ, ଚଇଁ ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିୟନ ବ୍ଲାକ କୋବ୍ରା ଟିମକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରନର୍ସଅପ ଗୋଲ୍ଡେନ ଷ୍ଟାର ଟିମ୍‌କୁ ଟ୍ରଫି ସହ ୫୦୦ ଟଙ୍କା ପ୍ରଦାନ କରିଥିଲେ। କାଳିଆ ସାମଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଛି। କ୍ଲବର ଶିଶିର ବେହେରା, ସଞ୍ଜୟ ସାମଲ, ବିଜୟ ମହାପାତ୍ର, କାହ୍ନା ବେହେରା, ହିରଣ୍ୟ ସାମଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ତମ ଅଧିବେଶନ

ଭୁବନେଶ୍ୱର,୩୦।୪(ବ୍ୟୁରୋ): ସାହିତ୍ୟ ହେଉଛି ମାନବ ଜାତିର ମସ୍ତିଷ୍କ। ଏହା ମାଧ୍ୟମରେ ମାନବ ହୃଦୟର ଶତଦଳର ସୁରଭି ବିଚ୍ଛୁରିତ ହେବା ସାଙ୍ଗକୁ ସଭ୍ୟତା ଓ ସଂସ୍କୃତିର ରୂପରଙ୍ଗକୁ ତୋଳି ଧରିଥାଏ। ସାହିତ୍ୟ ତୋଳି ଧରିଥାଏ ମାନବିକ ସମ୍ଭାବନାର ଚିତ୍ରପଟ ବୋଲି ରବିବାର ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ତମ ଅଧିବେଶନକୁ ଉଦଘାଟନ କରି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମକୁ ଲେଖକ ଡ. ଦିଗରାଜ ବ୍ରହ୍ମା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂ ଶଶିଭୂଷଣ ରଥ, ସରୋଜିନୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ପ୍ରଦୀପ କୁମାର ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ବସନ୍ତ ମାଝୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କବି ବିଶ୍ୱମିତ୍ର ମିଶ୍ର ଧନ୍ୟବାଦ ଜଣାଇଥିଲେ।

### ଏବିଇଓ ଅଜୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା,୩୦।୪(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହ ଶିକ୍ଷାଧିକାରୀ(ଏବିଇଓ) ଅଜୟ କୁମାର ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଇରିପୁର ଉଚ୍ଚ ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ଶୈଳାଧିରାଜ ତନୟା ଶତପଥୀଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଆଦିକନ୍ଦ ବେହେରା, ନିଆଳି ଏବିଇଓ ପ୍ରତାପ ସାହୁ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଯୋଗଦେଇଥିଲେ। ଏବିଇଓ ସାହୁଙ୍କ କାର୍ଯ୍ୟକାଳ ମଧ୍ୟରେ କୃତିତ୍ୱର ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବାଇକ୍ ମେକାନିକ ମାଷ୍ଟରମାଇଣ୍ଡ

**ଚୋରି ପରେ କବାଡ଼ିଆଙ୍କୁ ବିକୁଥିଲେ**

- ୧୬ ବାଇକ, ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶ ଜବତ
- ମାଷ୍ଟର କି ଦ୍ୱାରା ସୁକାନ୍ତ ଚୋରି କରୁଥିଲେ ବାଇକ୍

ଭୁବନେଶ୍ୱର,୩୦।୪ (ବ୍ୟୁରୋ)



ଜବତ ବାଇକ୍ ଓ କଟାଯାଇଥିବା ଯନ୍ତ୍ରାଂଶ ।

ରାଜଧାନୀରେ କିଛି ମାସ ହେଲା ବାଇକ ଚୋରି ଘଟଣାରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଏକ ଗ୍ୟାଙ୍ଗକୁ ଧରିଛି। କ୍ୟାପିଟାଲ ଥାନା ପୋଲିସ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ତଥା ମେକାନିକଙ୍କ ସହ ୩ଜଣ କବାଡିଆଙ୍କୁ ଗିରଫ କରିଛି। ମାଷ୍ଟରମାଇଣ୍ଡ ହେଲେ ସୁକାନ୍ତ କୁମାର ରେଡ୍ଡୀ। ତାଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବା ବେଳେ ସେ ଲିଙ୍ଗରାଜ ଥାନା ଅଞ୍ଚଳରେ ରୁହନ୍ତି। ସେହିପରି ଅନ୍ୟ ୩ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନପୁର ଜିଲାର ସୌମିତ୍ର ଦାସ, ଗୁଣଧର ମିରାଦ ଓ ସୋମନାଥ ଦାସ। ଅଭିଯୁକ୍ତଙ୍କଠାରୁ ୧୬ଟି ଚୋରା ବାଇକ, ୫୦ରୁ ଅଧିକ ବାଇକ୍‌ର ବିଭିନ୍ନ ଯନ୍ତ୍ରାଂଶ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ସୁକାନ୍ତ ମୋଟ ୪୦ଟି ବାଇକ୍ ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ସୁକାନ୍ତ ସହରର ଫରେଷ୍ଟ ପାର୍କ, ଆଇଜି ପାର୍କ, ୟୁନିଟ-୧ ହାଟ, ମାର୍କେଟ ବିଲ୍ଡିଂ ଆଦି ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲାର ଶ୍ରୀକାନ୍ତ ପରିଡା ଗତ ଏପ୍ରିଲ ୨୨ ସକାଳେ ଫରେଷ୍ଟ ପାର୍କକୁ ପ୍ରାତଃଭ୍ରମଣ କରିବାକୁ ଯାଇ ତାଙ୍କ ବାଇକ୍‌କୁ ବାହାରେ ପାର୍କିଂ କରିଥିଲେ। ହେଲେ ସେ ଫେରିବା ବେଳକୁ ତାଙ୍କ ବାଇକ ଚୋରି ହୋଇଥିବା ଜାଣିବାକୁ ପାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୬ ତାରିଖରେ ଏକ ମାମଲା (ନଂ.୨୬୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଟିମ୍ ସୁକାନ୍ତଙ୍କୁ ରାଜଧାନୀର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଗିରଫ କରିଥିଲା। ପଚରାଉଚରା ପରେ ତାଙ୍କ କରିତ୍‌କର୍ମାପଣ ବିଷୟରେ ପୋଲିସ ଜାଣିବା ସହ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

**ଚୋରି ବାଇକ୍ ପାର୍କିଂସ୍ଥଳରେ ଲୁଚାଉଥିଲେ**

ମାଷ୍ଟରମାଇଣ୍ଡ ସୁକାନ୍ତ ଜଣେ ବାଇକ ମେକାନିକ୍ ହୋଇଥିବା ବେଳେ ତାଙ୍କର ଶ୍ରୀରାମ ନଗର ଅଞ୍ଚଳରେ ଗ୍ୟାରେଜ ରହିଛି। ସେ ନିଜ କାମରୁ ସମୟ ବାହାର କରି ରାଜଧାନୀର ବିଭିନ୍ନ ପାର୍କିଂସ୍ଥଳକୁ ଯାଇ କିଭଳି ବାଇକ୍ ଚୋରି କରିହେବ ସେନେଇ ଯୋଜନା ପ୍ରସ୍ତୁତ କରଥାନ୍ତି। ପରବର୍ତ୍ତୀ ସମୟରେ ସୁକାନ୍ତ ମାଷ୍ଟର ଚାବି ଦ୍ୱାରା ବାଇକଗୁଡିକୁ ସହଜରେ ଚୋରି କରିନେବାରେ ସଫଳ ହେଉଥିଲେ। ଏପରିକି ପୋଲିସ ନଜରରୁ ବର୍ତ୍ତିବା ପାଇଁ ସେ ନିଜର ଚତୁର ବୃଦ୍ଧି ପ୍ରୟୋଗ କରୁଥିଲେ। ଚୋରି ବାଇକଗୁଡିକୁ ନେଇ ରେଳ ପାର୍କିଂରେ କିମ୍ବା ଅନ୍ୟାନ୍ୟ ଦେୟ ପାର୍କିଂ ସ୍ଥାନରେ ସେ ରଖି ଦେଉଥିଲେ। ୨ ରୁ ୩ ଦିନ ଭିତରେ ପୁନର୍ବାର ଉକ୍ତ ଚୋରି ବାଇକଗୁଡିକୁ ସୁକାନ୍ତ ତାଙ୍କ ଗ୍ୟାରେଜକୁ ଆଣୁଥିଲେ। ଯନ୍ତ୍ରାଂଶ ସାହାଯ୍ୟରେ ବାଇକର ବିଭିନ୍ନ ପାର୍ଟସ ଖୋଲି ଗିରଫ କବାଡ଼ିଆମାନଙ୍କୁ କିଛି ବିକ୍ରି କରୁଥିଲେ। ଆଉ କିଛି ଅନ୍ୟ ବାଇକରେ ଲଗାଇ ଦେଉଥିଲେ।

## ୩ କବାଡ଼ିଆ ସମେତ ୪ ଗିରଫ



### ବାଇକ୍‌ରେ ଡବଲ ଚାବି ପକାଇବାକୁ ଡିସିପିଙ୍କ ଅପିଲ୍

ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ବାଇକ ଚୋରି ହେବା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ବାଇକର ଚକାରେ ଆଉ ଏକ ସ୍ୱତନ୍ତ୍ର ତାଲା ଚାଳକମାନେ ପକାଉ ନ ଥିବାରୁ ଲୁଟେରାମାନେ ମାଷ୍ଟର କି ଦ୍ୱାରା ଚୋରି କରିବାରେ ସଫଳ ହେଉଛନ୍ତି। ତେଣୁ ବାଇକ ଚାଳକମାନେ ଏଥିପ୍ରତି ସଚେତନା ହେବା ପାଇଁ ଆବଶ୍ୟକ ଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହ ପାର୍କିଂ ସମୟରେ ଚାଳକମାନେ ବାଇକରେ ଡବଲ ଚାବି ପକାଇବାକୁ ସେ ରାଜଧାନୀବାସୀଙ୍କୁ ଅପିଲ କରିଛନ୍ତି।

## ସ୍ନେହପ୍ରଭା ସାମନ୍ତରାୟ, ପ୍ରଶାନ୍ତ ପାଢୀଙ୍କୁ 'ଆନନ୍ଦଶ୍ରୀ ସମ୍ମାନ'



ସମ୍ମାନିତ ଦୁଇ ବ୍ୟକ୍ତିତ୍ୱଙ୍କ ସହ ଅତିଥି ଓ ନୃତ୍ୟଶିଳ୍ପୀମାନେ।

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଓଡିଶୀ ନୃତ୍ୟାନୁଷ୍ଠାନ କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ପଞ୍ଚଦଶତମ ଆନନ୍ଦ ଉତ୍ସବ ଓଡିଶୀ ରିସର୍ଚ୍ଚ ସେଣ୍ଟରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଅଡିଟୋରିଅମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଖଣ୍ଡପଡାର ପ୍ରାକ୍ତନ ବିଧାୟକ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଏବଂ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଢୀ ଉପସ୍ଥିତ ଥିଲେ। ଅନୁଷ୍ଠାନ ତରଫରୁ ଉଭୟଙ୍କୁ ଆନନ୍ଦଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଟ୍ରଷ୍ଟି ଅଂଶୁମାନ ମିଶ୍ର ଓ ପୁଷ୍ପିତା ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଗଣେଶ ବନ୍ଦନା କାର୍ଯ୍ୟକ୍ରମରୁ ଆନନ୍ଦ ଉତ୍ସବ ଆରମ୍ଭ ହୋଇ ଅନେକ ଗୁଡିଏ ଓଡିଶୀ ନୃତ୍ୟ ସହ ସମ୍ବଲପୁରୀ ଲୋକନୃତ୍ୟରେ ଏହା ଶେଷ ହୋଇଥିଲା। ନୃତ୍ୟଗୁରୁ ପୁଷ୍ପିତା ମିଶ୍ର, ମିତା ଦାସ ଓ ତାରିଣୀ ନାୟକଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ମଙ୍ଗଳାଚରଣ, ଗୁରୁବନ୍ଦନା, ବଟୁ, ପଲ୍ଲବୀ, ବନ୍ଦେ ଉତ୍କଳ ଜନନୀ, ଆହେ ନୀଳ ଶଇଳ, ଶିବତାଣ୍ଡବ, ଶିବପଞ୍ଚାକ୍ଷରସ୍ତୋତ୍ର , ଲଘୁନୃତ୍ୟ ଓ ଲୋକନୃତ୍ୟ ନୃତ୍ୟାଙ୍ଗନାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ନୃତ୍ୟଶିଳ୍ପୀ ଶ୍ରୀୟାଶ୍ରୀ ପତିଙ୍କ ଅଭିନୀତ ରାଧାକୃଷ୍ଣଙ୍କ ପ୍ରେମ ରସାପ୍ଳୁତ ନୃତ୍ୟାଭିନୟ "ସଜ କଞ୍ଜ ନୟନା" ବେଶ ଉପଭୋଗ୍ୟ ହୋଇଥିଲା। ତନ୍ଦ୍ରାଳସା ଦାସ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ।





ଶିଳାଶ୍ରୀ ପବ୍ଲିକେଶନ ପକ୍ଷରୁ ରବିବାର ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ କବି ବସନ୍ତ କୁମାର ଦାସଙ୍କ ପ୍ରଥମ କବିତା ପୁସ୍ତକ 'ସଞ୍ଜ ଆସଇ ନଇଁ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କୋରଡ଼କଣ୍ଟାକୁ ହରାଇ ରଥିଜେମା ଚାମ୍ପିୟନ୍

ବାଲିଅନ୍ତା,୩୦।୪(ଡି.ଏନ୍.ଏ.)

ବାଲିଅନ୍ତା ମାଟିକୋଟ ଗ୍ରାମର ବାସୁଦେବ ଯୁବ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କୁଶଭଦ୍ରା ନଦୀ ପଡ଼ିଆରେ ଦିବାରାତ୍ର ପପୁନ ମେମୋରିଆଲ କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋରଡ଼କଣ୍ଟାକୁ ହରାଇ ରଥିଜେମା ଚାମ୍ପିୟନ ହୋଇଛି। ଟସ୍ ଜିତି କୋରଡ଼କଣ୍ଟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ୍ ହରାଇ ୬୧ ରନ୍ କରିଥିଲା। ଜବାବରେ ରଥିଜେମା ୩ ଓଭରରେ ୬୨ ରନ୍ କରି ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୧୬୦ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରାଣବନ୍ଧୁ ସାହୁ ଓ ସୋମିତ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଖେଳକୁ ସତ୍ୟଜିତ୍ ବେହେରା, କାଳୀପ୍ରସାଦ ଦାସ ଓ ସନ୍ତୋଷ ପଲାଇ ପରିଚାଳନା କରିଥିବାବେଳେ ବାସୁଦେବ ଯୁବ ସଂସଦ ସମସ୍ତ ସଦସ୍ୟ ଟୁର୍ନମେଣ୍ଟ ପରିଚାଳନା କରିଥିଲେ।

## ରାଜଧାନୀ ପ୍ରତିଷ୍ଠା ପରିକଳ୍ପନା ବଡ଼ଗଡ଼ ଗ୍ରାମରେ ହୋଇଥିଲା

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠାର ପରିକଳ୍ପନା ବଡ଼ଗଡ଼ରେ ହୋଇଥିଲା। ହରେକୃଷ୍ଣ ମହତାବ ଓ ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ରାଜନେତାଙ୍କୁ ବଡ଼ଗଡ଼ ତଥା ଆଖପାଖ ଅଞ୍ଚଳର କେତେଜଣ ମୁରବୀ ଶ୍ରେଣୀର ବ୍ୟକ୍ତି ପୁରୁଣା ଷ୍ଟେଶନଠାରୁ ଡାଟ ଶଗଡ଼ରେ ବଡ଼ଗଡ଼ର ଗ୍ରାମଦେବତା ଶ୍ରୀଶ୍ରୀ ପତିତପାବନ ଦେବଙ୍କ ମନ୍ଦିର ପ୍ରାଙ୍ଗଣକୁ ଆଣିଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ନୂତନ ରାଜଧାନୀ ପ୍ରତିଷ୍ଠାର ବୀଜ ବପନ କରାଯାଇଥିଲା। ସେହି ସ୍ୱର୍ଗତ ମହାପୁରୁଷଙ୍କ ପ୍ରତି କୃତଜ୍ଞତା ପ୍ରକାଶ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସେମାନଙ୍କ ଦାୟାଦଙ୍କ ହସ୍ତରେ ସେମାନଙ୍କୁ ସମ୍ବର୍ଦ୍ଧନା ଦେବାର ଏକ ଉଦ୍ୟମ ସ୍ୱରୂପ ରବିବାର ବଡ଼ଗଡ଼ ହାଇସ୍କୁଲ ଛକଠାରେ ଗ୍ରାମ୍ୟ କମିଟି ପକ୍ଷରୁ ରାଜଧାନୀ ପ୍ରତିଷ୍ଠା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ମହାନଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ୱାର୍ଡ ନଂ୪୪ ର କର୍ପୋରେଟର ଅଜିତ୍ ବେହେରା, ୱାର୍ଡ ନଂ ୪୫ ର କର୍ପୋରେଟର ଅମରେଶ ଜେନା ଏବଂ ୱାର୍ଡ ନଂ ୫୭ର କର୍ପୋରେଟର ସନ୍ତୋଷ କୁମାର ସିଂହ ଅତିଥି ଭାବେ ଯୋଗ ଦେଇଥିଲେ।





ରାଜଧାନୀ ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

## ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

କୋଣାର୍କ,୩୦।୪(ଡି.ଏନ୍.ଏ.)

ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳା କମିଟି ପକ୍ଷରୁ କୋଣାର୍କ ଏନ୍‌ଏସି ଅଧୀନ ଜୁଣେଇ ୧ନଂ. ୱାର୍ଡସ୍ଥିତ ରଣପଡ଼ା ମୌଜାର ବେଠିଆଗଦା ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା ପାଇଁ ନୂତନ ମନ୍ଦିରର ଭୂମିପୂଜନ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଯାଇଛି। ସୂଚନାନୁଯାୟୀ, କୋଣାର୍କଠାରେ ମା'ଙ୍କ ସୂର୍ଯ୍ୟପୂଜା ଲାଗି ରାଜା ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟରେ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ହୋଇଯାଇଥିଲା। ଦୀର୍ଘବର୍ଷ ଧରି ସୂର୍ଯ୍ୟପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦ ଦାବି କରିଆସୁଥିଲେ। ମନ୍ଦିର ନିର୍ମାଣ ଲାଗି ସ୍ୱର୍ଗତ ଓମ୍ ବାବାଙ୍କ ପଟ୍ଟଶିଷ୍ୟ ଧାର୍ମିକ ବିଶାରଦ ତଥା ସୂର୍ଯ୍ୟମନ୍ଦିର ନିର୍ମାଣଶାଳା କମିଟି ଅଧ୍ୟକ୍ଷ ମୁକେଶ ଜୈନ ଭୂମିପୂଜନ କରିଛନ୍ତି। ରୀତିନୀତି ଅନୁଯାୟୀ ଖୁବ୍‌ଶୀଘ୍ର ସୂର୍ଯ୍ୟନାରାୟଣଙ୍କ ମୂର୍ତ୍ତି ସ୍ଥାପନ ସହ ପୂଜାର୍ଚ୍ଚନା କାର୍ଯ୍ୟ ହେବା ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଜୈନ କହିଛନ୍ତି। ଉତ୍ସବରେ କମିଟି ପରିଚାଳକ ଯୁଧିଷ୍ଠିର ସ୍ୱାଇଁ, ଗଣେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ସାହୁ, ସଞ୍ଜୀବ ତିୱାରୀ, ମନ୍ଦିର ପୂଜକ ବାପି ପଣ୍ଡାଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ସାହିତ୍ୟ ରୂପକ ଦର୍ପଣରେ ସମାଜର ଛବି ପ୍ରତିଫଳିତ ହୁଏ

**ପ୍ରଗତିବାଦୀର ସାରସ୍ୱତ ସମାରୋହ**

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ସାହିତ୍ୟ ହେଉଛି ଦର୍ପଣ ସଦୃଶ। ମନୁଷ୍ୟ ଦର୍ପଣରେ ନିଜକୁ ଦେଖେ କିନ୍ତୁ ସାହିତ୍ୟ ରୂପକ ଦର୍ପଣରେ ସମାଜର ଛବି ପ୍ରତିଫଳନ ହୋଇଥାଏ। ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ରବିବାର ଆୟୋଜିତ ସାରସ୍ୱତ ସମାରୋହ 'ସୃଜନୀ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷାବିତ୍ ଓ ଲେଖକ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହା କହିଛନ୍ତି। ସେ କହିଲେ, ସାହିତ୍ୟ ପାଠକାଦୃତ ହେଉନି। ସାହିତ୍ୟ ଅପପ୍ରଚାରର ମାଧ୍ୟମ ପାଲଟିଛି। ଅନୁକରଣୀୟ ସାହିତ୍ୟ ଲାଗି ସମାଲୋଚନା ଛଡ଼ା ଆଉ କିଛି ମିଳୁନାହିଁ। ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ. ରାଜେନ୍ଦ୍ର ନାରାୟଣ ଦାସ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଲେଖକ ରବିନ୍ଦ୍ର ନାରାୟଣ ମିଶ୍ର, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ୍ ମନୋରଞ୍ଜନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫୦ଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଗତିବାଦୀର ନିର୍ଦ୍ଦେଶିକା ମନୋଲିସା ବଳ ସ୍ୱାଗତ ଭାଷଣ, କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟକ୍ଷା ଶାଶ୍ୱତୀ ବଳ ଧନ୍ୟବାଦ ଦେଇଥିଲେ।





ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଅନ୍ୟମାନେ।

## ୧୦ ଦିନ ପରେ ପୋଲିସ ହାତ ଖାଲି

ଭୁବନେଶ୍ୱର,୩୦।୪ (ବ୍ୟୁରୋ)

**ଉର୍ମୀ ହୋଟେଲ୍ ଉପରକୁ ବୋମାମାଡ଼ ଘଟଣା**

- ଫ୍ଲାଏଓଭର ବ୍ରିଜ ଉପରୁ ଫୋପାଡ଼ିଥିଲେ ବୋମା
- ୨ କାଚ ଭାଙ୍ଗିଥିଲା, ବର୍ତ୍ତି ଯାଇଥିଲେ ଅତିଥି





ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଛକରେ ଥିବା ଉର୍ମୀ ହୋଟେଲ୍ ଉପରକୁ ବୋମାମାଡ଼ ଘଟଣାକୁ ରବିବାର ୧୦ଦିନ ପୂରିଛି। ହେଲେ ଏହି ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା କୌଣସି ବି ଅଭିଯୁକ୍ତଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଏପରିକି ଜଣେ ବି ଅଭିଯୁକ୍ତ ଚିହ୍ନଟ ନ ହେବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଖୁବଶୀଘ୍ର ଧରାପଡ଼ିବେ ବୋଲି ସାହୁ କହିଛନ୍ତି। ଅନ୍ୟପକ୍ଷରେ ପୋଲିସର ଗିରଫଦାରି ଭୟରେ ଅଭିଯୁକ୍ତମାନେ କେଉଁଆଡ଼େ ଆତ୍ମଗୋପନ କରିଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୦ ଅର୍ଥାତ ଗୁରୁବାର ରାତି ପ୍ରାୟ ୮ଟା ୧୫ ବେଳେ ଏକ ବାଇକରେ ଦୁଇ ଦୁର୍ବୃତ୍ତ ଫ୍ଲାଏଓଭର ବ୍ରିଜ ଉପରୁ ୨ଟି ବୋମା ଫୋପାଡ଼ିଥିଲେ। ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା ବେଳେ ଆଉ ଏକ ଜୀବନ୍ତ ଥିଲା। ଏହି ବୋମା ହୋଟେଲର ୨୦୨ ରୁମ୍‌ରେ ବାଜିଥିଲା। ଫଳରେ ହୋଟେଲର ୨ଟି କାଚ ଭାଙ୍ଗି ଯାଇଥିଲା। ଏଥିରେ କୌଣସି ବଡ଼ କ୍ଷୟକ୍ଷତି ହୋଇ ନ ଥିବା ବେଳେ ହୋଟେଲରେ ଥିବା ଅତିଥିମାନେ ଭୟଭୀତ ହୋଇଯାଇଥିଲେ। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଥାନାଧିକାରୀ, ଜୋନ-୫ ଏସିପି ସଞ୍ଜୀବ ଶତପଥୀ ପ୍ରମୁଖ ହୋଟେଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ହୋଟେଲ ମ୍ୟାନେଜର ସମରେନ୍ଦ୍ର ରାଉତ ଥାନାରେ ଏତଲା ପୋଲିସ ଏକ ମାମଲା ରୁଜୁ କରିଥିଲା।

**ବିଶ୍ୱଶାନ୍ତି ଶନି ମହାଯଜ୍ଞ**

ନିରାକାରପୁର,(ଡି.ଏନ୍.ଏ.): ସ୍ଥାନୀୟ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମର ଶନିଦେବଙ୍କ ପୀଠରେ ଏକାଦଶତମ ବିଶ୍ୱଶାନ୍ତି ଶନି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଗ୍ରାମର ଶତାଧିକ ବ୍ରତଧାରୀ ନିକଟ ଜଳାଶୟରୁ ଜଳଯାତ୍ରା କରି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ଶନିଦେବଙ୍କୁ ଚୁଆ, ଚନ୍ଦନ ମିଶ୍ରିତ ସୁଶୀତଳ ଜଳରେ ସ୍ନାନ ମାର୍ଜନା ପରେ ଯଜ୍ଞର ଅଗ୍ନି ସ୍ଥାପନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ସୂର୍ଯ୍ୟପୂଜା, ଧେନୁପୂଜା ଆଦି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଚଣ୍ଡୀଆହୁତି, ହରିବୋଲ, ହୁଳହୁଳିରେ ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଖଜୁରିପଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଡାହାଳିଆଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୩୦।୪(ଡି.ଏନ୍.ଏ.): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମସ୍ଥିତ ମା’ ଡାହାଳିଆଣୀଙ୍କ ପୀଠରେ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଧି ମୁତାବକ ଶାଳାମଣ୍ଡନ, ଅଙ୍କୁରାରୋପଣ ଓ ମଣ୍ଡଳକରଣ ପରେ ସୂର୍ଯ୍ୟପୂଜା, ଗୋପୂଜା ଆଦି ସମ୍ପନ୍ନ ହୋଇଥିଲା। ପ୍ରାତଃରେ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ନିକଟ ପୋଖରୀରେ ସ୍ନାନ ସାରି ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଥିଲେ। ଗ୍ରାମ୍ୟ ପରିକ୍ରମା କରି ଯଜ୍ଞସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଯଜ୍ଞାଚାର୍ଯ୍ୟ ପୀତବାସ ମିଶ୍ର ଓ ତାଙ୍କ ସହଯୋଗୀ ମନ୍ତ୍ର ପାଠ କରିଥିଲେ। ସୌମେନ୍ଦ୍ର ସାମନ୍ତରାୟ ଯଜ୍ଞ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ପ୍ରଧାନଶିକ୍ଷକ ପ୍ରଶାନ୍ତ ଥିଲେ ପ୍ରେରଣାଦାୟୀ

**ବେଗୁନିଆ,୩୦।୪(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅନନ୍ତ ବାସୁଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବସନ୍ତ ପାଇକରାୟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବେଗୁନିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାଶରଥି ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଅକ୍ଷୟ ରାଉତରାୟ, ସମିତି ସଭ୍ୟ ନମିତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଜନୀ ସାମନ୍ତରାୟ, ସିଆରସିସି ଗଣେଶ କୁମାର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦାଶରଥି ବେହେରା, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବସନ୍ତ ଜୟସିଂହ, ଜିଲାପରିଷଦ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ସାହ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅବସର ନେଇଥିବା ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଥିଲେ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ଅତିଥି ପ୍ରଧାନ କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ସେଠୀ ସ୍ୱାଗତ ଭାଷଣ, ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରତିକାନ୍ତ କହଲସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ବିରଞ୍ଚି ନାରାୟଣ ପାଇକରାୟ ଧନ୍ୟବାଦ ଦେଇଥିଲେ।

### କୃଷକ ନେତାଙ୍କ ପରଲୋକ

**ବୋଲଗଡ଼,୩୦।୪(ଡି.ଏନ୍.ଏ.):** ସ୍ଥାନୀୟ ନିର୍ବାଚନମଣ୍ଡଳୀର କୃଷକ ନେତା କେଲୁ ଶ୍ରୀଚନ୍ଦନଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ହୋଇଥିଲା। ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମସ୍ଥିତ ବାସଭବନରେ ବର୍ଷେ ହେବ ସେ ବିଭିନ୍ନ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ସେ ରାଜ୍ୟ କୃଷକ ସଭା ତଥା ସିପିଆଇର ସକ୍ରିୟ ସଦସ୍ୟ ଥିଲେ। ଏଥିସହ ସେ କୃଷକଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ବିଭିନ୍ନ ଆନ୍ଦୋଳନର ନେତୃତ୍ୱ ନେଉଥିଲେ। ତାଙ୍କ ମୃତ୍ୟୁ ଖବରପାଇ କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ, ବିଜୟ ଗୁମାନସିଂ, ବସନ୍ତ ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟର ଶୈକ୍ଷିକ ବିକାଶ, ଭିତ୍ତିଭୂମି ଉପରେ ଗୁରୁତ୍ୱ

## ବିଜେବି ହାଇସ୍କୁଲ ପୂର୍ବତନ ଛାତ୍ର ସଂସଦର ବୈଠକ



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩୦।୪**

ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି)ହାଇସ୍କୁଲ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ। ଚଳିତବର୍ଷ ଏହି ହାଇସ୍କୁଲ ୧୨୫ ବର୍ଷରେ ପଦାର୍ପଣ କରିଛି। ଏହି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ସଭା ପୂର୍ବତନ ଛାତ୍ର ସଂସଦର ସଭାପତି ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଯୋଜକ ଦେବପ୍ରସାଦ ମଜୁମଦାର କାର୍ଯ୍ୟସୂଚୀ ଓ ବଜେଟ୍ ଉପସ୍ଥାପନ କରିଥିଲେ। ଆସନ୍ତା ନଭେମ୍ବରରେ ହେବାକୁଥିବା ତ୍ରିଦିବସ ବ୍ୟାପୀ ଉତ୍ସବ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସଂସଦ ସମ୍ପାଦକ ଗୋପାଳକୃଷ୍ଣ ଦାସ ଉତ୍ସବର ରୂପରେଖ ସମ୍ପର୍କରେ କହିଥିଲେ। ଏହି ଶିକ୍ଷାନୁଷ୍ଠାନକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଥିବା ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ପ୍ରମୋଦ କୁମାର ମେକାପ୍, ବିଦ୍ୟାଳୟର ଶୈକ୍ଷିକ ବିକାଶ, ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସେକ୍ ଗହର ଅଲ୍ଲୀ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଅଞ୍ଜନ ରାୟ ବିଦ୍ୟାଳୟରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ୍ ରାୟ, ମଦନ ମୋହନ ରାମ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣମୁରାରୀ ଶାହା, ଇଂ. ନଭରଞ୍ଜନ ନାୟକ, ପୂର୍ବତନ ଅଧ୍ୟକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ସୁନୀଲ ମହାନ୍ତି, ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ଷ୍ଟେଟ୍ ବ୍ୟାଙ୍କର ଉଚ୍ଚ ପଦାଧିକାରୀ ଲକ୍ଷ୍ମୀନାରାୟଣ ଭଞ୍ଜ, ସତ୍ୟବ୍ରତ ଦାସ, ମିହିର ନାୟକ, ନରେନ୍ଦ୍ର ପୃଷ୍ଟି, ନିରଞ୍ଜନ ଦୋରା, ଶୁଭଦର୍ଶୀ ଅୟନ ରଞ୍ଜନ ବିଶ୍ୱାଳ, ଗଙ୍ଗାଧର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସଭାପତି ତଥା ବିଧାୟକ ମିତ୍ର କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଗୃହରେ ଖୁବ୍‌ଶୀଘ୍ର ପାଠାଗାର ହେବ। ସେହିପରି ୧୯୩୫ରେ ସ୍ଥାପିତ ଜୟୀ ରାଜଗୁରୁ ଛାତ୍ରାବାସରେ ଚାଲୁଥିବା ଆଦର୍ଶ ଥାନା କାର୍ଯ୍ୟାଳୟକୁ ବିଦ୍ୟାଳୟକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ଆସନ୍ତା ମେ’ ୭ରେ ପୁରାତନ ଛାତ୍ରମାନଙ୍କୁ ନେଇ ସମାବେଶ ଅନୁଷ୍ଠିତ ହେବ। ଉତ୍ସବ ପରିଚାଳନା ନେଇ ବିଭିନ୍ନ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସହସମ୍ପାଦକ ସରୋଜ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ନବକିଶୋର ମିଶ୍ର, ବିଭୁପ୍ରସାଦ ସେନାପତି ସହଯୋଗ କରିଥିଲେ।

## ପୂର୍ବତନ ଅଧ୍ୟକ୍ଷ ହେଲେ ମହାବିଦ୍ୟାଳୟ ପରିଚାଳନା ମଣ୍ଡଳୀ ସଭାପତି



**ନିରାକାରପୁର, ୩୦।୪ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର କଲେଜ ପରିଚାଳନା ମଣ୍ଡଳୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏନେଇ ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୭୬୭୦/୨୮.୪.୨୦୨୩ ଅନୁସାରେ ମହାପାତ୍ର ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପଦବୀ ପାଇଁ କଲେଜ ପକ୍ଷରୁ ୩ ଜଣଙ୍କ ନାମ ଯାଇଥିଲେ ମଧ୍ୟ ସର୍ବସମ୍ମତିକ୍ରମେ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ମହାପାତ୍ର ପୂର୍ବରୁ ଜନତା କଲେଜ କୁହୁଡ଼ି ଓ ପରେ ନିରାକାରପୁର କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରିଥିଲେ।

# ତେରସାହି ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ



ତେରସାହି ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ବ୍ଲକ ଅଧୀନ ବରସାହି ପଞ୍ଚାୟତ ଠାକୁରପଡ଼ା ନୂଆସାହି ଜଗନ୍ନାଥପୁର ତ୍ରିନାଥ ମନ୍ଦିରଠାରେ ତେରସାହି ତୈଳିକ ବୈଶ୍ୟ ସମାଜର ୪୭ତମ ବାର୍ଷିକ ଅଧିବେଶନ ସଭାପତି ରତ୍ନାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୨୪୦ ଗୁଆଭାଇଙ୍କୁ ନେଇ ହୋଇଥିବା ଦୁଇଦିନିଆ ଅଧିବେଶନରେ ପ୍ରଥମେ ସମସ୍ତ ସଭ୍ୟ ଉପସ୍ଥିତ ହେବା ପରେ ସକାଳ ୯ଟାରେ ସ୍ୱଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବନ୍ଧୁମିଳନ ଉତ୍ସବ ପରେ ଅପରାହ୍ନରେ ସମସ୍ତେ ଗ୍ରାମରେ ପଦଯାତ୍ରା କରିବା ସହ ନିଜର ସାଧବ ପୁଅଙ୍କ ବୋଇତ ବନ୍ଦାଣ କରିଥିଲେ। ସନ୍ଧ୍ୟାରେ ସାଧାରଣ ବୈଠକରେ ସମ୍ପାଦକ ବାନାମ୍ବର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଭାବେ ସମାଜସେବୀ ସୁକୁମାରୀ ସାହୁ, ସନ୍ତୋଷ ଜେନା, ବରସାହି ସରପଞ୍ଚ ଶରତ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, ମାନସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ତୈଳିକ ବୈଶ୍ୟ ସମାଜର ଅତୀତ ପରମ୍ପରାକୁ ବଜାୟ ରଖିବା ପାଇଁ ଏକତାର ସହ କାମ କରିବାକୁ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ଓ ଅସହାୟ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଅଭ୍ୟର୍ଥନା କମିଟି ସଭାପତି କୁଳମଣି ସାହୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ରାଜକିଶୋର ସାହୁ, ସହସମ୍ପାଦକ ଅଖିଳ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ସମୀକ୍ଷକ ଅଭୟ ସାହୁ, ରଜନୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ନିକଟ ଅଙ୍ଗାରପଡ଼ା ପଞ୍ଚାୟତ ଅଧୀନ ମହୁଲ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ କୁମାର ଛୁଆଳସିଂଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦଳବେହେରାଙ୍କ ଅଧକ୍ଷତାରେ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଟାଙ୍ଗୀ ବ୍ଲକର ପୂର୍ବତନ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମଙ୍ଗରାଜ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ଲକ୍ଷ୍ମୀପ୍ରସାଦ ସାହୁ, ଧୀରେନ୍ଦ୍ର ବାରିକ, ଲୋକନାଥ ମିଶ୍ର, ସିଆରସିସି ପ୍ରିୟରଞ୍ଜନ ସାମନ୍ତରାୟ, ରମେଶ ଚନ୍ଦ୍ର ମଙ୍ଗରାଜ, ଧୀରେନ ସିଂ, ପ୍ରସନ୍ନ ପ୍ରଧାନ, ସଚ୍ଚିଦାନନ୍ଦ ବାରିକ, ମହାଦେବ ରଣା, ଅଶୋକ ପାତ୍ର, ବାବାଜୀ ମଙ୍ଗରାଜ, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଛୁଆଳସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

# ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

**କୋଣାର୍କ,୩୦।୪(ଡି.ଏନ୍.ଏ.)**

ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳା କମିଟି ପକ୍ଷରୁ କୋଣାର୍କ ଏନ୍‌ଏସି ଅଧୀନ ଜୁଣେଇ ୧ନଂ. ୱାର୍ଡସ୍ଥିତ ରଣପଡ଼ା ମୌଜାର ବେଠିଆଗଦା ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ନିମନ୍ତେ ଭୂମିପୂଜନ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ନିଜ ମା’ଙ୍କ ସୂର୍ଯ୍ୟ ପୂଜା ନିମନ୍ତେ ରାଜା ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟରେ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ହୋଇଥିଲା। ଦୀର୍ଘବର୍ଷ ଧରି ସୂର୍ଯ୍ୟପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦଙ୍କ ମହଲରେ ଦାବି ହୋଇ ଆସୁଥିଲା। ଏହି ସ୍ୱପ୍ନକୁ ସାକାର କରିବାକୁ ସ୍ୱର୍ଗତ ଓମ୍ ବାବାଙ୍କ ପଟ୍ଟଶିଷ୍ୟ ଧାର୍ମିକ ବିଶାରଦ ତଥା ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳା କମିଟି ଅଧ୍ୟକ୍ଷ ମୁକେଶ ଜୈନ ଏହାର ଭୂମିପୂଜନ କରିଛନ୍ତି। ଧାର୍ମିକ ରୀତିନୀତି ଅନୁଯାୟୀ ଖୁବ୍‌ଶୀଘ୍ର ସୂର୍ଯ୍ୟ ନାରାୟଣଙ୍କ ମୂର୍ତ୍ତି ସ୍ଥାପନ ସହ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହେବା ପରେ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଅଧ୍ୟକ୍ଷ ଜୈନ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ କମିଟି ପରିଚାଳକ ଯୁଧିଷ୍ଠିର ସ୍ୱାଇଁ, ଗଣେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ସାହୁ, ସଞ୍ଜୀବ ତିୱାରୀ, ବାପି ପଣ୍ଡା ଯୋଗଦେଇଥିଲେ।

# ଶିକ୍ଷା, କଳାର ବିଦ୍ଧାଣି ଥିଲେ ନିରଞ୍ଜନ



ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବୋଲଗଡ଼,୩୦।୪(ଡି.ଏନ୍.ଏ.)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବୋଲଗଡ଼ ଶିକ୍ଷକ ପରିବାର ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଓସାକାର ଯୁଗ୍ମ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଡିଆଇଇଟି ଅଧ୍ୟକ୍ଷ ତାପସ ନାୟକ, ରାଜ୍ୟ ମିଳିତ ଶିକ୍ଷକ ସଂଘ ମହାସଚିବ ରମାକାନ୍ତ ମହାପାତ୍ର, ବେଗୁନିଆ ବିଇଓ ଭାସ୍କର ଚନ୍ଦ୍ର ଲେଙ୍କା, ଜଟଣୀ ବିଇଓ ରଶ୍ମିବାଳା ପରିଡ଼ା, ଡିଆଇଇଟି ପ୍ରଶିକ୍ଷକ ଅକ୍ଷୟ ମହାନ୍ତି, ଡ. ନିରଞ୍ଜନ ମହାନ୍ତି, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ ଓ ସୁନନ୍ଦିତା ସାହୁ, ଏବିଇଓ ପଦ୍ମ ଚରଣ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପରିବାର ସମ୍ପାଦକ ଶୈଳେନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ବିଇଓ ମହାନ୍ତିଙ୍କ ବହୁମୁଖୀ ପ୍ରତିଭାର ଉଚ୍ଚ ପ୍ରଶଂସା କରିବା ସହ ଶିକ୍ଷା ଓ କଳାର ସେ ଜଣେ ବିଶିଷ୍ଟ ବିଦ୍ଧାଣି ଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଇଓ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜିଲା ରେଡ୍‌କ୍ରସ ପକ୍ଷରୁ ତାଙ୍କୁ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ ସ୍ମରଣିକା ‘ମନ୍ଦ୍ର ନିକ୍ୱଣ’ ଉନ୍ମୋଚିତ ହୋଇଥିଲା। ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ।

# ଗିରିଶଙ୍କ ପରିବାର ପାଇବେ ‘ଆଦର୍ଶ ପରିବାର’ସମ୍ମାନ



ବୈଠକରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

**ଖୋର୍ଦ୍ଧା ଅଫିସ,୩୦।୪**

ମାତାପିତା ହେଉଛନ୍ତି ପରିବାର ଓ ସମାଜର ପଥପ୍ରଦର୍ଶକ। ବୃଦ୍ଧ ବୟସରେ ସେମାନଙ୍କୁ ହତାଦର ଅପେକ୍ଷା ଉପଯୁକ୍ତ ସେବା ଶୁଶ୍ରୂଷା କରନ୍ତୁ। ଏହାର ସଚେତନତା ଉଦ୍ଦେଶ୍ୟରେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ଅଭିନବ ପ୍ରୟାସ ଆରମ୍ଭ କରିଛି। ପରିଣତ ବୟସର ପିତାମାତା ଓ ଗୁରୁଜନଙ୍କ ଉପଯୁକ୍ତ ସେବା ଯତ୍ନ ନେଉଥିବା ସନ୍ତାନ ସନ୍ତତିମାନଙ୍କୁ ‘ଆଦର୍ଶ ପରିବାର’ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ଏହି ସମ୍ମାନ ପାଇଁ ଖୋର୍ଦ୍ଧା ପୌରାଞ୍ଚଳ ୮ନମ୍ବର ୱାର୍ଡରେ ରହୁଥିବା ଗିରିଶ ଚନ୍ଦ୍ର ପଟ୍ଟନାୟକଙ୍କ ପରିବାରକୁ ଚୟନ କରାଯାଇଛି। ରବିବାର ଅନୁଷ୍ଠିତ ମଞ୍ଚର କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକ ଆରମ୍ଭରେ ଦିବଂଗତ ସଦସ୍ୟ ସୁରଥ ଦେବତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ପାଦକ ରାମଶଙ୍କର ବିବରଣୀ ପାଠ କରିଥିଲେ। ଆସନ୍ତା ମେ’ ପ୍ରଥମ ସପ୍ତାହରେ ଖୋର୍ଦ୍ଧା ଆଦର୍ଶ ଥାନା ଦ୍ୱାରା ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ମିଳିବ ବୋଲି ସୂଚନା ଦେଇଥିଲେ। ବ୍ୟାଙ୍କ ଆକାଉଣ୍ଟକୁ ସାଇବର କ୍ରାଇମ୍‌ରୁ ସୁରକ୍ଷିତ ରଖିବା ପାଇଁ ବରିଷ୍ଠ ନାଗରିକଙ୍କ ଏକ ପ୍ରଶିକ୍ଷଣ ଶିବିର ମେ’ ଦ୍ୱିତୀୟ ସପ୍ତାହରେ ଆୟୋଜନ କରାଯିବାକୁ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ଡ. ଯୁଗଳ କିଶୋର ସାହଙ୍କ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା। ଏପ୍ରିଲର ବିଭିନ୍ନ ତାରିଖରେ ଜନ୍ମଗ୍ରହଣ କରିଥିବା ସଦସ୍ୟ ବୈକୁଣ୍ଠ ନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ରାଜକିଶୋର ବଳିୟାରସିଂହ, ବିନାୟକ ପାଇକରାୟ, ଡ.ବୃନ୍ଦାବନ ପଣ୍ଡା, ମଧୁସୂଦନ ମହାପାତ୍ର, ଭାଗୀରଥି ସାହୁଙ୍କ ସମେତ ୨୯ ସଦସ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ମଞ୍ଚର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ପୌରାଧକ୍ଷା ଏବଂ ବିଧାୟକଙ୍କୁ ଅନୁରୋଧ ସତ୍ତ୍ୱେ ଏ ଦିଗରେ କୌଣସି ଅଗ୍ରଗତି ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ଦେବପ୍ରସାଦ ମଜୁମଦାର, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାମନ୍ତରାୟ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗୋବିନ୍ଦ ମହାପାତ୍ର, ଭଗବାନ ରାମ, ସୁବାସ ଚନ୍ଦ୍ର ଚମ୍ପତିପ୍ରମୁଖ ଉପସ୍ଥିତ ଥିଲେ। ସହ-ସମ୍ପାଦକ ଅଧିବକ୍ତା ବସନ୍ତ ଦାଶ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଧନ୍ୟବାଦ ଦେଇଥିଲେ।

# ରାଇଜିଂ ଇଗଲ ଫାଇଟର ବିଜୟୀ



ବିଜୟୀ ଟିମ୍‌ର ଖେଳାଳିମାନେ।

**ବୋଲଗଡ଼,୩୦।୪(ଡି.ଏନ୍.ଏ.)**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ରାନୀ ବ୍ଲାଷ୍ଟର ଓ ରାଇଜିଂ ଇଗଲ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରାନୀ ବ୍ଲାଷ୍ଟର ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାଇଜିଂ ଇଗଲ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ୪.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ବୁବୁନା ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଦର୍ଶନ ବାରିକ ଓ ବେବି ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ନାମେଣ୍ଟ କମିଟି ପକ୍ଷରୁ ଡବୁଲ, ଟୁପୁନି, ମନ୍ଟୁ, କାଳିଆ, ଶିବୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ‘ଭଲ ବିଚାର ରଖିଲେ, ଈଶ୍ୱରତ୍ୱ ପ୍ରାପ୍ତି ହେବ’

**ଖୋର୍ଦ୍ଧା ଅଫିସ,୩୦।୪**

ମୃତ୍ୟୁ ସୁନିଶ୍ଚିତ। ତଥାପି ମାନବ ମରିଚିକା ପଛରେ ଦୌଡିବାରେ ଲାଗିଛି। ଆଧ୍ୟାତ୍ମିକତାକୁ ଛାଡ଼ି ପାଶ୍ଚାତ୍ୟ ସଂସ୍କୃତିରେ ବୁଡ଼ିରହିଛି। ବାଲ୍ୟବସ୍ଥାରେ ଖେଳକୁଦ, କିଶୋରବସ୍ଥାରେ କ୍ୟାରିୟର ଚିନ୍ତା, ଯୁବବସ୍ଥାରେ ନିଯୁକ୍ତି, ବେପାର ବାଣିଜ୍ୟ, ବିବାହ, ଗୃହସ୍ଥ ଜୀବନ ପରେ ସମ୍ପତ୍ତି ବଢାଇବା ଚିନ୍ତା, ଘର କୋଠାବାଡ଼ି ନିର୍ମାଣ, ପୁଅଝିଅଙ୍କୁ ଭଲ ପାଠ ପଢାଇ, ଭଲ ଚାକିରୀ କରାଇବାରେ ଚିନ୍ତାରେ ବ୍ୟସ୍ତ ରହିଥାନ୍ତି। ସେହି ପୁଅ ଝିଅ ବିବାହ ପରେ ବୃଦ୍ଧ ମାତାପିତାଙ୍କୁ ଘରେ ଏକାକୀ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇ ରହିଯାଉଛନ୍ତି। ଏହି ସମୟରେ ସେମାନଙ୍କର ଭଗବାନଙ୍କ କଥା ମନେ ପଡ଼ିଥାଏ। ଜୀବନ ସାରା ଭଗବାନଙ୍କୁ ସ୍ମରଣ କଲେ ନାହିଁ, ଶେଷ ସମୟରେ ଠାକୁରଙ୍କ କଥା ଚିନ୍ତନ କରିଲେ କି ଲାଭ। ଏଣୁ ସଂସାରକୁ ଆସିଛନ୍ତି ଅର୍ଥ କିଛି ଭଲ କାମ କରନ୍ତୁ। ହରିନାମ ଜପ କରନ୍ତୁ। ପାଶ୍ଚାତ୍ୟ ସଂସ୍କୃତି ପଛରେ ଦୌଡ଼ିବା ଅପେକ୍ଷା ସନାତନ ସଂସ୍କୃତି, ଈଶ୍ୱରଙ୍କୁ ସ୍ମରଣ କଲେ ମୋକ୍ଷ ପ୍ରାପ୍ତି ହେବ। ଜୀବନରେ ଶାନ୍ତି, ଆନନ୍ଦ ଅନୁଭବ କରିପାରିବେ ବୋଲି ବ୍ରଜଗୋପିକା ସେବାଧାମ ପକ୍ଷରୁ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲରେ ଚାଲିଥିବା ଆଧ୍ୟାତ୍ମିକ ପ୍ରବଚନରେ କୃପାଳୁଜୀ ମହାରାଜଙ୍କ ବରିଷ୍ଠ ପ୍ରଚାରିକା ତଥା ଏହି ସେବା ଧାମର ମୁଖ୍ୟ ରାସେଶ୍ୱରୀ ଦେବୀ ଏହା କହିଛନ୍ତି।

ପ୍ରବଚନର ଦ୍ୱିତୀୟ ଦିନରେ ପୂଜନୀୟା ରାସେଶ୍ୱରୀ ଦେବୀ କହିଲେ, କାମ, କ୍ରୋଧ, ଲୋଭ, ମୋହ, ମାୟାକୁ କାଲି ପାଇଁ ଛାଡ଼ି ଆଜି କିଛି ଭଲକାମ କରିଯାଅ। ଆସନ୍ତାକାଲିକୁ ବିଶ୍ୱାସ କରନି। ଅନ୍ୟପ୍ରତି ଭଲ ବିଚାର ରଖି ଆଗକୁ ବଢିଚାଲ। ଭଲ ଚିନ୍ତା କଲେ ଭଲ ପ୍ରବୃତ୍ତି ଜାତ ହେବ। ସର୍ବଦା ସକାରାତ୍ମକ ଚିନ୍ତା କରନ୍ତୁ। କାହା ବିଷୟରେ ମନ୍ଦ ବିଚାର ଆସିଲେ, ହରିନାମ ଜପ କରନ୍ତୁ, ମନରୁ ନକାରାତ୍ମକ ଭାବେ ଆପେ ଆପେ ଚାଲିଯିବ। ଶରୀର ଏବଂ ଆତ୍ମାକୁ ବୁଝିଲେ ଈଶ୍ୱରଙ୍କ ସାନିଧ୍ୟ ପାଇପାରିବେ। ଶରୀର ହେଉଛି ଏକ ଘର। ଘର ଭିତରେ ଆତ୍ମା ରହିଛି। ଘର ନଷ୍ଟ ହୋଇଯିବ, କିନ୍ତୁ ଆତ୍ମା ନିତ୍ୟ। ଆତ୍ମାର ପତନ ଅଥବା ବିଲୋପ ନ ଥାଏ। ଏହି ରହସ୍ୟକୁ ବୁଝିଗଲେ, ଜୀବନରେ ଆଉ କିଛି ପାଇବାକୁ ଇଚ୍ଛା ରହି ନ ଥାଏ, ସିଧା ଆତ୍ମା ପରମାତ୍ମାଙ୍କ ସମ୍ପର୍କ ଯୋଡି ହୋଇଯିବ ବୋଲି ସେ କହିଥିଲେ। ଭକ୍ତିମାର୍ଗରେ ଗଲେ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରିବ। ଜୀବନର ଗତିପଥ ଅଲଗା ହୋଇପାରେ ତେବେ ସମସ୍ତଙ୍କ ଗୋଟିଏ ଲକ୍ଷ୍ୟ ରହିଛି ତାହା ହେଉଛି ଶାନ୍ତି। ଏହା କେବଳ ଈଶ୍ୱରଙ୍କୁ ଭକ୍ତି, ଆରାଧନାରେ ମିଳପାରିବ ବୋଲି ରାସେଶ୍ୱରୀ ଦେବୀ କହିଥିଲେ। ଦ୍ୱିତୀୟ ଦିନରେ ଟାଉନ ହଲରେ ପ୍ରବଳ ଜନସମାଗମ ହୋଇଥିଲା।



**ଜଳସେବା କାର୍ଯ୍ୟକ୍ରମ**

ପୁରୀ ଅଫିସ: ଶ୍ରୀବିଶ୍ୱନୟନ ଐଶ୍ୱରୀୟ ପରିଷଦ, ପୁରୀ ତରଫରୁ ରବିବାର ଜଳସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାକୁ ସନାତନ ଧର୍ମ ପ୍ରଚାରକ ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜା ଉଦ୍‌ଘାଟନ କରିଥିଲେ। ପରିଷଦର ସଭାପତି ଡାକ୍ତର ସୌମ୍ୟକାନ୍ତ ପଣ୍ଡା ମାନବ ସେବା ହିଁ ମାଧବ ସେବା ଏହି ପରିଷଦର ମୁଖ୍ୟ ଲକ୍ଷ୍ୟ ବୋଲି କହିବା ସହିତ ପ୍ରଭୁଙ୍କ ଅପାର କରୁଣା ରହିଲେ ପ୍ରତିବର୍ଷ ଏହି ସେବା ଆମେ ଭକ୍ତଙ୍କୁ ଯୋଗାଇଦେଇ ପାରିବୁ ବୋଲି ପ୍ରକାଶ କରିଥିଲେ। ଯାଜପୁରର ସାମାଜିକ କର୍ମୀ ମୋହନ ମହାରଣା 'ବଡ଼ଦାଣ୍ଡରେ ଭକ୍ତଙ୍କ ସେବା କରିବା ଭାଗ୍ୟରେ ଥିଲେ ମିଳେ ବୋଲି କହିଥିଲେ। ଖବରଦାତା ଲକ୍ଷ୍ମୀ ପଟ୍ଟନାୟକ, ଗଜେନ୍ଦ୍ର ସେନାପତି, ଶିବପ୍ରସାଦ ପଣ୍ଡା, ଦୁର୍ଗା ସାହୁ, ହିମାଂଶୁ ମହାପାତ୍ର ଏବଂ ସମ୍ପାଦିକା ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭକ୍ତଙ୍କ ଉଦ୍ଦେଶ୍ୟରେ ଏୟାର କୁଲର ଦେଲା ଲାୟନ୍ସ କ୍ଲବ୍

ପୁରୀ ଅଫିସ, ୩୦।୪: ପ୍ରଚଣ୍ଡ ରୌଦ୍ରତାପ ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଛିଡ଼ା ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ଲାୟନ୍ସ କ୍ଲବ ଅନୁରୋଧରେ ଫରିଦାବାଦର ଏନ୍.ଆର୍. ଲାଇଫଷ୍ଟାଇଲ ଦୁଇଟି କମର୍ସିଆଲ ଏୟାର କୁଲର ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛି। ଏହା ଶ୍ରୀମନ୍ଦିର ନାଟମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଭକ୍ତଙ୍କୁ ଶୀତଳ ପବନ ଦେବ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଲାୟନ୍ସ କ୍ଲବ୍‌ର ଶ୍ୟାମପ୍ରସାଦ ଚନ୍ଦୁକା, ରାଜୁ ଦାସ ମହାପାତ୍ର, କେ. କ୍ରିଷ୍ଣା ରାଓ, ଅନିଲ ଦାଶ, ଅଜୟ ଦାସ, ଶାନ୍ତି ରଞ୍ଜନ ମିଶ୍ର ଏବଂ ଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପୁରୀ ଅଫିସ, ୩୦।୪: ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ରବିବାର ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ବନ୍ଧୁମିଳନ ଓ ଆଗାମୀ ଘୋଷଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଓ ପ୍ରାଧ୍ୟାପକ ବିଶ୍ୱଜିତ ଦାସ ଯୋଗଦେଇଥିଲେ। ୧୦ ଜଣଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଥିଲା। ପ୍ରତି ସପ୍ତାହରେ କୋର କମିଟିର ବୈଠକ ଅନୁଷ୍ଠିତ ହେବ। ରଥଯାତ୍ରାରେ ଏକ ଲକ୍ଷ ଭକ୍ତଙ୍କୁ ଟଙ୍କ ତୋରାଣି, ଦହି ସର୍ବତ ଓ ଲେମ୍ବୁ ସର୍ବତ, ୧ହଜାର ଭକ୍ତଙ୍କୁ ଖାଦ୍ୟ ଯୋଗାଇଦିଆଯିବ ବୋଲି ସ୍ଥିର କରାଯାଇଛି। ସମସ୍ତ ସେବା ନିଃଶୁଳ୍କ ରହିବ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ସତ୍ୟ ଦାଶ, ଭବାନୀ ପ୍ରସାଦ ରଥ, କାଳୀ ପ୍ରସାଦ ରାଉତରାୟ, ରମାକାନ୍ତ ରଥ, ଜିତେନ୍ଦ୍ର ପଣ୍ଡା, ରାଧାକାନ୍ତ ଷଡ଼ଙ୍ଗୀ, ନାରାୟଣ ଦାସ, ମମତା ଦାଶ, କ୍ରିଷ୍ଣା ସ୍ୱାଇଁ, ସ୍ମୃତିମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ସାଧାରଣ ସଭା, ମିଶ୍ରଣ ପର୍ବ

#### ଭୋଟ୍ ମାଗିଲେ ଜିଲା ପରିଷଦ ପ୍ରାର୍ଥୀ ଭାଗୀରଥି

ପୁରୀ ଅଫିସ, ୩୦।୪: ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ବାଲିଘାଇ ଛକ ନିକଟସ୍ଥ ମିଲ୍‌କସିଟିଠାରେ ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଜିଲାପରିଷଦ ଜୋନ ନଂ-୧୧ ଅନ୍ତର୍ଗତ ଗଡ଼ଭିଙ୍ଗୁରା ଓ ଇତିଭୂଆଁ ଗ୍ରାମପଞ୍ଚାୟତର ଶତାଧିକ କର୍ମୀଙ୍କ ସହଯୋଗରେ ସାଧାରଣ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ ଜିଲା ପରିଷଦ ପ୍ରାର୍ଥୀ ଭାଗୀରଥି ସେନାପତିଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ସେନାପତି ସଭାରେ ଇତିଭୂଆଁ ଓ ଗଡ଼ଭିଙ୍ଗୁରାର ବାସିନ୍ଦା ଏବଂ ଦଳୀୟ କର୍ମୀଙ୍କୁ ଭୋଟ ଭିକ୍ଷା କରିଥିଲେ। ଇତିଭୂଆଁ ସମିତିସଭ୍ୟା ଗୀତାଞ୍ଜଳି ସେନାପତି, ସଭାପତି ଗନ୍ଧର୍ବ ପ୍ରଧାନ, ନକୁଳ ସେନାପତି, ଜୟନ୍ତ ସ୍ୱାଇଁ, ସୁଜାତା ଭୋଇ, ଗଡ଼ଭିଙ୍ଗୁରାର ନନ୍ଦ ଭୋଇଙ୍କ ସମେତ ଶତାଧିକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ପୂର୍ବତନ ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଆଇନଜୀବୀ ଗୋପାଳ ପଣ୍ଡା, ବିଜୁ ଛାତ୍ର ଜନତା ଦଳ ନଗର ସଭାପତି ସାଗର ପାତ୍ର, ଜିଲା ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, ଯୁବନେତା ହେମନ୍ତ ନାୟକ, ବିଚିତ୍ର ବଳିୟାରସିଂ, ସୁରେଶ ଚନ୍ଦ୍ର ବାରିକ, ବିଶ୍ୱକେତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସାହିତ୍ୟ ସ୍ରଷ୍ଟାଙ୍କ ପାଇଁ ଓଡ଼ିଆ ବାଣୀଭଣ୍ଡାର ଋଦ୍ଧିମନ୍ତ



ମହୋତ୍ସବରେ ସମ୍ବର୍ଦ୍ଧିତ ଅତିଥିମାନେ ।



ପୁସ୍ତକ ଲୋକାର୍ପଣ କରାଯାଉଛି ।

**ପ୍ରଥମ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ**
- କବିତା ପାଠୋତ୍ସବ, ଆଲୋଚନାଚକ୍ର
- ୩ ପୁସ୍ତକ ଲୋକାର୍ପିତ, ୪୫ ଜଣ ସମ୍ବର୍ଦ୍ଧିତ

ପୁରୀ ଅଫିସ, ୩୦।୪:

ସାରସ୍ୱତ ସଙ୍ଗଠନ ଶ୍ରୀକ୍ଷେତ୍ର ଲେଖକ ସାନ୍ନିଧ୍ୟ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଏବଂ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପ୍ରଥମ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ପାଳିତ ହୋଇଯାଇଛି। ପ୍ରଥମ ପର୍ବରେ କବିତା ପାଠୋତ୍ସବକୁ କବି ଓ ଶିକ୍ଷାବିତ୍ ଡ. ଭଗବାନ ଜୟସିଂହ ଉଦ୍‌ଘାଟନ କରିଥିଲେ। ମଞ୍ଜୁଶ୍ରୀ ମିଶ୍ର, ରଶ୍ମିରେଖା ସାମନ୍ତରାୟ, ଆଶାଲତା ପ୍ରଧାନ, ଅନ୍ନପୂର୍ଣ୍ଣା ଦେବୀ, ବିଜୟଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଦ୍ୱିତୀୟ ପର୍ବରେ 'ଓଡ଼ିଆ ଗଦ୍ୟ ସାହିତ୍ୟକୁ ଶ୍ରୀକ୍ଷେତ୍ରର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁନୀଲ ରଥ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୂର ପାଟଶାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀକ୍ଷେତ୍ରର ସାରସ୍ୱତ ସ୍ରଷ୍ଟାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିଲେ। ଦ୍ୱିତୀୟ ତଥା ସମ୍ବର୍ଦ୍ଧନା ପର୍ବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଜିଲା ସଦସ୍ୟା ଡ. ପ୍ରତିଭା ମହାରଥୀ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶ, ପୁରୀ ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରୀକ୍ଷେତ୍ରର ବହୁ ସାରସ୍ୱତ ସ୍ରଷ୍ଟା ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ଏବଂ ଓଡ଼ିଆ ସାହିତ୍ୟ ତଥା ଶ୍ରୀକ୍ଷେତ୍ର ସାରସ୍ୱତ ସ୍ରଷ୍ଟାଙ୍କ ସୃଷ୍ଟିରେ ଶ୍ରୀଜଗନ୍ନାଥ ସଂସ୍କୃତି ମହିମାମୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାଶ ସ୍ୱାଗତ ଭାଷଣ ଏବଂ ଆବାହକ ରବୀନ୍ଦ୍ରନାଥ ପଟ୍ଟନାୟକ ମହୋତ୍ସବ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମହୋତ୍ସବର ସୂଚନା ପୁସ୍ତିକା, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ମୁଖପତ୍ର ଅବଢ଼ା, ଡ. ବସନ୍ତ କୁମାର ରଥଙ୍କ 'ଶ୍ରୀମଦ୍ ଭଗବତ ଗୀତା ନବାକ୍ଷରୀ' ଏବଂ ହରେକୃଷ୍ଣ ପ୍ରଧାନୀଙ୍କ ରଚିତ 'ଶାଶ୍ୱତ ଅନୁଭବ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକଡେମୀ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ ହୋଇଥିବା ୭୫ ବର୍ଷରୁ ଊର୍ଦ୍ଧ୍ୱ ୪୫ ଜଣ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି, ସୁରେଶ କୁମାର ପଟ୍ଟନାୟକ, ଯୋଗେଶ୍ୱର, ରୋଜାଲିନ୍, ଯୋଗେନ୍ଦ୍ର ସାହୁ, ଦାମୋଦର ମହାନ୍ତି, କମଳ କୁମାର ଦାଶ, ପ୍ରଯୋକ୍ତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଆବାହକ କୃଷ୍ଣଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ କରି ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ, ୩୦।୪(ଡି.ଏନ୍.ଏ./ସ୍ୱ.ପ୍ର.):

ସତ୍ୟବାଦୀ ସେବା ଟ୍ରଷ୍ଟ ପକ୍ଷରୁ ଶହୀଦ ଦେବାଶିଷ ବିଶ୍ୱାଳଙ୍କ ଏକାଦଶାହ ତିଥିରେ ଅଳଗୁମ ଖଣ୍ଡାୟତସାହିରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ସେବା ଟ୍ରଷ୍ଟ ଅଧ୍ୟକ୍ଷ ତଥା ଭୁବନେଶ୍ୱର ଏମ୍ସ ହସ୍‌ପିଟାଲ ପୂର୍ବତନ ଅଧ୍ୟକ୍ଷ ଡା. ଅଶୋକ ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ପୁଷ୍କର ମହାପାତ୍ର, ସେବା ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦେବାଶିଷଙ୍କ ସ୍ମୃତିରେ ୫୫ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତ ଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଶାନ୍ତ ନାୟକ, ଟିକିନା ମିଶ୍ର, ନୀହାର ରଞ୍ଜନ ସ୍ୱାଇଁ, ପଦ୍ମଲୋଚନ ମହାପାତ୍ର, ଯଯାତି କେଶରୀ ରାୟ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ ସହଯୋଗ କରିଥିଲେ। ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ। ଶ୍ମଶାନ ନିକଟରେ ଦୁଇଟି ବଉଳ ଚାରା ରୋପଣ କରାଯାଇଥିଲା। ସୁଶାନ୍ତ କୁମାର ରଥ ଏହାର ସଂଯୋଜନା କରିଥିଲେ।



ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ପୁରୀରେ ଶ୍ରୀକ୍ଷେତ୍ର ନୃତ୍ୟ ଶିଳ୍ପୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପରିବେଷଣ ।

## ଆଇନ ଶୃଙ୍ଖଳା, ଶିକ୍ଷା ବ୍ୟବସ୍ଥା ନେଇ ଏବିଭିପିର ବିକ୍ଷୋଭ

ପୁରୀ ଅଫିସ, ୩୦।୪:

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୁରୀ ନଗର ପକ୍ଷରୁ ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷା ସ୍ଥିତିକୁ ବିରୋଧ କରି ରବିବାର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶାର ଆଇନଶୃଙ୍ଖଳା ଭୁଶୁଡ଼ିଲା ଭଳି ହେଇସାରିଲାଣି ଓ ଶିକ୍ଷା ବ୍ୟବସ୍ଥାରେ ବି ବ୍ୟତିକ୍ରମ ଦେଖାଦେଲାଣି। ଓଏସ୍‌ଏସ୍‌ସି ପରୀକ୍ଷାରେ ପ୍ରଶ୍ନପତ୍ର ମୁଦ୍ରଣ ତ୍ରୁଟି, ପରୀକ୍ଷା ବାତିଲ କରିବା, ୧୫ ହଜାରରୁ ଊର୍ଦ୍ଧ୍ୱ ପିଲା ମାଟ୍ରିକ୍ ପରୀକ୍ଷା ନ ଦେବା, ରାଜ୍ୟରେ ମାଳ ମାଳ ଅଧ୍ୟାପକ ପଦବୀ ଖାଲିଥିବା ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିକୁ ଦର୍ଶାଉଛି। ବିଭିନ୍ନ କଲେଜ ପରିସରରେ ଅଣଛାତ୍ରଙ୍କ ପ୍ରବେଶ ଏବଂ ଶିକ୍ଷା ପରିସରକୁ ଅଶାନ୍ତ କରିବା ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଗୃହ ବିଭାଗର ସୁରକ୍ଷା ବଳୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ଅସଦାଚରଣ ଭଳି ଘଟଣା ବଢ଼ିବାରେ ଲାଗିଛି। ହକି ବିଶ୍ୱକପ ସମୟରେ ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ପଟିଆ ରେଳ ଷ୍ଟେଶନରେ ଗଣବଳାତ୍କାର କଥା ହେଉ କି ରୁଚିକାଙ୍କୁ ଆଜି ଯାଏ ନ୍ୟାୟ ନ ଦେବା ଘଟଣା ଏହିଭଳି ବହୁ ମହିଳାଜନିତ ଅପରାଧରେ ସରକାରଙ୍କ ଫେଲ୍ ନୀତି ଓ ପୋଲିସ ସୁରକ୍ଷା ଫେଲ କାରଣରୁ ଘଟୁଛି। ଏହାକୁ ଏବିଭିପି ତୀବ୍ର ବିରୋଧ କରୁଛି। ତୁରନ୍ତ ମୁଖ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନିଅନ୍ତୁ ନ ହେଲେ ଗାଦି ଛାଡ଼ନ୍ତୁ ବୋଲି ଏବିଭିପି ଦାବି କରିଛି। ଅନ୍ୟଥା ଆଗାମୀ ଦିନରେ ଏବିଭିପି ଜବାବ ମାଗିବାକୁ ନବୀନ ନିବାସ ପର୍ଯ୍ୟନ୍ତ ଯିବ। ବିକ୍ଷୋଭରେ ପୁରୀ ନଗର କାର୍ଯ୍ୟକର୍ତ୍ତା ତାରାପ୍ରସାଦ ଦାସ, ଶୁଭାଶିଷ ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରିୟା ପାତ୍ର, ସିଦ୍ଧାର୍ଥ ମହାପାତ୍ର, ଆଶୁତୋଷ ମହାରଣା, ବିଭୁ ପ୍ରସାଦ ଦାସ, ରଶ୍ମିରଞ୍ଜନ ସାହୁ, ସ୍ମୃତିରଞ୍ଜନ ସ୍ୱାଇଁ, ଲିଟୁନା ଦାସ, ସୁରେଶ ହାତୀ ପ୍ରମୁଖ ସାମିଲ ଥିଲେ।

## ୭ ପଞ୍ଚାୟତରେ ବିଜେଡିର ରୋଡ୍ ଶୋ'

ଗୋପ,୩୦।୪(ଡି.ଏନ୍.ଏ.)

ନବୀନ ସରକାରଙ୍କ ଦ୍ୱାରା ହୋଇଥିବା ବିକାଶକୁ ନେଇ ଭୋଟରମାନେ ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଭାଗୀରଥି ସେନାପତିଙ୍କୁ ହିଁ ବିଜୟୀ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ରବିବାର ବାହାରିଥିବା ଏକ ରୋଡ଼ ଶୋ'ରେ ଦଳ ପକ୍ଷରୁ ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ଦାଶ ଏହା କହିଛନ୍ତି। ରୋଡ଼ ଶୋ'ରେ ପ୍ରାର୍ଥୀ ସେନାପତିଙ୍କ ସହ ବିଜେଡି ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ରବୀନ୍ଦ୍ର ନାୟକ, ଗଗନ ବିହାରୀ ନାୟକ, ପୂନେଶ ସେନାପତିଙ୍କ ସମେତ ସ୍ଥାନୀୟ ନେତା ଭାଗ ନେଇଥିଲେ। ପୂର୍ବତନ ୧୧ ନଂ. ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁଙ୍କ ସ୍ତ୍ରୀ କସ୍ତୁରୀବାଳା ସ୍ୱାଇଁ ମଧ୍ୟ ଏଥିରେ ଯୋଗଦେଇଥିଲେ। ଗଣେଶ୍ୱରପୁର ପଞ୍ଚାୟତଠାରୁ ରୋଡ଼ ଶୋ' ବାହାରି ଅଣ୍ଡରା-ଇଚ୍ଛାପୁର, ବନ୍ତଳିଗ୍ରାମ, ରାହାଙ୍ଗଗୋରଡ଼ା, ଡଭାର କୁଆଁପଡ଼ା ପଞ୍ଚାୟତ ସହିତ ୭ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଥିଲା। ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ଦୀର୍ଘ ୨୫ ବର୍ଷର ନବୀନ ସରକାରଙ୍କ ବିକାଶ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଦାଶଙ୍କ ସାଧାରଣ ଲୋକଙ୍କ ସହିତ ରହି କାର୍ଯ୍ୟ କରିବାକୁ ନେଇ ଭୋଟରମାନେ ମତ ରଖିଥିଲେ। ସ୍ୱର୍ଗତ ସାହୁଙ୍କ ବିୟୋଗ ପରେ ଏହି ଉପନିର୍ବାଚନ କରାଯାଉଛି। ମେ' ୨ରେ ଗୋପ ବ୍ଲକର ୯ ପଞ୍ଚାୟତର ଭୋଟରମାନେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ ଏବଂ ୪ ତାରିଖରେ ଭୋଟ ଗଣତି ହେବ ବୋଲି ଜଣାପଡ଼ିଛି।


ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଚାର କରୁଛନ୍ତି ।

## ସେବା ପ୍ରତି ସମର୍ପିତ ଥିଲେ ଫାଦର ମାରିଆନ୍

**ବେଟ୍ରିକ୍ସ ବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ**

ପୁରୀ ଅଫିସ, ୩୦।୪:

ବଳିଆପଣ୍ଡା ରୋଡ଼ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ରୁବି ଜୁବିଲି ମହୋତ୍ସବ ଏବଂ ପ୍ରତିଷ୍ଠାତା ଫାଦର ମାରିଆନ୍ ଜେଲାଜେକ୍ ଏସ୍.ଭି.ଡିଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଫାଦର ମାରଆନ୍ ସୁଦୂର ପୋଲାଣ୍ଡରୁ ପୁରୀ ଆସି କୁଷ୍ଠରୋଗୀଙ୍କ ସେବାରେ ନିଜ ଜୀବନ ଉତ୍ସର୍ଗ କରିଦେଇଥିଲେ। କୁଷ୍ଠରୋଗୀଙ୍କୁ ଚିକିତ୍ସା, ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ସାରିବା ପରେ ସେମାନଙ୍କ ପିଲାଙ୍କୁ ଶିକ୍ଷିତ କରାଇବା ଲକ୍ଷ୍ୟରେ ୧୯୭୭ ମସିହାରେ ପ୍ରଥମକରି ଏକ ବରଗଛ ମୂଳେ ୭ଜଣ ପିଲାଙ୍କୁ ନେଇ ପାଠପଢ଼ା ଆରମ୍ଭ କରିଥିଲେ। ପରେ ୧୯୮୩ରେ ନୂତନ ଘରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ୭୦୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏହି ପବିତ୍ର ଦିବସକୁ କରୁଣାଳୟ ଲେପର୍ସି କେୟାର ସେଣ୍ଟର ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ଫାଦର ମାରିଆନ୍‌ଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ସାଇମନ୍ ଲାକ୍ରାଙ୍କ ଦ୍ୱାରା ବାଇବେଲ ପାଠ ଓ ସଂସ୍କୃତ ଶିକ୍ଷକ ଶଶିକାନ୍ତ ରଥଙ୍କ ଦ୍ୱାରା ଗୀତା ଆବୃତ୍ତି କରାଯାଇଥିଲା। ପରେ ସ୍ମୃତିସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆର୍କ ବିଶପ୍ ଫାଦର ଜନ୍ ବାର୍‌ୱା ଏସ୍.ଭି.ଡି ଯୋଗଦେଇ ଫାଦର ମାରିଆନ୍‌ଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ଫାଦର ଅନୁରଞ୍ଜନ ବିଲୁଙ୍ଗ ଏସ୍‌ଭିଡି, ସମ୍ପାଦକ ଫାଦର ବାପ୍ଟିଷ୍ଟ ଡି'ସୌଜା ଏସ୍.ଭି.ଡି, ଫାଦର ରିଚାର୍ଡ ଭାଜ୍ ଏସ୍‌ଭିଡି, ସାମାଜିକ କର୍ମୀ ହେକ୍ଟର ମିଶ୍ର, ଆର୍କିଟେକ୍ଟ ରାମକୃଷ୍ଣ ଜେନା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ପିଲାମାନେ ସ୍ୱାଗତ ସଙ୍ଗୀତ ଓ କୃଷ୍ଣଲୀଳା ସମ୍ବନ୍ଧିତ ନୃତ୍ୟ ପରିବେଷଣ କରିଥିଲେ। ମାରିଆନ୍‌ଙ୍କ ଜୀବନୀ ସମ୍ବନ୍ଧୀୟ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟକ୍ଷ ଫାର ସାଇମନ୍ ଲାକ୍ରା ଏସ୍‌ଭିଡି, ବେଟ୍ରିକ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ପଟ୍ଟନାୟକ, ପ୍ରାଇମେରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ମିଛ କୋକେଇରେ ଜୀବିତ ବ୍ୟକ୍ତି

ପିପିଲି,୩୦।୪(ଡି.ଏନ୍.ଏ.)

ଜୀବିତ ଥାଉ ଥାଉ ଜଣେ ବ୍ୟକ୍ତିଙ୍କୁ ରବିବାର କୋକେଇରେ ନିଆଯାଇଛି। ଏହି ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏପରି ଦେଖିବାକୁ ମିଳିଛି ପିପିଲି ନିକଟବର୍ତ୍ତୀ ମୌଜବେଗ ଗ୍ରାମରେ। ଗ୍ରାମ ମେଳଣର ୨ ଦିନ ପରେ ହଳଦୀ ପାଣି ଯାତ ହୁଏ। ଦୀର୍ଘଦିନ ଧରି ଏହି ପରମ୍ପରା ରହିଆସିଛି। ଏଥିରେ ଜୀବନ୍ତ ମଣିଷକୁ କୋକେଇରେ ଶୁଆଇ ଚାରିକାନ୍ଧରେ ଗ୍ରାମ ପରିକ୍ରମା କରାଯାଇଥାଏ। ହାତରେ ଦଶ ହାଣ୍ଡି ସହିତ ନିଆଁହୁଳା ସହିତ ଶବ ସଂସ୍କାର ନୀତି ପାଳନ କରାଯାଏ। ଗ୍ରାମ ପରିକ୍ରମା କରିବା ସମୟରେ ଗ୍ରାମବାସୀ ତାଙ୍କ ସକ୍ଷମ ଅନୁଯାୟୀ ଅର୍ଥ ଦେଇଥାନ୍ତି। ପରେ ଗାଁ ମଶାଣିରେ ମୃତଦେହ ପହଞ୍ଚିବା ପରେ କୋକେଇରୁ ଜୀବନ୍ତ ମଣିଷ ଉଠି ଆସିବା ପରେ କୋକେଇକୁ ଦାହ କରାଯାଏ। ଯେଉଁମାନେ କୋକେଇ ସହ ଯାଇଥାନ୍ତି, ସେମାନେ ଗାଧୋଇବା ପରେ ଆଦାୟ ଅର୍ଥରେ ଗ୍ରାମ ଠାକୁରାଣୀଙ୍କ ପାଖରେ ଭୋଜିଭାତ କରାଯାଏ। ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାଶ (୬୦) ଚଳିତବର୍ଷ କୋକେଇରେ ଜୀବିତ ମୃତଦେହ ହୋଇଥିଲେ।

## 'ଆମ ଜମି ଆମକୁ ଫେରାଅ' ଅଭିଯାନ ଆରମ୍ଭ

ପୁରୀ ଅଫିସ, ୩୦।୪:

ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର 'ଆମ ଜମି ଆମକୁ ଫେରାଅ' ଅଭିଯାନ କାର୍ଯ୍ୟକ୍ରମ ଭୁଆଁ ଗ୍ରାମରେ ରବିବାରଠାରୁ ଶୁଭାରମ୍ଭ ହୋଇଛି। ସଂଘର୍ଷ ସମିତି ଆବାହକ ତଥା ପୁରୀର ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆମ ଜମି ଆମକୁ ଫେରାଇଦିଅ ଅଭିଯାନରେ ସମିତିର ସଭାପତି ଦାମୋଦର ପ୍ରଧାନ, ବିଶ୍ୱନାଥ ପ୍ରଧାନ, ହର ପ୍ରସାଦ ଜେନା, ପର୍ଶୁରାମ ପ୍ରଧାନ, ପ୍ରଭାକର ସ୍ୱାଇଁ, ମଧୁସୂଦନ ରାଉତରାୟ, ନଅଦେଶ ସଭାପତି ଯୋଗେନ୍ଦ୍ର ପ୍ରଧାନ, ଦାମୋଦର ନାୟକ, କୈଳାଶ ଚନ୍ଦ୍ର ସ୍ୱାଇଁ, ଅଭିନ୍ନ ସ୍ୱାଇଁ ପ୍ରମୁଖଙ୍କ ସହ ବାଇଶି ମୌଜାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗ୍ରାମର ସଭାପତି ଶରତ ଚନ୍ଦ୍ର ଗୋଚ୍ଛାୟତ ସଂଘର୍ଷ ସମିତିର ପ୍ରତିନିଧିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମସଭାରେ ଆବାହକ ରଥ କହିଥିଲେ, ବେଦାନ୍ତ ବିଶ୍ୱବିଦ୍ୟାଳୟ ନାଁରେ ଗରିବ ଲୋକଙ୍କ ଜମି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ଜମିକୁ ହଡ଼ପ କରିବା ପାଇଁ ରାଜ୍ୟ ସରକାର ଏବଂ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଷଡ଼ଯନ୍ତ୍ର କରିଥିଲେ। ଏହି ଷଡ଼ଯନ୍ତ୍ରକୁ ବାଇଶି ମୌଜାର ଚାଷୀ, ଶ୍ରୀମନ୍ଦିର ସେବାୟତ ଓ ସ୍ଥାନୀୟ ଅଞ୍ଚଳବାସୀ ପର୍ଦ୍ଦାଫାଶ କରିଛନ୍ତି। ଶେଷରେ ମହାପ୍ରଭୁ ଏହି ଜମିକୁ ରକ୍ଷା କରିବାରେ ସହାୟକ ହୋଇଛନ୍ତି। ଦୀର୍ଘ ୧୬ବର୍ଷ ଧରି ଚାଷୀମାନେ ଏହାର ବିରୋଧ କରି ନିର୍ଯାତନାର ଶିକାର ହେବା, ମିଥ୍ୟା ମକଦ୍ଦମାରେ ଛନ୍ଦି ହେବା ଓ ଜେଲ୍‌ରେ ଖଟିବା ଏମିତି ବହୁ କଷଣ ସହି ଶେଷରେ ସୁପ୍ରିମ କୋର୍ଟରେ ବିଜୟ ଲାଭ କରିବା ଇତିହାସରେ ଲିପିବଦ୍ଧ ହୋଇରହିବ। ୧୬ବର୍ଷ ଧରି ଚାଷୀମାନେ କୃଷିଋଣ ଓ ଫସଲ ବୀମାରୁ ବଞ୍ଚିତ ହୋଇ ମଧ୍ୟ ସରକାର ଏବଂ କମ୍ପାନୀ ବିରୋଧରେ ସଂଗ୍ରାମ ଜାରି ରଖି ଆସିଛନ୍ତି। ସମସ୍ତେ ଏକତାବଦ୍ଧ ହୋଇ ଆମ ଜମି ଆମକୁ ଫେରାଇଦିଅ ଅଭିଯାନକୁ ସଫଳ କରିବା ପାଇଁ ଆସନ୍ତା ମାସରେ ବଡ଼ ସାଧାରଣ ସଭା ଆୟୋଜନ ହେବ ବୋଲି ଆବାହକ ରଥ କହିଥିଲେ। ଗ୍ରାମ ସଭାପତି ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ।


ବୈଠକରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏବଂ ଅନ୍ୟମାନେ ।

## କୁଇଜ୍, ମୋଦି ବେଶ ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର

**ପ୍ରଧାନମନ୍ତ୍ରୀଙ୍କ ୧୦୦ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ**

ପିପିଲି,୩୦।୪(ସ୍ୱ.ପ୍ର.)

ପୁରୀ ଜିଲା ଭାଜପା ପକ୍ଷରୁ ପିପିଲି ଦାଣ୍ଡମୁକୁନ୍ଦପୁର ବାଲିପଡ଼ିଆଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର ଯୋଗଦେଇ ପ୍ରାରମ୍ଭରେ ଶହୀଦ ଦେବାଶିଷଙ୍କ ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆକୁ ବିଶ୍ୱ ଦରବାରରେ ପହଞ୍ଚିବାକୁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଥିବା ପାତ୍ର କହିଥିଲେ। ବଡ଼ ଏଲଇଡି ପରଦା ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଖିବାକୁ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଜନତା ଜନାର୍ଦ୍ଦନଙ୍କ ପାଇଁ ସେବା କରିବାର ସୁଯୋଗ ମିଳିଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦି ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିବାବେଳେ ଏଥିରେ 'ମୁଁ ବି ମୋଦି' ଶୀର୍ଷକ କୁଇଜ୍ ଓ ମୋଦି ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ସ୍କୁଲର ୫୧ଜଣ କୁନି ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ବେଶରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୧୫ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୩୬ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ବିଚାରକ ଭାବେ ଶିକ୍ଷାବିତ୍ ବୃନ୍ଦାବନ ଜେନା, ଅବସରପ୍ରାପ୍ତ ସେନା କର୍ମଚାରୀ ରମେଶ ଚନ୍ଦ୍ର ମହାପାତ୍ର ଓ ଖବରଦାତା ରାଜକିଶୋର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟବାଦୀ ଭାଜପା ବିଧାୟକ ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର, ପିପିଲି ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷ ସୁକାନ୍ତ ଭଞ୍ଜ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ସରପଞ୍ଚ ବିଭୂତି ଭୂଷଣ ନାଥ, ସାମାଜିକ କର୍ମୀ ସୁରେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ଅତିଥି ଓ ଅନ୍ୟମାନଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ଚୌଦ୍ୱାର ମଣ୍ଡଳ ଭାଜପା ତରଫରୁ ସମ୍ବର୍ଦ୍ଧନା ଉତ୍ସବ

**ଚୌଦ୍ୱାର,୩୦।୪(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ହାଉସିଂ ବୋର୍ଡ କଲୋନୀରେ ରବିବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଚୌଦ୍ୱାର ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡଜେନା, ଯୁବମୋର୍ଚ୍ଚା ସଭାପତି ତନ୍ମୟ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଞ୍ଚଳର ବହୁ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ସାହିତ୍ୟିକ, କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଜିତ୍ ମହାନ୍ତି, ସନ୍ତୋଷ ସାହୁ, ସୁଷମା ବଡ଼ଜେନା, ଝୁନୁରାଣୀ ଦାସ, ସୁମିତ୍ରା ମହାନ୍ତି, ମମତା ବେହେରା, ଜ୍ଞାନ ରଞ୍ଜନ ପରିଡ଼ା, ଶାରଦା ପ୍ରସାଦ ଦାସ, ସୁସ୍ମିତା ସାହୁ, କ୍ରୀଷ୍ଣା ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ଖୁଣ୍ଟୁଣୀ,୩୦।୪(ଡି.ଏନ୍.ଏ.):** ଆଠଗଡ଼ ନଅସାହି ତୈଳିକ ବୈଶ୍ୟ ସମାଜ ଓ ଖୁଣ୍ଟୁଣୀ ଶ୍ରୀରାମ ଯୁବପରିଷଦ ପକ୍ଷରୁ ରବିବାର ଖୁଣ୍ଟୁଣୀ ନୂଆବଜାରଠାରେ ଜଳ ବିତରଣ କେନ୍ଦ୍ର ଖୋଲାଯାଇଛି। ଏହାକୁ ତୈଳିକ ବୈଶ୍ୟ ସମାଜର କୋଷାଧକ୍ଷ ଅଶୋକ ସାହୁ, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଓ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ବଜାର ମହାସଂଘ ସଭାପତି ଶିଶିର କୁମାର ମିଶ୍ର, ନୂଆବଜାର ସଭାପତି ସୁଶାନ୍ତ କୁମାର ସାହୁ, ଖୁଣ୍ଟୁଣୀ ବୈଶ୍ୟ ସମାଜ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀରାମ ଯୁବ ପରିଷଦ ସଭାପତି ଗଣେଶ୍ୱର ସାହୁ, ଗ୍ରାମ କମିଟି ସଭ୍ୟ ଅନ୍ତର୍ଯ୍ୟାମୀ ସାହୁ, ସମିତି ସଭ୍ୟ ଗଗନ ବିହାରୀ ପରିଡା ଓ ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ସୂଚନା ଅଧିକାର ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ମଙ୍ଗୁଳି-ଜଗତପୁର,୩୦।୪ (ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଉଛପଦା ପଞ୍ଚାୟତର ମଣିଆ ଗ୍ରାମରେ ରବିବାର ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର କର୍ମୀ ନବ କିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦେଇଥିଲେ। ମଣିଆ ଗ୍ରାମରେ ସଂରକ୍ଷିତ ଜଙ୍ଗଲ ଜମିକୁ ମାଫିଆମାନେ ନିଜ ଅକ୍ତିଆରକୁ ନେଇ ସେଠାରେ ବେଆଇନ ଭାବେ ପଥର କାଟି ଚାଲାଣ କରୁଛନ୍ତି। ଏହାକୁ କିପରି ଆଇନଗତ ଭାବେ ରୋକାଯାଇପାରିବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବ୍ଲକ ଅଧୀନରେ ଆସୁଥିବା ସମସ୍ତ ଗ୍ରାମରୁ ଅଧିକରୁ ଅଧିକ ଯୁବକ ସୂଚନା ଅଧିକାର ଆଇନ ବିଷୟରେ ଅବଗତ ହୋଇ ଏହି ଅଭିଯାନରେ ସାମିଲ ହେଲେ ଏଭଳି ବେଆଇନ କାର୍ଯ୍ୟ ରୋକାଯାଇପାରିବ ବୋଲି ଆବାହକ ପ୍ରଧାନ କହିଛନ୍ତି। ଏହି ଶିବିରରେ ସୂଚନା ଅଧିକାର କର୍ମୀ କେଶବ ବେହେରା, ଆଶୁତୋଷ ବରାଳ, ବନଜା ପରିଡା, ତ୍ରିନାଥ ମଲ୍ଲିକ, ମନୋଜ ଖିଲାର, ସ୍ୱଦେଶ ତ୍ରିପାଠୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀ ଓ ମଣିଆ ଗ୍ରାମର ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

# ବନ୍ଦ ଶୌଚାଳୟ ସମ୍ମୁଖରେ ଗାଧୋଇ ପ୍ରତିବାଦ

## ସୁଭାଷ ସଙ୍ଗଠନର ବାଲ୍‌ଟି, ମଗ ଅଭିଯାନ

■ ଜନସାଧାରଣଙ୍କ ପାଇଁ ଶୌଚାଳୟ ଖୋଲାଯାଉ


ସୁଭାଷ ସଙ୍ଗଠନ ପକ୍ଷରୁ କମଳାକାନ୍ତ ବିଦ୍ୟାପୀଠ ନିକଟ ଶୌଚାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ।

**କଟକ ଅଫିସ,୩୦।୪**

ସୁଭାଷ ସଙ୍ଗଠନ ପକ୍ଷରୁ ଶନିବାର କଟକ କମଳାକାନ୍ତ ବିଦ୍ୟାପୀଠ ନିକଟ ଶୌଚାଳୟ ସମ୍ମୁଖରେ 'ବାଲ୍‌ଟି, ମଗ ଅଭିଯାନ' ମାଧ୍ୟମରେ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମୟରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ଶିଖରପୁରଠାରୁ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ୪ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ହେଲେ ବିଡମ୍ବନାର ବିଷୟ ସେବେଠୁ ଏହି ଶୌଚାଳୟଗୁଡିକ ସାଧାରଣ ଜନତାଙ୍କ ପାଇଁ ଖୋଲାଯାଉନାହିଁ। ସେହିପରି ଯୋବ୍ରା ଆନିକଟ ଛକରେ ଥିବା ମୁକ୍ତାକାଶ ବ୍ୟାୟାମଶାଳାରେ ମଧ୍ୟ ଶୌଚାଳୟ କାର୍ଯ୍ୟକ୍ଷମ ହେଉନାହିଁ। ଅପରପକ୍ଷରେ ସହରରେ ଯେଉଁ କେତୋଟି ଶୌଚାଳୟ କାର୍ଯ୍ୟକ୍ଷମ ଅଛି ସେଗୁଡିକ ଶୋଚନୀୟ ହୋଇପଡିଛି। ନିକଟ ଅତୀତରେ ବାରବାଟୀ ଷ୍ଟାଡିୟମ ନିକଟରେ ବାୟୋ-ଟଏଲେଟ୍‌ଗୁଡିକ ଖୋଲାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ତୁରନ୍ତ ସହରରେ ନିର୍ମିତ ନୂତନ ଶୌଚାଳୟଗୁଡିକୁ ସାଧାରଣ ଜନତାଙ୍କ ପାଇଁ ଖୋଲିବାକୁ ସଙ୍ଗଠନର ସଦସ୍ୟମାନେ କଟକ କମଳାକାନ୍ତ ବିଦ୍ୟାପୀଠ ନିକଟ ଶୌଚାଳୟ ସମ୍ମୁଖରେ ଗାଧୋଇ ପ୍ରତିବାଦ କରିଥିଲେ। ଏ ନେଇ ସଙ୍ଗଠନର ସଭାପତି ଆଶୁତୋଷ ଦାସ କହିଛନ୍ତି, ସମଗ୍ର ଦେଶରେ ସ୍ୱଚ୍ଛତା ପାଇଁ ସଚେତନ କରାଯାଉଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱଚ୍ଛତା ନାରା କେବଳ ଅଳିଆ ଉଠା ଗାଡ଼ିରେ ବାଜୁଥିବା ଗୀତରେ ସୀମିତ ରହିଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ ଗୁରୁପ୍ରସାଦ ସାହୁ, ସୁରେଶ ମହାନ୍ତି, ବାପୁଜୀ କର, ଜଗମୋହନ ଜେନା, ଜ୍ଞାନରଞ୍ଜନ ଦାସ, ରାଜେଶ ବଡ୍ରିଆ, ମନୋଜ ବେହେରା, ଲଳିତ ଦାସ, ପ୍ରଶାନ୍ତ ନାୟକ ଓ ମନମୋହନ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ରିକେଟ୍: ବ୍ଲାକ୍ କୋବ୍ରା ଚାମ୍ପିୟନ


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ବାରଙ୍ଗ,୩୦।୪(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଭଗବତୀ ନଗର ଗ୍ରାମମୁଣ୍ଡ ଖେଳପଡ଼ିଆରେ ସିଦ୍ଧସାଧୁ ହୁଙ୍କାଗୋସାଇଁ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଭଗବତୀ ନଗର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ବ୍ଲାକ୍ କୋବ୍ରା ଓ ଗୋଲ୍ଡେନ ଷ୍ଟାର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଗୋଲ୍ଡେନ ଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ବିନିମୟରେ ୫୦ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ୍ କୋବ୍ରା ଟିମ୍ ୮ ଓଭରରେ ୬ ଉଇକେଟ ବିନିମୟରେ ୫୧ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ଭଗବତୀ ନଗର ଗ୍ରାମ କମିଟି ସଭାପତି ହୁଲ୍ଲାସ ଭଞ୍ଜ, ସମ୍ପାଦକ କିଶୋର ସାମଲ, ସାମ୍ବାଦିକ ଜଗନ୍ନାଥ ଭଞ୍ଜ, ଲକ୍ଷ୍ମଣ କାଣ୍ଡି, ନୀଳମଣି ସାମଲ, ଚଇଁ ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିୟନ ବ୍ଲାକ କୋବ୍ରା ଟିମକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରନର୍ସଅପ ଗୋଲ୍ଡେନ ଷ୍ଟାର ଟିମ୍‌କୁ ଟ୍ରଫି ସହ ୫୦୦ ଟଙ୍କା ପ୍ରଦାନ କରିଥିଲେ। କାଳିଆ ସାମଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଛି। କ୍ଲବର ଶିଶିର ବେହେରା, ସଞ୍ଜୟ ସାମଲ, ବିଜୟ ମହାପାତ୍ର, କାହ୍ନା ବେହେରା, ହିରଣ୍ୟ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



କଟକ ବାଲିଯାତ୍ରା ଉପର ପଡିଆରେ ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ରବିବାର ତୃତୀୟ ସନ୍ଧ୍ୟାରେ କଳାକାରମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଜିଠୁ ପଛୁଆବର୍ଗ ସର୍ଭେ

## ୧୧୭ ସର୍ଭେ ସେଣ୍ଟର ଖୋଲିଲା

**କଟକ ଅଫିସ, ୩୦।୪**

କଟକ ସହରର ବିଭିନ୍ନ ୱାର୍ଡରେ ମେ' ୧ରୁ ୨୭ ତାରିଖ ପର୍ଯ୍ୟନ୍ତ ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରାଯିବ। ଏଥିପାଇଁ ବିଭିନ୍ନ ୱାର୍ଡରେ ୧୧୭ଟି ସର୍ଭେ ସେଣ୍ଟର ଖୋଲାଯାଇଥିବା ସିଏମ୍‌ସିର ସହକାରୀ କମିଶନର ତ୍ରିଶୂଳ ମାର୍ଜି ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପଛୁଆବର୍ଗର ଲୋକମାନେ ଉକ୍ତ ସେଣ୍ଟରରେ ସେମାନଙ୍କ ତଥ୍ୟ ପ୍ରଦାନ କରି ପଞ୍ଜୀକରଣ କରାଇବେ। ପରିବାରର ରାଶନ କାର୍ଡ ସହ ସମସ୍ତ ସଦସ୍ୟଙ୍କର ଯେକୌଣସି ଗୋଟିଏ ପରିଚୟପତ୍ର ଯଥା-ଆଧାର କାର୍ଡ, ଭୋଟର ପରିଚୟପତ୍ର, ପାନ୍ କାର୍ଡ ନଚେତ ପାସ୍‌ପୋର୍ଟ ନେଇ ସର୍ଭେ ସେଣ୍ଟରକୁ ଯିବେ। ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରିପାରିବେ। ଏହି ସର୍ଭେ କେବଳ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆବର୍ଗ ଲୋକଙ୍କ ପାଇଁ ଉଦ୍ଦିଷ୍ଟ।

# 'କଳା, ସଂସ୍କୃତିର ପ୍ରାଣକେନ୍ଦ୍ର କଟକ'

## ସମର୍ଥ ନୃତ୍ୟ ମହୋତ୍ସବ

**କଟକ ଅଫିସ,୩୦।୪**

କଟକ କଳା ବିକାଶ କେନ୍ଦ୍ରରେ ନୃତ୍ୟାଙ୍ଗ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସମର୍ଥ ନୃତ୍ୟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶୁଚିସ୍ମିତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କଟକ ସହର ହେଉଛି କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏଭଳି କାର୍ଯ୍ୟକ୍ରମ କରୁଥିବା ଅନୁଷ୍ଠାନ ଓ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା କୁନି ପିଲାମାନଙ୍କୁ ଉତ୍ସାହିତ କରିବା ଦରକାର। ଫଳରେ ସେମାନେ ଆଗକୁ ଯାଇ ଦେଶରେ କଟକର ନାମକୁ ଉଜ୍ଜ୍ୱଳ କରିପାରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଅରୁଣା ସାମନ୍ତରାୟ ଓ ନୀଳଚକ୍ର ଅନୁଷ୍ଠାନର ପ୍ରତିଷ୍ଠାତା ନମିତା ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟକ କୁନି କଳାକାର ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଶ୍ୟାମାମଣି ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍.କେ. ଅଲି ଏବଂ ଶ୍ରୀନିବାସ ଘଟୁଆରୀଙ୍କୁ ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିର ବିଶିଷ୍ଟ ନୃତ୍ୟଶିଳ୍ପୀ ମୀରା ଦାସ, ଜ୍ୟୋତ୍ସ୍ନା ସାହୁ ଉପସ୍ଥିତ ଥିଲେ।

### ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ବୈଠକ

**କଟକ ଅଫିସ,୩୦।୪**

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମନ୍ଦିର କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୨ ମସିହା ରଥଯାତ୍ରାର ଆୟବ୍ୟୟ ହିସାବ ଉପସ୍ଥାପନ କରାଯାଇଥିଲା। ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଚଳିତବର୍ଷ ରଥଯାତ୍ରା କାଫଲାଫାଣ୍ଡି ସମ୍ମୁଖରେ କରା ନ ଯାଇ କାଠଯୋଡ଼ି ବେଲ୍‌ଭ୍ୟୁ ଛକଠାରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରଥଯାତ୍ରା ସୁପରିଚାଳନା ପାଇଁ ସମିତିର କର୍ମକର୍ତ୍ତାଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ବୈଠକରେ କର୍ମକର୍ତ୍ତା ପ୍ରତାପ କିଶୋର ସିଂ, ବିଜୟ ବେହେରା, ଆଡ୍‌ଭୋକେଟ ବିଶ୍ୱନାଥ ଦାସ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ଦିଲୀପ ଦଳେଇ, ଆନନ୍ଦ ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# 'ଗୁରୁ-ଶିଷ୍ୟ ପରମ୍ପରା ଆଧୁନିକ ଶିକ୍ଷାକୁ ବାଟ ଦେଖାଇଛି'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ପ୍ରଫେସର ବିଚିତ୍ରାନନ୍ଦ ମହାନ୍ତିଙ୍କ ସ୍ମୃତି ସନ୍ଧ୍ୟା

**କଟକ ଅଫିସ,୩୦।୪**

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପ୍ରଫେସର ଡ. ବିଚିତ୍ରାନନ୍ଦ ମହାନ୍ତିଙ୍କ ସ୍ମୃତିସନ୍ଧ୍ୟା ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ, ଗୁରୁ-ଶିଷ୍ୟର ପ୍ରାଚୀନ ପରମ୍ପରା ଆଧୁନିକ ଶିକ୍ଷାକୁ ବାଟ ଦେଖାଇଛି। ସେହିପରି ମୁଖ୍ୟବକ୍ତା ଡ. ସୁନାମଣି ରାଉତ କହିଥିଲେ, ଓଡ଼ିଆ ସାହିତ୍ୟକୁ ବିଚିତ୍ରାନନ୍ଦ ମହାନ୍ତିଙ୍କ ଅବଦାନ ଅତୁଳନୀୟ। ଏଥିରେ ସମ୍ମାନିତ ଅତିଥି କ୍ୟାପ୍‌ଟେନ ଗୋବିନ୍ଦ ମିଶ୍ର ଯୋଗଦେଇଥିଲେ। ଡ. ସତ୍ୟ ରାୟ, ଦିଲୀପ କୁମାର ଦାସ, ଉମାଶଙ୍କର ମିଶ୍ର, ବିଚିତ୍ରାନନ୍ଦ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ସଂଗ୍ରାମ ମହାପାତ୍ର ଓ ପ୍ରଦୀପ କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା, ଭୁବନାନନ୍ଦ ମହାନ୍ତି ଅତିଥି ପରିଚୟ ଓ ଗୋକୁଳାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ତାନିଆ ପତି, ସାର୍ଥକ ମହାନ୍ତିଙ୍କ ସମେତ ରାମକୃଷ୍ଣ କୁଟୀରର ଅନ୍ତେବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଖବରକାଗଜକୁ ବଳିଷ୍ଠ କରେ ସତ୍ୟ, ନିରପେକ୍ଷ ଖବର'

## ପୃଷ୍ଠଭୂମିର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ

**କଟକ ଅଫିସ,୩୦।୪**

ଦୈନିକ ଖବରକାଗଜ 'ପୃଷ୍ଠଭୂମି'ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ଖବରକାଗଜକୁ ସତ୍ୟ ଓ ନିରପେକ୍ଷ ଖବର ବଳିଷ୍ଠ କରିଥାଏ। ବିଶିଷ୍ଟ ଅତିଥି ୱାଇ. ଗଣପତି ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ମହାନ୍ତିଙ୍କୁ ପୃଷ୍ଠଭୂମି ସମାଜ ଗୌରବ ସମ୍ମାନ ଓ ନବକିଶୋର ସ୍ୱାଇଁଙ୍କୁ ପୃଷ୍ଠଭୂମି ଯୁବ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ପୃଷ୍ଠଭୂମିର ସ୍ୱନକ୍ଷତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଆଦିତ୍ୟ ପ୍ରତାପ ଧଳ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ କୈଳାସ ଚନ୍ଦ୍ର ଜେନା ବିବରଣୀ ପାଠ ଓ ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କବିତା ପାଠ କରାଯାଇଥିଲା।



କଟକ କ୍ଲବଠାରେ କଟକ କ୍ଲବ ଓ ନାରାୟଣ ଚ୍ୟାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିର।

# ଜବରଦଖଲରେ ଗୋଚର ଜମି

**କଟକ ସଦର,୩୦।୪(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ କେଶନଗର ମୌଜାରେ ଷ୍ଟାଡିୟମ ନିର୍ମାଣ ପାଇଁ କଟକ ଜିଲାପାଳ ୨୫ ଡିସିମିଲ ଜାଗା ଲିଜ୍ ଆକାରରେ ପ୍ରଦାନ କରିଛନ୍ତି। ମାତ୍ର ଏହି ଜାଗା ପାର୍ଶ୍ୱରେ ଥିବା ୨ ଏକରରୁ ଊର୍ଦ୍ଧ୍ୱ ଜମିକୁ ଖେଳିବା ପାଇଁ ଜବରଦଖଲ କରାଯାଇଥିବା ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ଫଳରେ ଗୋରୁମାନେ ଚରିବା ପାଇଁ ସୁଯୋଗ ପାଉନାହାନ୍ତି। ଏହାକୁ ନେଇ ଗୋପାଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, କେଶନଗର ମୌଜାର ଚିନ୍ତାମଣି ବିଦ୍ୟାପୀଠ ସମ୍ମୁଖରେ ଖାତା ନଂ. ୪୦୨, ପ୍ଲଟ୍ ନଂ. ୩୯ରେ ୨ ଏକର ୨୩ ଡିସିମିଲ ଜାଗା ଥିଲା। ଷ୍ଟାଡିୟମ ନିର୍ମାଣ ପାଇଁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ୧୭।୧୧।୨୦୨୧ରେ ୨୫ ଡିସିମିଲ ଗୋଚର ଜମିର କିସମ ବଦଳାଇବା ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିକଟରେ ଆବେଦନ କରିଥିଲେ। ଇତିମଧ୍ୟରେ ଜିଲାପାଳ ଆବେଦନକୁ ବିଚାର କରି ଏତିକି ଜମିର କିସମ ବଦଳାଇ ଷ୍ଟାଡିୟମ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ଏହାପରେ ଉକ୍ତ ଜମିର ପାର୍ଶ୍ୱରେ ଥିବା ବାକି ୧ ଏକର ୯୮ ଡିସିମିଲ ଜମି ସହ ଅନ୍ୟ ପ୍ଲଟ୍‌ର ଜମିକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ଦିଆଯାଇଛି। ସ୍ଥାନୀୟ ତହସିଲଦାର ମାପଚୁପ କରି ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ମାତ୍ର ବାକି ଗୋଚର ଜମିକୁ କିଏ ଆବଦ୍ଧ କରିଛି, ତାହାର ତଦନ୍ତ ପାଇଁ ସ୍ଥାନୀୟ ଗୋପାଳନକାରୀମାନେ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମଧୁସୂଦନ ନାୟକଙ୍କୁ ପଚାରିବାରୁ ସେ କିଛି ଜାଣିନାହାନ୍ତି ବୋଲି କହିଥିଲେ।

# ହାର୍ଟକୁ ପ୍ରଭାବିତ କରେ ମାନସିକତା



ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଆଭ୍ୟନ୍ତରୀଣ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଏହା ଯଦି କାମ କରିବା ସମ୍ପୂର୍ଣ୍ଣ ବନ୍ଦ କରିଦିଏ ତେବେ ସଂପୃକ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ବର୍ତ୍ତମାନର ଧାଁଧପଡ଼ ଜୀବନରେ ଆମର ମାନସିକତା ପ୍ରଭାବିତ ହେଉଛି। ଏହାକୁ ସକାରାତ୍ମକ ରଖିବା ଦରକାର। ଯଦି ଜଣେ ବ୍ୟକ୍ତିଙ୍କର ମାନସିକତା ଅଧିକାଂଶ ସମୟ ନକାରାତ୍ମକ ରହେ, ତେବେ ତାହାର ଖରାପ ପ୍ରଭାବ ହାର୍ଟ ଉପରେ ପଡିଥାଏ। ଏପରି କି ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏ ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ବିଶେଷଭାବରେ ନକାରାତ୍ମକ ଚିନ୍ତାଧାରା ବିଶିଷ୍ଟ ବ୍ୟକ୍ତିଙ୍କଠାରେ ସେମାନେ ହୃଦ୍‌ଜନିତ ସମସ୍ୟା ଅଧିକ ଦେଖିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ଅବସାଦ ଏବଂ ଟେନ୍‌ସନଠାରୁ ଦୂରେଇ ରଖିବା ନିହାତି ଦରକାର। ଯେଉଁମାନଙ୍କର ମାନସିକତା ଅସନ୍ତୁଳିତ ରହୁଛି ସେମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପାଚନ କ୍ରିୟାକୁ ସକ୍ରିୟ କରେ କିସ୍‌ମିସ୍



ଆମର ପାଚନ କ୍ରିୟା ସବୁବେଳେ ସକ୍ରିୟ ରହିବା ଦରକାର। ଏଥିରେ କିସ୍‌ମିସ୍‌ର ମଧ୍ୟ ଭୂମିକା ରହିଛି। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାର ମଧ୍ୟ ଏହା କେତେକାଂଶରେ ସମାଧାନ କରିଥାଏ। କିସ୍‌ମିସ୍ କମ୍ କ୍ୟାଲୋରିଯୁକ୍ତ ହୋଇଥିବାରୁ ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, କିସ୍‌ମିସ୍ ସୁଗାର ସ୍ତରକୁ ସନ୍ତୁଳିତ ରଖିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏଥିରେ ପଲିଫେନୋଲ୍ ନାମକ ଏକ ପିଗ୍‌ମେଣ୍ଟ ରହିଛି, ଯାହା ଆଖିତଳ କଳାଦାଗକୁ ଦୂର କରିଥାଏ। ଶରୀରରେ ଆଇରନ୍ ପରିମାଣକୁ ମଧ୍ୟ ଏହା କେତେକାଂଶରେ ସନ୍ତୁଳିତ ରଖେ। କିସ୍‌ମିସ୍ ଖାଇବା ଦ୍ୱାରା ଶରୀରରେ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ। ପାଣିରେ ବତୁରିଥିବା କିସ୍‌ମିସ୍‌କୁ ପ୍ରତିଦିନ ଖାଇଲେ ଏହା ଶରୀରରେ କ୍ୟାଲ୍‌ସିୟମ୍ ସୃଷ୍ଟିକରେ ଯାହା ଆଣ୍ଠୁ, ଗଣ୍ଠି ଓ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ।

# ସମୁଦ୍ର ଚଟାଣରେ 'ମୃତ୍ୟୁ ଗହ୍ୱର'



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ସମୁଦ୍ର ବା ମହାସମୁଦ୍ର ଚଟାଣରେ ଏ ପ୍ରକାର ଗହ୍ୱରକୁ 'ପାଇଥିଆସ ଓଏସିସ୍' ବୋଲି କୁହାଯାଏ। ପ୍ରଥମଥର ପାଇଁ ୨୦୧୫ ମସିହାରେ ଏହା ଆବିଷ୍କୃତ ହୋଇଥିବାର ସୂଚନାଟିଏ ନିକଟରେ ପ୍ରକାଶିତ ହୋଇଛି ଗବେଷଣା ପତ୍ରିକା 'ସାଇନ୍‌ସ ଆଡ୍‌ଭାନ୍‌ସ'ରେ। ଏଥି ଅନୁଯାୟୀ ସାଧାରଣ ଜଳ ଭଳି ପ୍ରତୀୟମାନ ହେଉଥିବା ଏକ ତରଳ ପଦାର୍ଥ 'ଟେକ୍ଟୋନିକ୍ ପ୍ଲେଟ୍'କୁ ତୈଳାକ୍ତ କରି ରଖିଥାଏ। ଏହି ଗହ୍ୱର ଦେଇ ତାହା ନିଷ୍କାସିତ ହୋଇଗଲେ ସେଗୁଡ଼ିକର ବଡ଼ଧରଣର ଚଳନ ଏବଂ ଘର୍ଷଣ ଘଟିଥାଏ, ଯାହା ଭୂକମ୍ପର କାରଣ ହୁଏ।"




ପ୍ରକୃତି ରହସ୍ୟମୟୀ-କେତେବେଳେ କାନ୍ତ ତ କେତେବେଳେ ଭୀମ। ତା'ର ଶାନ୍ତ କାନ୍ତ ରୂପ ଆମେ ଉପଲବ୍ଧି କରୁ ପ୍ରତି ମୁହୂର୍ତ୍ତରେ ଏବଂ ତାହା ଧାରଣ କରି ସେ ଆମକୁ ଲାଳନପାଳନ କରିଥାଏ ସନ୍ତାନସନ୍ତତି ରୂପେ। ତେବେ ତା'ର ଭୀମ ରୂପ ପ୍ରକଟିତ ହୁଏ କେବେ କେବେ ମହାମାରୀ, ବନ୍ୟା, ବାତ୍ୟା, ଭୂକମ୍ପ, ସୁନାମି ଆଦି ମାଧ୍ୟମରେ। ଯୁକ୍ତରାଷ୍ଟ୍ର ଆମେରିକାର ଓରେଗନ୍ ପ୍ରଦେଶ ନିକଟବର୍ତ୍ତୀ ସମୁଦ୍ର ଉପକୂଳରେ, ସ୍ଥଳଭାଗଠାରୁ ପ୍ରାୟ ୯୦ କି.ମି. ଦୂରରେ ସମୁଦ୍ର ତରଳ ଚଟାଣରେ ଥିବା 'କାସ୍କାଡିଆ ଅବନମିତ ମଣ୍ଡଳ'ର ତ୍ରୁଟିରେଖା ଉପରେ ସୃଷ୍ଟି ହୋଇଥିବା ଏକ ଗହ୍ୱର ଏହାର ଅନ୍ୟ ଏକ ପରିପ୍ରକାଶ। ସେ ଅଞ୍ଚଳରେ ଭୂଭାଗକୁ ଧାରଣ କରୁଥିବା 'ଟେକ୍ଟୋନିକ୍ ପ୍ଲେଟ୍'ର ଚଳନ ଯୋଗୁ ଏହା ଘଟିଛି ବୋଲି କୁହାଯାଉଥିଲେ ହେଁ ଏହାର କାରଣ ନିର୍ଦ୍ଦିଷ୍ଟ ରୂପେ ଜଣାପଡିନାହିଁ। ତେବେ ଏଥିଯୋଗୁ ଭୂମଧ୍ୟସାଗର ଉତ୍ତର ପଶ୍ଚିମସ୍ଥ ଏକ ବ୍ୟାପକ ଅଞ୍ଚଳରେ ଭୟଙ୍କର ଭୂକମ୍ପ ହେବାର ଆଶଙ୍କା ରହିଛି ବୋଲି ଚଳିତ ବର୍ଷ ଏପ୍ରିଲ ଶେଷ ସପ୍ତାହରେ ସୂଚନା ଦେଇଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନୀମାନେ। ଏଥି ଅନୁଯାୟୀ ଉପରୋକ୍ତ ତ୍ରୁଟିରେଖାଟି ଦକ୍ଷିଣ କାଲିଫର୍ନିଆଠାରୁ କାନାଡ଼ା ପର୍ଯ୍ୟନ୍ତ ପ୍ରାୟ ୬୦୦ ମାଇଲ ପରିବ୍ୟାପ୍ତ। ଏଣୁ ଏହାର ସ୍ଥାନେ ସ୍ଥାନେ ଏପ୍ରକାର ଆଉ କିଛି ଗହ୍ୱର ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅତଏବ ଏ ସମଗ୍ର ଅଞ୍ଚଳ ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ସେମାନେ ମତ ଦେଲେଣି।

ସମୁଦ୍ର ବା ମହାସମୁଦ୍ର ଚଟାଣରେ ଏ ପ୍ରକାର ଗହ୍ୱରକୁ 'ପାଇଥିଆସ ଓଏସିସ୍' ବୋଲି କୁହାଯାଏ। ପ୍ରଥମଥର ପାଇଁ ୨୦୧୫ ମସିହାରେ ଏହା ଆବିଷ୍କୃତ ହୋଇଥିବାର ସୂଚନାଟିଏ ନିକଟରେ ପ୍ରକାଶିତ ହୋଇଛି ଗବେଷଣା ପତ୍ରିକା 'ସାଇନ୍‌ସ ଆଡ୍‌ଭାନ୍‌ସ'ରେ। ଏଥି ଅନୁଯାୟୀ ସାଧାରଣ ଜଳ ଭଳି ପ୍ରତୀୟମାନ ହେଉଥିବା ଏକ ତରଳ ପଦାର୍ଥ 'ଟେକ୍ଟୋନିକ ପ୍ଲେଟ'କୁ ତୈଳାକ୍ତ କରି ରଖିଥାଏ। ଏହି ଗହ୍ୱର ଦେଇ ତାହା ନିଷ୍କାସିତ ହୋଇଗଲେ ସେଗୁଡ଼ିକର ବଡ଼ ଧରଣର ଚଳନ ଏବଂ ଘର୍ଷଣ ଘଟିଥାଏ, ଯାହା ଭୂକମ୍ପର କାରଣ ହୁଏ।

ଏହି ଅପ୍ରତ୍ୟାଶିତ ଆବିଷ୍କାର ହୋଇଥିଲା ଯେତେବେଳେ ମହାସମୁଦ୍ର ଚଟାଣର ପ୍ରାୟ ଚାରି ଭାଗରୁ ତିନି ଭାଗ ମାଇଲ ତଳୁ ଉକ୍ତ ତୈଳାକ୍ତକାରୀ ପଦାର୍ଥର ଫୋଟକାମାନ ବୈଜ୍ଞାନିକମାନଙ୍କର ଦୃଷ୍ଟିଗୋଚର ହେଲା। ଏଣୁ ସେମାନେ ସମୁଦ୍ର ଚଟାଣ ଅନୁଧ୍ୟାନକାରୀ ରୋବଟ୍ ବ୍ୟବହାର କରି ଏହାର ଅନୁସନ୍ଧାନ କଲେ। ଅତଏବ ଜଣାପଡିଲା ଯେ, ସେଗୁଡିକ ସମୁଦ୍ର ତଳେ ଜମା ହୋଇଥିବା ଖାଦରୁ ନିର୍ଗତ ଉଷ୍ଣ ତଥା ସ୍ୱତନ୍ତ୍ର ରାସାୟନିକ ଗୁଣଧାରୀ ତରଳ ପଦାର୍ଥର ଏହା ଏକ କ୍ଷୁଦ୍ରତର ଉପାଦାନ।

ତତ୍ପରେ ସେମାନେ ଏହି ଦିଗରେ ଅନୁସନ୍ଧାନ ଚଳାଇଲେ ଏବଂ ଦେଖିଲେ ଯେ ତାହା କେବଳ ମିଥେନ୍ ଫୋଟକା ନୁହେଁ। ବରଂ ସେଥିରେ ମିଶି ରହିଛି ଅନ୍ୟାନ୍ୟ ଉପାଦାନ।

ଗହ୍ୱରରୁ ନିର୍ଗତ ଏହି ତରଳ ପଦାର୍ଥ ଏହାର ଚତୁଃପାର୍ଶ୍ୱର ଜଳଠାରୁ ଅଧିକ ଉଷ୍ଣ। ତାହା ପ୍ରାୟ ୧୨ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ଅଧିକ। ଏହାର ଅର୍ଥ ହେଲା, ଏହା ୧୫୦ରୁ ୨୫୦ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା 'କାସ୍କାଡିଆ'ରୁ ପ୍ରଚଣ୍ଡ ଧକ୍କା ହେତୁ ନିର୍ଗତ ହୋଇ ଆସୁଛି। ୱାଶିଂଟନ ବିଶ୍ୱବିଦ୍ୟାଳୟର ସମୁଦ୍ର ବିଜ୍ଞାନୀ ବିଶାରଦ ଇଭାନ୍ ସୋଲୋମନ୍‌ଙ୍କ ମତରେ ଏହା ଭୂମିକମ୍ପର ସମ୍ଭାବନା ସୃଷ୍ଟି କରିବାର କାରଣ ହେଲା ଯେ' ତାହା ଫଳରେ ନିର୍ଗତ ହେଉଥିବା ସ୍ଥାନର ଶୂନ୍ୟସ୍ଥାନ ସୃଷ୍ଟି ହେବା ସଙ୍ଗେସଙ୍ଗେ ଟେକ୍ଟୋଟିକ୍ ପ୍ଲେଟ୍‌ମାନଙ୍କ ମଧ୍ୟରେ ଘର୍ଷଣ ବୃଦ୍ଧି ପାଉଛି। ଏ ପ୍ରକ୍ରିୟା ଏପରି ଚାଲିଲେ ଏବଂ ଅଧିକରୁ ଅଧିକ ସଂଖ୍ୟକ ଗହ୍ୱର ସୃଷ୍ଟି ହେଲେ ଏହାର ସମ୍ଭାବନା ବଢ଼ି ବଢ଼ି ଚାଲିବ। ସେଥିପାଇଁ ସେ ଏ ଗହ୍ୱରକୁ 'ମୃତ୍ୟୁର ଗହ୍ୱର' ନାମରେ ନାମିତ କରିଛନ୍ତି।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

## ଆଙ୍ଗୁଠି ଫୁଟାଇବା ହୋଇପାରେ ଆର୍ଥ୍ରାଇଟିସ୍‌ର କାରଣ



କେତେକ ବ୍ୟକ୍ତି ବେଳେବେଳେ ଆଙ୍ଗୁଠି ଫୁଟାଇ ଥାଆନ୍ତି। ସମୟକ୍ରମେ ଯଦି ଏହା ଅଭ୍ୟାସରେ ପରିଣତ ହୋଇଯାଏ ତେବେ ଭବିଷ୍ୟତରେ ତାହା ଆର୍ଥ୍ରାଇଟିସ୍ ଭଳି ଅସ୍ଥି ସମସ୍ୟାର କାରଣ ହୋଇପାରେ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ। ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି, ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଆର୍ଥ୍ରାଇଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ କହିଛନ୍ତି।

## ମେଦ ବୃଦ୍ଧି



ମେଦ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅନିୟନ୍ତ୍ରିତ ଖାଦ୍ୟପେୟ, ଜୀବନଶୈଳୀ ଆଦି ଏଥିଲାଗି ଅନେକାଂଶରେ ଦାୟୀ। ଯଦି ଆପଣଙ୍କର ଓଜନ ସନ୍ତୁଳିତ ନ ରହିଲା ତେବେ ତାହା ପରବର୍ତ୍ତୀ ସମୟରେ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଡାକିଆଣିଥାଏ। ଯଦି ଆପଣଙ୍କର ଥାଇରଏଡ୍ ସମସ୍ୟା ରହିଛି ତେବେ ଓଜନ ବଢ଼ିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଭଳି ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କଠାରେ ଥାଇରଏଡ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ନିଜ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ପ୍ରଥମେ ଏକ ସନ୍ତୁଳିତ ଖାଦ୍ୟ ତାଲିକା ଅନୁସରଣ କରନ୍ତୁ। ନିଜ ଜୀବନଶୈଳୀ ଯେପରି ସ୍ୱାସ୍ଥ୍ୟୋପଯୋଗୀ ହୋଇପାରିବ ସେନେଇ ଯତ୍ନବାନ୍ ହୁଅନ୍ତୁ। ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବଢ଼ାଇବାରେ ସହାୟକ ହେବ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ କେତେ ଅଛି ତାହା ଚେକ୍ କରିନେବାକୁ ଭୁଲନ୍ତୁ ନାହିଁ।

## ସୁସ୍ଥ ଶରୀର ପାଇଁ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏ ନେଇ ଆମକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ବିଶେଷଭାବେ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ପ୍ରତି ନଜର ଦେବାକୁ ପଡ଼େ। ତା'ସହ ଆଉ କେତୋଟି କଥାକୁ ଧ୍ୟାନ ଦେବା ନିହାତି ଦରକାର। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ଯଦି ସବୁବେଳେ ବ୍ୟାୟାମ କରୁଛନ୍ତି ତେବେ ଆହୁରି ଭଲ। ଅଧିକ ସମୟ ଖାଲିପେଟରେ ରୁହନ୍ତୁ ନାହିଁ। ଏହାଦ୍ୱାରା ପେଟରେ ଏସିଡିଟି ବଢ଼ିଯାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି କିଛି ଖାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା, ସକାଳ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନଭୋଜନ ଏବଂ ରାତ୍ର ଭୋଜନ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତ କଲେ ଭଲ। କାରଣ ଠିକ୍ ସମୟରେ ଖାଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷକରି ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ନିଜକୁ ସୁସ୍ଥ ରଖିବା ଲାଗି ପାଣି ପିଇବା ନିହାତି ଜରୁରୀ। ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଅଧିକ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। ସବୁବେଳେ ନିଜକୁ ନିଶାଦ୍ରବ୍ୟଠାରୁ ଦୂରେଇ ରଖନ୍ତୁ। ନ ହେଲେ ତାହା ପରୋକ୍ଷରେ କେତେକ ଜୀବନନାଶକ ରୋଗକୁ ଡାକିଆଣିଥାଏ। ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଋତୁ ଅନୁସାରେ ଆମକୁ ନିଜର ଖାଦ୍ୟପେୟ ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ନିଜେ ନୀରୋଗ ରହିବା ସହ ପାଚନକ୍ରିୟା ସକ୍ରିୟ ରହୁଥିବ।

➤ରାତିରେ ଶୋଇବାକୁ ଯିବା ପୂର୍ବରୁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଜରୁରୀ। ଏହି ସମୟରେ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ତା'ସହ ଠିକ୍ ଶୋଇବା ପୂର୍ବରୁ ଅଧିକ ସମୟ ଟିଭି, ମୋବାଇଲ ଦେଖନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➤ବୟସ ବଢ଼ିବା ସହ ଅଷ୍ଟିଓପୋରୋସିସ୍ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ନିଜର ଅସ୍ଥି କିପରି ମଜଭୁତ ରହିବ ସେନେଇ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ।

➤ନିଜ ଓଜନ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। କାରଣ ଏହା ଯଦି ଆବଶ୍ୟକତାଠାରୁ ଅଧିକ ରହିଲା, ତେବେ ତାହା କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➤ପାଣି ଦ୍ୱାରା ଆମେ କେତେକ ରୋଗରେ ଆକ୍ରାନ୍ତ ହୋଇଥାଉ। ତେଣୁ ସବୁବେଳେ ପାଣିକୁ ଫୁଟାଇ ପିଅନ୍ତୁ।

➤ଯଦି କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତେବେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଯଦି ଏହା ଗୁରୁତର ଆକାର ଧାରଣ କରେ ତେବେ ଅଯଥା ଖର୍ଚ୍ଚାନ୍ତ ହେବା ସହ ଏଭଳି ସମୟ ଆସିବ ତାହା ଜୀବନନାଶକ ହୋଇପାରେ।

➤ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ କରନ୍ତୁ। କାରଣ ଆମେ ଶୋଇଥିବା ଅବସ୍ଥାରେ ରକ୍ତପ୍ରବାହ ଟିକେ ଶିଥିଳ ହୋଇଯାଇଥାଏ। ଏହାକୁ ସାଧାରଣ ସ୍ତରକୁ ଆଣିବାରେ ଏଭଳି ଏକ୍ସରସାଇଜ ସାହାଯ୍ୟ କରିଥାଏ।



# ସ୍ୱାସ୍ଥ୍ୟୋପକାରୀ ବାଷ୍ପଶୀଳ ତୈଳ



ଡ. ସୌମ୍ୟା ନନ୍ଦ

"ବାଷ୍ପଶୀଳ ତୈଳ ବା ଇସେନ୍‌ସିଆଲ ଅଏଲ୍ ଏକ ସାରତତ୍ତ୍ୱ, ଯାହାକି ବୃକ୍ଷଲତାର ବିଭିନ୍ନ ଭାଗରୁ ସଂଗ୍ରହ କରାଯାଏ। ଏହା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ ଏବଂ ଇସେଣ୍ଟିସାଇଡାଲ। କିଛି ବାଷ୍ପଶୀଳ ତୈଳ କ୍ୟାନ୍‌ସର ପରି ମାରାତ୍ମକ ରୋଗର କେତେକାଂଶରେ ନିରାକରଣରେ ମଧ ସହାୟକ ହୋଇପାରିବ ବୋଲି ଜଣାପଡ଼ିଛି।"

ପ୍ରଗତିଶୀଳ ପୃଥିବୀରେ ଏବେ ମଣିଷ ନିଜର ଜୀବନଶୈଳୀ ଉପରେ ବିଶେଷ ଯତ୍ନବାନ୍। ତେଣୁ ବୈଜ୍ଞାନିକମାନେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ ନୂଆ ନୂଆ ଜିନିଷ ଉଦ୍ଭାବନ କରିଆସୁଛନ୍ତି। ତନ୍ମଧ୍ୟରୁ ବାଷ୍ପଶୀଳ ତୈଳ ଅନ୍ୟତମ ସଫଳ ଉଦ୍ୟମ।

ତେବେ ଏହି ବାଷ୍ପଶୀଳ ତୈଳ କ'ଣ? ଏହା କିପରି ଜୀବନଶୈଳୀକୁ ପ୍ରଭାବିତ କରୁଛି ତାହା ମଧ୍ୟ ଜାଣିବା ଦରକାର। ବହୁ ପ୍ରାଚୀନ କାଳରୁ ଗଛପତ୍ରର ଉପାଦେୟତା ଏବଂ କେତେକ ରୋଗର ଉପଚାର ମଧ୍ୟ କରାଯାଇପାରୁଛି। ବାଷ୍ପଶୀଳ ତୈଳ ବା ଇସେନ୍‌ସିଆଲ ଅଏଲ୍ ଏକ ସାରତତ୍ତ୍ୱ, ଯାହାକି ବୃକ୍ଷଲତାର ବିଭିନ୍ନ ଭାଗରୁ ସଂଗ୍ରହ କରାଯାଏ। ଏହା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ ଏବଂ ଇସେଣ୍ଟିସାଇଡାଲ। କିଛି ବାଷ୍ପଶୀଳ ତୈଳ କ୍ୟାନ୍‌ସର ପରି ମାରାତ୍ମକ ରୋଗର କେତେକାଂଶରେ ନିରାକରଣରେ ମଧ୍ୟ ସହାୟକ ହୋଇପାରିବ ବୋଲି ଜଣାପଡିଛି। ବାଷ୍ପଶୀଳ ତୈଳ କେବଳ ଯେ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପ୍ରସାଧନ ସାମଗ୍ରୀଗୁଡିକୁ ଦୀର୍ଘସ୍ଥାୟୀ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ରସାୟନ ବିଜ୍ଞାନ ଅନୁଯାୟୀ ଏ ସମସ୍ତ ବାଷ୍ପଶୀଳ ତୈଳରେ 'ଟରପେନ୍' ନାମକ ଏକ ରାସାୟନିକ ତତ୍ତ୍ୱ ରହିଛି। ଏହି ତତ୍ତ୍ୱଟି ସୁଗନ୍ଧମୟ ଏବଂ ତୈଳକୁ ରଙ୍ଗ ପ୍ରଦାନ କରିବାରେ ସହାୟକ ହୋଇଥାଏ। ତେବେ ଏହି ତୈଳର ସଂଗ୍ରହ ଏବଂ ଏହାକୁ ବ୍ୟବହାରକ୍ଷମ କରିବାରେ ଅନେକ ପ୍ରକ୍ରିୟା ମଧ୍ୟରୁ ହାଇଡ୍ରୋ ଡିଷ୍ଟିଲତ୍ୟୟମ ପ୍ରୋସେସ୍ ଅନେକାଂଶରେ ଆଦୃତ। ଏହି ପ୍ରଣାଳୀ ଦ୍ୱାରା ସ୍ୱଳ୍ପ ସମୟରେ ବୃକ୍ଷର ବିଭିନ୍ନ ପ୍ରାନ୍ତରୁ ମାତ୍ରାଧିକ ରସ ସଂଗ୍ରହ କରାଯାଇପାରିଥାଏ। ନିମ୍ନରେ କେତେକ ପ୍ରମୁଖ ବାଷ୍ପଶୀଳ ତୈଳ ସମ୍ପର୍କରେ ସୂଚନା ଦିଆଗଲା।

**ଲବଙ୍ଗ:** ଲବଙ୍ଗ ତୈଳ ଲବଙ୍ଗ ଫୁଲରୁ ସଂଗ୍ରହ କରାଯାଏ। ଏହା ଚର୍ମ ରୋଗ, ଦାନ୍ତ ଯନ୍ତ୍ରଣା, କ୍ଲାନ୍ତି ଦୂର କରିବା, ପୋଡ଼ାଜଳା, ବଦହଜମି ସମସ୍ୟା ଏବଂ ବ୍ରଣ ସମସ୍ୟାରୁ ମୁକ୍ତି ଦେଇଥାଏ।

**ଇଉକାଲପଟାସ:** ଏହା ଏକ ସୁଗନ୍ଧମୟ ତୈଳ। ଏହାକୁ ବ୍ୟବହାର କରିବା ଦ୍ୱାରା ଥଣ୍ଡା ସମୟରେ ଶ୍ୱାସକ୍ରିୟାଜନିତ ସମସ୍ୟାକୁ କେତେକାଂଶରେ ସମାଧାନ କରିଥାଏ। ତା'ସହ କଫ ସମସ୍ୟାରୁ ଉପଶମ ଦେଇଥାଏ।

**ଲାଭଣ୍ଡେର:** ଏହା ଲାଭେଣ୍ଡର ଅଙ୍ଗୁଷଟିକଫଅଲିଆ ନାମକ ଏକ ବୃକ୍ଷରୁ ସଂଗ୍ରହ କରାଯାଇଥାଏ। ଉକ୍ତ ସୁଗନ୍ଧିତ ତୈଳ ନିଦ୍ରାହୀନତା ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି। ଏହାକୁ ବିଭିନ୍ନ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରେ। ଏହି ତୈଳ ମାଂସପେଶୀକୁ ମଧ୍ୟ ଦୃଢ଼ ରଖିଥାଏ।

**ଲେମନ ତୈଳ :** ଲେମ୍ବୁ ଚୋପାରୁ ଏହାକୁ ନିଷ୍କାସନ କରାଯାଇଥାଏ। ଏହାକୁ ସାବୁନ ପ୍ରସ୍ତୁତି, ରୁମ୍ ଫ୍ରେଶ୍‌ନର, କାର୍ ଫ୍ରେଶ୍‌ନର ଭାବେ ବ୍ୟବହାର କରାଯାଇପାରିବ। ଓଜନ ହ୍ରାସ ନିମନ୍ତେ ଏହାକୁ ମଧ୍ୟ ବ୍ୟବହାର କରିପାରନ୍ତି।

**ପିପ୍ପେରମେଣ୍ଟ:** ଏହାକୁ ମେନ୍ଥ ପିପେରିଟା ଗଛର ପତ୍ର କିମ୍ବା ଫୁଲରୁ ସଂଗ୍ରହ କରାଯାଇଥାଏ। ଏହି ତୈଳକୁ ମେନ୍ଥା ଅଏଲ ବୋଲି ମଧ୍ୟ କୁହାଯାଏ। ଏହାକୁ ବ୍ୟବହାର କଲେ ଥଣ୍ଡା, ମାଂସପେଶୀଜନିତ କଷ୍ଟ, ମୁଣ୍ଡବିନ୍ଧା, ଚର୍ମଗତ ସମସ୍ୟା, ବାନ୍ତି ଲାଗିବା ଆଦିରୁ ଉପଶମ ଦେଇଥାଏ।

**ନିମ ତୈଳ:** ନିମଗଛର ବୀଜରୁ ଏହି ତେଲ ସଂଗ୍ରହ କରାଯାଇଥାଏ। ଏହା ଏକ କୀଟନାଶକ ଭାବରେ ବହୁ ପ୍ରଚଳିତ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, କ୍ୟାନ୍‌ସର ସହ ଲଢ଼ିବାରେ ଏହାର କ୍ଷମତା ରହିଛି।

ତେବେ ଏସବୁ ତୈଳ ବାଷ୍ପଶୀଳ ତୈଳ ସୁପରଷ୍ଟୋର, ଆୟୁର୍ବେଦିକ ଦୋକାନରେ ଉପଲବ୍ଧ। ଏହାକୁ କିପରି ବ୍ୟବହାର କରିବେ ସେନେଇ ତୈଳର ବାହାରପଟରେ ଲଗାଯାଇଥିବା ଲେଖା ପଢ଼ି ଜାଣିପାରିବେ କିମ୍ବା ବାଷ୍ପତୈଳ ବିଶେଷଜ୍ଞଙ୍କ ସହ ଏ ନେଇ ବିଶଦ୍ ଭାବରେ ଆଲୋଚନା କରନ୍ତୁ।

-ଅଧ୍ୟାପିକା, ବାଣିଜ୍ୟ ବିଭାଗ,
ଢେଙ୍କାନାଳ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଢେଙ୍କନାଳ
ମୋ: ୮୭୬୩୦୭୦୮୦୪



# ୧୦୦୦ ଛୁଇଁଲା ଆଇପିଏଲ୍

## ୨୦୦୮ରୁ ଆରମ୍ଭ

୨୦୦୭ ମସିହାରେ ଟି୨୦ ବିଶ୍ୱକପର ଅଭ୍ୟୁଦୟ ଏବଂ ଇଣ୍ଡିଆନ୍ କ୍ରିକେଟ ଲିଗ(ଆଇସିଏଲ୍)ର ପ୍ରତିଷ୍ଠାରୁ ଅନୁପ୍ରାଣିତ ହୋଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍) ଆରମ୍ଭ ହୋଇଛି। ଲଳିତ ମୋଦିଙ୍କ ମାନସ ସନ୍ତାନ ଆଇପିଏଲ୍ର ୧୫ଟି ସଂସ୍କରଣ ଶେଷ ହୋଇଥିବା ବେଳେ ଏହା ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍ରେ ପରିଣତ ହୋଇଛି। ଲୋକପ୍ରିୟତା ଶିଖର ଛୁଇଁଥିବା ବେଳେ ମିଡିଆ ରାଇଟ୍ସ ବାବଦରେ ଏହାର ଆୟ ଇଂଲିଶ ପ୍ରିମିୟର ଲିଗ୍କୁ ପଛରେ ଛାଡ଼ିଛି। ରବିବାର ଆଇପିଏଲ୍ର ୧୦୦୦ତମ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ପରସ୍ପରକୁ ଭେଟିଛନ୍ତି ପ୍ରଥମ ସଂସ୍କରଣ ଚାମ୍ପିୟନ୍ ରାଜସ୍ଥାନ ରୟାଲ୍ସ ଓ ଆଇପିଏଲ ଇତିହାସର ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ। ଏହି ଅବସରରେ ବିସିସିଆଇ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ଦଳର ଖେଳାଳି, ଅଧିନାୟକଙ୍କ ସମେତ ପୂର୍ବତନ ଖେଳାଳିଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁମ୍ବାଇ ଅଧିନାୟକ ରୋହିତ ଶର୍ମା, ମୁମ୍ବାଇର ମେଣ୍ଟର ସଚିନ ତେନ୍ଦୁଲକର, ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ୍ ଓ ଡିରେକ୍ଟର ଅଫ୍ କ୍ରିକେଟ କୁମାର ସାଙ୍ଗକାରାଙ୍କୁ ବିସିସିଆଇ ସମ୍ପାଦକ ଜୟ ଶାହା ସମ୍ମାନିତ କରିଥିଲେ। ୨୦୦୭ ଟି୨୦ ବିଶ୍ୱକପ୍ ସମୟରେ ଏହି ଟୁର୍ନାମେଣ୍ଟ ନେଇ ଘୋଷଣା ହୋଇଥିବା ବେଳେ ୨୦୦୮ରୁ ଏହାକୁ ଆରମ୍ଭ କରାଯାଇଥିଲା। ୧୫ଟି ସଂସ୍କରଣ ମଧ୍ୟରେ ଅଗଣିତ ରେକର୍ଡ ହୋଇଛି ଏବଂ ଭାଙ୍ଗିଛି। ଟୁର୍ନାମେଣ୍ଟର ସଫଳ ଦଳ ଭାବରେ ମୁମ୍ବାଇ ସର୍ବାଧିକ ୫ ଓ ଚେନ୍ନାଇ ୪ ଥର ଚାମ୍ପିୟନ୍ ହୋଇଛି। କୋଲକାତା ନାଇଟ୍ ରାଇଡର୍ସ ଦୁଇ ଥର ଏହି ସଫଳତା ହାସଲ କରିଥିବା ବେଳେ ଡେକାନ୍ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ, ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟନ୍ସ ଥରେ ଲେଖାଏ ଟାଇଟଲ ହାସଲ କରିଛନ୍ତି।




ଆଇପିଏଲ୍ର ୧୦୦୦ତମ ମ୍ୟାଚ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ମେଣ୍ଟର ସଚିନ ତେନ୍ଦୁଲକର, ଅଧିନାୟକ ରୋହିତ ଶର୍ମା ଓ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଫର୍ମାଟ

ଆରମ୍ଭରୁ ଏହି ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟରେ ଖେଳା ଯାଉଥିଲା। ପରବର୍ତ୍ତୀ ସମୟରେ ଦଳ ସଂଖ୍ୟା ୧୦କୁ ବୃଦ୍ଧି କରାଯାଇଥିବା ବେଳେ ଏହାକୁ ଦୁଇଟି ଗ୍ରୁପ୍ରେ ବିଭକ୍ତ କରାଯାଇଥାଏ। ପ୍ରଥମରୁ ଆଇପିଏଲରେ ୮ଟି ଫ୍ରାଞ୍ଚାଇଜି ସାମିଲ ଥିଲେ। ଧୀରେ ଧୀରେ ଫ୍ରାଞ୍ଚାଇଜି ସଂଖ୍ୟା ବୃଦ୍ଧି ପାଇ ବର୍ତ୍ତମାନ ଏହା ୧୦ରେ ପହଞ୍ଚିଛି। ଏପରିକି ୩ଟି ଫ୍ରାଞ୍ଚାଇଜି ପୁଣେ ୱାରିୟର୍ସ ଇଣ୍ଡିଆ(୩ ସିଜନ), ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ,ଗୁଜରାଟ ଲାୟନ୍ସ ଓ କୋଚି ଟସ୍କର୍ସ କେରଳ(୨ ସିଜନ) ଖେଳିଛନ୍ତି। ସ୍ପଟ୍ ଫିକ୍ସିଂ କାରଣରୁ ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ଦଳକୁ ୨୦୧୬-୧୭ ସିଜନରେ ଦୁଇ ବର୍ଷ ବାସନ୍ଦ କରାଯାଇଥିବା ବେଳେ ଏହି ସମୟରେ ହିଁ ଗୁଜରାଟ ଲାୟନ୍ସ ଓ କୋଚି ଟସ୍କର୍ସ ଦଳ ସାମିଲ ହୋଇଥିଲେ।

## ରେକର୍ଡ

ଆଇପିଏଲର ୧୫ ସଂସ୍କରଣରେ ସର୍ବାଧିକ ରନ୍ର ରେକର୍ଡ ବିରାଟ କୋହଲିଙ୍କ ନାମରେ ରହିଛି। ଏହା ସହ ଗୋଟିଏ ସଂସ୍କରଣରେ ସର୍ବାଧିକ ୯୭୩ ରନ୍ ସ୍କୋର କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ଆଇପିଏଲ୍ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍ଙ୍କ ନାମରେ ରହିଛି। ସେ ୧୭୫ ରନ୍ର ସର୍ବାଧିକ ସ୍କୋର କରିଥିବା ବେଳେ ତାଙ୍କ ନାମରେ ରହିଛି ସର୍ବାଧିକ ଶତକ(୬) ଓ ସର୍ବାଧିକ ଛକା(୩୨୬)ର ରେକର୍ଡ। ଏହା ସହ ୩୦ ବଲ୍ରେ ଶତକ ହାସଲ କରି ଆଇପିଏଲ୍ର ଦ୍ରୁତତମ ଶତକ ରେକର୍ଡ ନିଜ ନାମରେ ରଖିଛନ୍ତି। ୧୭୨ ଉଇକେଟ ସହିତ ଡ୍ୱେନ୍ ବ୍ରାଭୋ ଆଇପିଏଲ୍ର ସର୍ବାଧିକ ଉଇକେଟ ହାସଲକାରୀ ରହିଛନ୍ତି। ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ ଓ ରବିନ ଉଥାପାଙ୍କ ପରି ଖେଳାଳିଙ୍କ ନାମରେ ଉଇକେଟ୍ କିପିଂ ରେକର୍ଡ ରହିଥିବା ବେଳେ ଫିଲ୍ଡର ଭାବରେ ୧୦୨ କ୍ୟାଚ୍ ସହିତ ସୁରେଶ ରାଇନା ଆଗରେ ରହିଛନ୍ତି। ଆଇପିଏଲ୍ରେ ସର୍ବାଧିକ ଓ ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ନାମରେ ରହିଛି। ୨୦୧୩ରେ ପୁଣେ ୱାରିୟର୍ସ ବିପକ୍ଷରେ ଦଳ ୨୬୩ ରନ୍ ସ୍କୋର କରିଥିବା ବେଳେ ୨୦୧୭ରେ କୋଲକାତା ବିପକ୍ଷରେ ୪୯ ରନ୍ରେ ଅଲଆଉଟ ହୋଇଥିଲା।

## ହ୍ୟାଟ୍ରିକ୍

ଆଇପିଏଲ୍ର ୧୫ ସିଜନରେ ସମୁଦାୟ ୨୨ଟି ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ଅମିତ ମିଶ୍ର ସର୍ବାଧିକ ୩ ଓ ଯୁବରାଜ ସିଂ ୨ ଥର ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପତି ବାଲାଜୀ, ମାଖାୟା ଏନ୍ଟିନି, ରୋହିତ ଶର୍ମା, ପ୍ରବୀଣ କୁମାର, ଅଜିତ ଚାଣ୍ଡିଲା, ସୁନୀଲ ନାରିନ୍, ପ୍ରବୀଣ ତାମ୍ବେ, ସେନ୍ ୱାଟସନ, ଅକ୍ଷର ପଟେଲ, ସାମୁଏଲ ବଦ୍ରି, ଆଣ୍ଡ୍ର୍ୟୁ ଟାଏ, ଜୟଦେବ ଉନାଡକଟ, ସାମ୍ କୁରାନ, ଶ୍ରେୟସ୍ ଗୋପାଳ, ହର୍ଷଲ ପଟେଲ, ଯୁଜବେନ୍ଦ୍ର ଚହଲ ଓ ରଶିଦ୍ ଖାନ୍ ଥରେ ଲେଖାଏ ଏହି ସଫଳତା ହାସଲ କରିଛନ୍ତି।

## ଶତକ

୧୫ ସଂସ୍କରଣରେ ସମୁଦାୟ ୨୧ ଜଣ ବ୍ୟାଟର ଶତକ ହାସଲ କରିଛନ୍ତି। କ୍ରିସ୍ ଗେଲ୍ ସର୍ବାଧିକ ୬ ଶତକ ସହିତ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ବିରାଟ କୋହଲି ଓ ଜୋଶ ବଟଲରଙ୍କ ନାମରେ ୫ଟି ଲେଖାଏ ଶତକ ରହିଛି। ଡେଭିଡ୍ ୱାର୍ନର, ଶେନ୍ ୱାଟସନ୍ ଓ ଲୋକେଶ ରାହୁଲ ୪ଟି ଲେଖାଏ ଶତକ ହାସଲ କରିଛନ୍ତି। ଏବି ଡିଭିଲିୟର୍ସ ଓ ସଞ୍ଜୁ ସାମସନ୍ ୩ଟି ଲେଖାଏ ଶତକ ହାସଲ କରିଥିବା ବେଳେ ବ୍ରେଣ୍ଡନ୍ ମ୍ୟାକକୁଲମ୍, ଆଡାମ ଗିଲକ୍ରିଷ୍ଟ, ବୀରେନ୍ଦ୍ର ସେହ୍ୱାଗ, ମୁରଲୀ ବିଜୟ, ହାସିମ ଆମଲା, ଅଜିଙ୍କ୍ୟ ରାହାନେ, ଶିଖର ଧାୱନ ଓ ବେନ୍ ଷ୍ଟୋକ୍ସ ଦୁଇଟି ଲେଖାଏ ଶତକ ମାରିଛନ୍ତି।

# ରାଜସ୍ଥାନକୁ ହରାଇଲା ମୁମ୍ବାଇ



**ମୁମ୍ବାଇ,୩୦।୪:** ଯୁବ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ପ୍ରଥମ ଆଇପିଏଲ୍ ଶତକ ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚକୁ ୬ ଉଇକେଟରେ ହାରିଛି ରାଜସ୍ଥାନ ରୟାଲ୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଜୟସ୍ୱାଲଙ୍କ ୧୨୪ ରନ୍ ବଳରେ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୯.୩ ଓଭରରେ ୪ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଅରେଞ୍ଜ କ୍ୟାପ ହାସଲ କରିଥିବା ଜୟସ୍ୱାଲ ୬୨ ବଲ୍ ଖେଳି ୧୨୪ ରନ୍ କରିଥିଲେ। ଏହି ଇନିଂସରେ ୧୬ ଚୌକା ଓ ୮ ଛକା ସାମିଲ ଥିଲା। ଜୋସ୍ ବଟଲର ୧୮, ସଞ୍ଜୁ ସାମସନ୍ ୧୪ ଓ ଜାସନ୍ ହୋଲ୍ଡର ୧୧ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ମୁମ୍ବାଇ ପକ୍ଷରୁ ଅର୍ଶଦ ଖାନ୍ ସର୍ବାଧିକ ୩,ପୀୟୁଷ ଚାୱଲା ଦୁଇ ଉଇକେଟ ନେଇଥିଲେ। ୨୧୩ ରନ୍ ଲକ୍ଷ୍ୟର ପିଛା କରୁଥିବା ମୁମ୍ବାଇ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୫୫ ରନ୍ କରିଥିଲେ। ୧୫୨ ରନ୍ରେ ଦଳ ଚତୁର୍ଥ ଉଇକେଟ ହରାଇଥିଲେ ମଧ୍ୟ ଟିମ୍ ଡେଭିଡ୍ ୧୪ ବଲ୍ ୪୫ ଓ ତିଳକ ବର୍ମା ୨୯ ଦଳକୁ ବିଜୟୀ କରିଥିଲେ। ଉଭୟ ୨୩ ବଲ୍ ଖେଳି ୬୨ ରନ୍ ଯୋଡିଥିଲେ। ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଦୁଇ ଉଇକେଟ ନେଇଥିବା ବେଳେ ସନ୍ଦୀପ ଶର୍ମା ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୨/୭ (ଯଶସ୍ୱୀ ଜୟସ୍ୱାଲ-୧୨୪, ଜୋସ୍ ବଟଲର-୧୮, ସଞ୍ଜୁ ସାମସନ୍-୧୪, ଅର୍ଶଦ୍ ଖାନ୍-୩/୩୯, ପୀୟୁଷ ଚାୱଲା-୨/୩୪, ଜୋଫ୍ରା ଆର୍ଚର-୧/୩୫)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୩ ଓଭରରେ ୨୧୪/୪ (ସୂର୍ଯ୍ୟକୁମାର ଯାଦବ-୫୫, କାମେରନ୍ ଗ୍ରୀନ୍-୪୪, ତିଳକ ବର୍ମା-୨୯, ଆର୍. ଅଶ୍ୱିନ-୨/୨୭, ସନ୍ଦୀପ ଶର୍ମା-୧/୩୫, ଟ୍ରେଣ୍ଟ ବୋଲ୍ଟ-୧/୪୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୦.୬୩୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୮୪୧ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୩୨୯ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୪ | ୧୦ | -୦.୪୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୪ | ୪ | ୮ | -୦.୧୩୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୫୦୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୨ | ୬ | ୪ | -୦.୮୯୮ |










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ